

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୭ ସେପ୍ଟେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 17 SEPTEMBER 2023
Vol.No. 35 ■ No. 246■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ହାଇଦ୍ରାବାଦରେ କଂଗ୍ରେସ ମେଳି

### ଆଜିଠୁ ବସିଲା ଦୁଇ ଦିନିଆ ସିଡବ୍ଲୁସି ବୈଠକ, କଂଗ୍ରେସକୁ ବିଆରଏସର ବିରୋଧ




ନୂଆଦିଲ୍ଲୀନୂଆଦିଲ୍ଲୀ,୧୬/୦୯ : ଦିଲ୍ଲୀରୁ ହାଇଦ୍ରାବାଦକୁ ଛୁଟିଛନ୍ତି କଂଗ୍ରେସର ହେଭିଓ୍ୱେଟ ନେତା। କାରଣ ଆଜିଠୁ ଏଠାରେ ଦୁଇ ଦିନିଆର ସିଡବ୍ଲୁସି ବୈଠକ ଆରମ୍ଭ ହୋଇଛି । କଂଗ୍ରେସର ଅଧ୍ୟକ୍ଷ ହେବା ପରେ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ଅଧ୍ୟକ୍ଷତାରେ ପ୍ରଥମ ଥର ପାଇଁ ବସିଛି ବୈଠକ । ତେଲେଙ୍ଗାନା ବିଧାନସଭା ନିର୍ବାଚନ ସମେତ ୪ରାଜ୍ୟକୁ ଫୋକସରେ ରଖିଛି ଦଳ । ମିଳିଥିବା ସୂଚନା ଅନୁସାରେ ରବିବାର କଂଗ୍ରେସ ଏଠାରେ ବିଜୟ ରାଲି ବାହାର କରିବା ସହ ତେଲେଙ୍ଗାନାବାସୀଙ୍କୁ ଦେବ ୫ଟି ଗ୍ୟାରେଣ୍ଟି । ବୈଠକରେ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ବାଡ୍ରାଙ୍କ ସହ ଦଳର ଅଧିକାଂଶ ବରିଷ୍ଠ ନେତା ଯୋଗ ଦେବାକୁ ହାଇଇଦ୍ରାବାଦରେ ପହଁଚିଛନ୍ତି । ମିଳିଥିବା ସୂଚନା ଅନୁସାରେ ବୈଠକରେ ୫ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନ ସମେତ ଇଣ୍ଡିଆ ମେଂଟ ଉପରେ ଆଲୋଚନା ହେବ । ଏଥିସହ ବେକାରୀ, ଦରଦାମ ବୃଦ୍ଧି. ମଣିପୁର ହିଂସା, ଜମ୍ମୁକଶ୍ମୀର ସ୍ଥିତିକୁ ନେଇ ସରକାରଙ୍କୁ ଘେରିବା ପାଇଁ ରଣନୀତି ପ୍ରସ୍ତୁତ ହେବ । ନିକଟରେ କଂଗ୍ରେସ ଓ୍ୱାର୍କିଂ କମିଟି ପୁନଃଗଠନ ହୋଇଥିଲା । ତେଣୁ ଏବେ ଦେଖିବାକୁ ବାକି ରହିଲା ଦଳର ଆଗାମୀ ରଣନୀତି କଣ ହେବ । ହାଇଦ୍ରାବାଦରେ କଂଗ୍ରେସର ମେଳିକୁ ସହଜରେ ଗ୍ରହଣ କରିପାରିନି ବିଆରଏସ । କଂଗ୍ରେସ ଦଳ ନିଜ ଆଭ୍ୟନ୍ତରୀଣ ସମସ୍ୟା ସମ୍ଭାଳୁ ପରେ ତେଲେଙ୍ଗାନାକୁ କବଜା କରିବାକୁ ଯୋଜନା କରୁ ବୋଲି କଟାକ୍ଷ କରିଛି ଦଳ । ବିଆରଏସ ନେତ୍ରୀ କେ କବିତା କହିଛନ୍ତି କଂଗ୍ରେସ ନିଜର ଦ୍ୱନ୍ଦ ସମ୍ଭାଳି ନପାରି ବିକଳରେ ତାଟିଆ କାମୁଡୁଛି । ଗୋଟେପଟେ ବସିଛି କଂଗ୍ରେସର ସିଡବ୍ଲୁସି ବୈଠକ ଅନ୍ୟପଟେ ତେଲେଙ୍ଗାନାର ବିଭିନ୍ନ ସ୍ଥାନରେ ପୋଷ୍ଟର ଓ୍ୱାର ଦେଖିବାକୁ ମିଳିଛି । ସ୍ଥାନେ ସ୍ଥାନେ କଂଗ୍ରେସ ଓ ଶାସକ ଦଳ ବିଆରଏସ ପରସ୍ପର ଉପରେ ପୋଷ୍ଟର ଓ୍ୱାର କରୁଥିବା ଦେଖିବାକୁ ମିଳିଛି । ଚଳିତବର୍ଷ ଶେଷ ସୁଦ୍ଧା ହେବ ତେଲେଙ୍ଗାନା ବିଧାନସଭା ନିର୍ବାଚନ । ଏଠାରେ କଂଗ୍ରେସ ଓ ଶାସକ ଦଳ ବିଆରଏସ ମଧ୍ୟରେ କଡ଼ା ମୁକାବିଲା ହୋଇପାରେ । ଉଭୟ ଦଳ ପରସ୍ପରକୁ ଟକ୍କର ଦେବାକୁ ପ୍ରସ୍ତୁତ ହେଉଛନ୍ତି ।

## ଅବକାରୀ ମାମଲାର ଶୁଣାଣି ପାଇଁ ୧୧ ଜିଲ୍ଲାରେ ସ୍ୱତନ୍ତ୍ର କୋର୍ଟ



ଭୁବନେଶ୍ୱର, ୧୬/୦୯ (ନି.ପ୍ର): ରାଜ୍ୟରେ ଚୋରା ମଦ, ଡ୍ରଗ୍ସ ଓ ଅନ୍ୟାନ୍ୟ ମାଦକଦ୍ରବ୍ୟ କାରବାର ବୃଦ୍ଧି ପାଉଥିବାରୁ ଅବକାରୀ ମାମଲାର ବିଚାର ପାଇଁ ୧୧ଟି ଜିଲ୍ଲାରେ ସ୍ୱତନ୍ତ୍ର କୋର୍ଟ କାର୍ଯ୍ୟ କରିବ । ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସହ ବିଚାରବିମର୍ଶ କରିବା ପରେ ରାଜ୍ୟ ସରକାର ୧୧ଟି ରାଜସ୍ୱ ଜିଲ୍ଲାରେ ଅତିରିକ୍ତ ଜିଲ୍ଲା ଓ ସେସନ୍ ଜଜଙ୍କ କୋର୍ଟରେ ଏହି ସ୍ୱତନ୍ତ୍ର କୋର୍ଟ ଖୋଲିବାକୁ ଅବକାରୀ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ବିଜ୍ଞପ୍ତି ଅନୁସାରେ ଏହି ସବୁ ସ୍ୱତନ୍ତ୍ର କୋର୍ଟରେ ଅବକାରୀ ଅପରାଧ ମାମଲାର ବିଚାର ହେବ । କିନ୍ତୁ ଯେଉଁ ଅବକାରୀ ଅପରାଧରେ ୩ବର୍ଷ ବା ୩ରୁ ୭ବର୍ଷ ପର୍ଯ୍ୟନ୍ତ ଦଣ୍ଡାଦେଶ ଓ ୧୦ହଜାରରୁ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଆଦାୟର ପ୍ରାବଧାନ ଥିବ ସେହି ମାମଲାଗୁଡ଼ିକ ଏହି ସ୍ୱତନ୍ତ୍ର କୋର୍ଟରେ ବିଚାର ହୋଇପାରିବ ନାହିଁ। ଅବକାରୀ ଅପରାଧ ପାଇଁ ସମ୍ବଲପୁର, ଗଜପତି, ଢେଙ୍କାନାଳ, କନ୍ଧମାଳ, ଜଗତସିଂହପୁର, ବାଲେଶ୍ୱର, କଳାହାଣ୍ଡି, ଯାଜପୁର, ଗଞ୍ଜାମ,ବଲାଙ୍ଗୀର ଓ ବରଗଡ଼ ରାଜସ୍ୱ ଜିଲ୍ଲାଗୁଡ଼ିକରେ ଥିବା ଅତିରିକ୍ତ ଜିଲ୍ଲା ଓ ସେସନ୍ ଜଜ୍ କୋର୍ଟଗୁଡ଼ିକରେ ଏହି ସ୍ୱତନ୍ତ୍ର କୋର୍ଟ କାର୍ଯ୍ୟ କରିବ । ଏସବୁ ସ୍ୱତନ୍ତ୍ର କୋର୍ଟ ସମ୍ପୃକ୍ତ ରାଜସ୍ୱ ଜିଲ୍ଲାର ମାମଲାର ହିଁ ବିଚାର କରିବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି ।

## ୪ ଓଏଏସଙ୍କ ବଦଳି ବାତିଲ




ଭୁବନେଶ୍ୱର, ୧୬/୦୯ (ନି.ପ୍ର): ରାଜ୍ୟ ସରକାର ଓଏଏସ୍ ଅଫିସରସ୍ତରରେ ବଦଳି କରିଛନ୍ତି। ପୂର୍ବରୁ ବଦଳି ହୋଇଥିବା ୪ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କ ବଦଳିକୁ ବାତିଲ କରିଥିବାବେଳେ ଭୁବନେଶ୍ୱର ଉନ୍ନୟନ ପ୍ରାଧିକରଣ (ବିଡିଏ) ଏନଫୋର୍ସମେଂଟ୍ ଅତିରିକ୍ତ କମିଶନର ତଥା ବରିଷ୍ଠ ଓଏଏସ୍ ହରିଶ ଚନ୍ଦ୍ର ନାୟକଙ୍କୁ ତାଙ୍କ ପଦରୁ ହଟାଇ ଦେଇଛନ୍ତି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ବରିଷ୍ଠ ଓଏଏସ୍ ହରିଶ ଚନ୍ଦ୍ର ନାୟକଙ୍କୁ ଲୋକାୟୁକ୍ତଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ନିର୍ଦ୍ଦେଶକ(ତଦନ୍ତ) ଭାବେ ବଦଳି ହୋଇଛି । ଶ୍ରୀ ନାୟକ ଏବେ ବିଡିଏ ଏନଫୋର୍ସମେଂଟ ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି । ସେହିପରି ବୋର୍ଡ ଅଫ ରେଭନ୍ୟୁ ଅତିରିକ୍ତ ସଚିବ ସନ୍ତୋଷୀ ସାହୁଙ୍କ ବଦଳିକୁ ବାତିଲ କରାଯାଇଛି । ଶ୍ରୀମତୀ ସାହୁଙ୍କ ବଦଳି ଲୋକାୟୁକ୍ତ କାର୍ଯ୍ୟାଳୟର ଅତିରିକ୍ତ ନିର୍ଦ୍ଦେଶକ(ତଦନ୍ତ) ଭାବେ ହୋଇଥିଲା। ସେହିପରି ବରିଷ୍ଠ ଓଏଏସ୍ ସରିତା ଧନଓ୍ୱରଙ୍କୁ କୃଷି ଓ କୃଷକ କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି ହୋଇଛି ।

▶▶ପୃଷ୍ଠା ୭

## ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଲେ ଆରଆଇ



ଜଗତସିଂହପୁର, ୧୬/୦୯ (ନି.ପ୍ର): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଜଗତସିଂହପୁର ଜିଲ୍ଲା ବାଲିକୁଦା ତହସିଲ ଅନ୍ତର୍ଗତ ବାହାରଣା ସର୍କଲର ରାଜସ୍ୱ ନିରୀକ୍ଷକ (ଆରଆଇ) ରମାକାନ୍ତ ବେହେରା। ସେ ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଧରିଛନ୍ତି। ଜମି ପାର୍ଟିସନ ସୁଟ୍ ତଦନ୍ତ ରିପୋର୍ଟ ଦେବା ପାଇଁ ନିକୁଞ୍ଜ ସ୍ୱାଇଁ ନାମକ ଜଣେ ବ୍ୟକ୍ତିଙ୍କ ଠାରୁ ଆରଆଇ ରମାକାନ୍ତ ବେହେରା ୪ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଜଗତସିଂହପୁର ଭିଜିଲାନ୍ସ ଟିମ୍ ହାତରେ ଧରା ପଡ଼ିଥିଲେ। ଭିଜିଲାନ୍ସ ଟିମ୍ ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରିଛି ଓ ତାଙ୍କୁ ନିଜ ହେପାଜତରେ ରଖି ତଦନ୍ତ ଜାରି ରଖିଛି। କଟକ ଓ ଜଗତସିଂହପୁର ଭିଜିଲାନ୍ସ ଟିମ ତରଫରୁ ଆରଆଇ ରମାକାନ୍ତ ବେହେରାଙ୍କ ବାହାରଣା ଅଫିସ, କଣ୍ଟିଲୋ ସ୍ଥିତ ପୈତୃକ ବାସଭବନ ଓ କିଶନ ନଗର ସ୍ଥିତ ଭଡ଼ା ଘରେ ମିଳିତ ଚଢ଼ାଉ କରାଯାଇଥିବା ଜଗତସିଂହପୁର ଭିଜିଲାନ୍ସ ଇନ୍ସପେକ୍ଟର ଅନୁପମା ସାହୁ ସୂଚନା ଦେଇଛନ୍ତି। ରମାକାନ୍ତ ବେହେରା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଛି।

## ଦିନଟେ ଘୁଞ୍ଚିଲା ବିଧାନସଭା ବାଚସ୍ପତି ନିର୍ବାଚନ

ଭୁବନେଶ୍ୱର, ୧୬/୦୯ (ନି.ପ୍ର):ଉଭୟ କଂଗ୍ରେସ ଓ ବିଜେପି ବିଧାୟକଙ୍କ ଜୋରଦାର ବିରୋଧ ପରେ ନିଷ୍ପତ୍ତି ବଦଳାଇଲେ ସରକାର। ଦିନଟିଏ ଘୁଞ୍ଚିଲା ବିଧାନସଭା ବାଚସ୍ପତି ନିର୍ବାଚନ। ନୂଆଖାଇକୁ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ସେପ୍ଟେମ୍ବର ୨୧ ତାରିଖରେ ବାଚସ୍ପତି ନିର୍ବାଚନ ପାଇଁ ସରକାର ପୂର୍ବର ଘୋଷଣା କରିଥିଲେ। ତେବେ ଏହାକୁ ୨୨ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ୨୨ ତାରିଖ ସକାଳ ସାଢ଼େ ୯ଟାରେ ବାଚସ୍ପତି ନିର୍ବାଚନ ହେବ। ତା' ପୂର୍ବରୁ ୨୧ ତାରିଖରେ ଏଥିପାଇଁ ନାମାଙ୍କନପତ୍ର ଦାଖଲ ଶେଷ ହେବ। କଂଗ୍ରେସ ଓ ବିଜେପି ବିଧାୟକମାନେ ବାଚସ୍ପତି ନିର୍ବାଚନକୁ ବର୍ଜନ କରିବାକୁ ଘୋଷଣା କରିଥିଲେ। ୨୦ ତାରିଖରେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ପଡୁଥିବା ବେଳେ ସରକାର ସେହି ସମୟରେ ଅର୍ଥାତ୍ ତା' ପରଦିନ ବାଚସ୍ପତି ନିର୍ବାଚନ କରିବାକୁ ନିଷ୍ପତ୍ତି ନେଇଥିବାରୁ ଉଭୟ କଂଗ୍ରେସ ଓ ବିଜେପି ବିଧାୟକମାନେ ବିରୋଧ କରିଥିଲେ। ଏହା ପଶ୍ଚିମ ଓଡ଼ିଶା ପ୍ରତି ସରକାରଙ୍କ ବୈମାତୃକ ମନୋଭାବର ପ୍ରତିଫଳନ ବୋଲି ସେମାନେ କହିଥିଲେ।

## ୧୮ରୁ ପୁଣି ବଢ଼ିବ ବର୍ଷା

ଭୁବନେଶ୍ୱର, ୧୬/୦୯ (ନି.ପ୍ର): ଦୁଇ ଦିନ ଧରି ରାଜ୍ୟରେ ମୌସୁମୀ ବର୍ଷା ଲାଗି ରହିବା ପରେ ଆଜି ସାମାନ୍ୟ କମିଛି। ହେଲେ ୧୮ରୁ ପୁଣି ବର୍ଷାର ପରିମାଣ ବଢ଼ିବ। ୨୦ ତାରିଖରୁ ରାଜ୍ୟର ଅଧିକାଂଶ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ୧୮ ତାରିଖରେ ଅନୁଗୋଳ, ବୌଦ୍ଧ, କନ୍ଧମାଳ, ଗଞ୍ଜାମ, ନୟାଗଡ଼ ଓ ଖୋର୍ଦ୍ଧା ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

▶▶ପୃଷ୍ଠା ୭

## ୨୩ରେ ବସିବ 'ୱାନ୍ ନେସନ, ୱାନ୍ ଇଲେକ୍ସନ' କମିଟିର ପ୍ରଥମ ବୈଠକ




ନୂଆଦିଲ୍ଲୀ,୧୬/୦୯ : ସେପଟେମ୍ବର ୨୩ରେ 'ୱାନ ନେସନ, ୱାନ ଇଲେକ୍ସନ' ବା 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' କମିଟିର ପ୍ରଥମ ବୈଠକ ବସିବ। ଏହି ସୂଚନା ଦେଇଛନ୍ତି ପୂର୍ବତନ ରାଷ୍ଟ୍ରପତି ତଥା 'ୱାନ ନେସନ, ୱାନ ଇଲେକ୍ସନ' କମିଟିର ଅଧ୍ୟକ୍ଷ ରାମନାଥ କୋବିନ୍ଦ। ସେ ଆଜି ଭୁବନେଶ୍ୱର ଗସ୍ତରେ ଆସିଥିବା ଅବସରରେ ଏହି କଥା କହିଛନ୍ତି। ରାମନାଥ କୋବିନ୍ଦ ଏକ ଘରୋଇ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଭୁବନେଶ୍ୱର ଆସିଛନ୍ତି। ଏକା ଥରକେ ଲୋକସଭା ଓ ସବୁ ରାଜ୍ୟର ବିଧାନସଭା ନିର୍ବାଚନ କରାଇବାକୁ ଚେଷ୍ଟା କରୁଛନ୍ତି କେନ୍ଦ୍ର ସରକାର। ଏହାକୁ କେମିତି କାର୍ଯ୍ୟକାରୀ କରାଯାଇପାରିବ, ସେଥିପାଇଁ ଏକ କମିଟି ଗଠନ କରାଯାଇଛି। ଏହି କମିଟିର ଅଧ୍ୟକ୍ଷ ହେଉଛନ୍ତି ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, କଂଗ୍ରେସର ଲୋକସଭା ନେତା ଅଧୀର ରଞ୍ଜନ ଚୌଧୁରୀ, ରାଜ୍ୟସଭାର ପୂର୍ବତନ ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ, ୧୫ତମ ଅର୍ଥ କମିଶନର ପୂର୍ବତନ ଅଧ୍ୟକ୍ଷ ଏନକେ ସିଂହ, ଲୋକସଭାର ପୂର୍ବତନ ସେକ୍ରେଟାରୀ ଜେନାରାଲ ସୁଭାଷ ସି କଶ୍ୟପ, ବରିଷ୍ଠ ଆଇନଜୀବୀ ହରିଶ ସାଲଭେ ଓ ଭିଜିଲାନ୍ସ କମିଶନର ପୂର୍ବତନ ମୁଖ୍ୟ ସଞ୍ଜୟ କୋଠାରୀଙ୍କୁ ଏହି କମିଟିରେ ସଦସ୍ୟ ଭାବେ ସରକାର ନିଯୁକ୍ତି ଦେଇଥିଲେ। ତେବେ କଂଗ୍ରେସର ଲୋକସଭା ନେତା ଅଧୀର ରଞ୍ଜନ ଚୌଧୁରୀ ଏହି କମିଟିରୁ ଓହରି ଯାଇଛନ୍ତି। ଆମ ଦେଶରେ ଲୋକସଭା ଓ ସମସ୍ତ ରାଜ୍ୟର ବିଧାନସଭା ନିର୍ବାଚନ ଏକାବେଳେ ହେବା କିଛି ନୂଆ କଥା ନୁହେଁ। ୧୯୬୭ ମସିହା ପର୍ଯ୍ୟନ୍ତ ଲୋକସଭା ଓ ସମସ୍ତ ରାଜ୍ୟର ବିଧାନସଭା ନିର୍ବାଚନ ଗୋଟିଏ ସମୟରେ ହୋଇଥିଲା। ମୋଟ ୪ ଥର ଏହିଭଳି ନିର୍ବାଚନ ହୋଇଥିଲା।

▶▶ପୃଷ୍ଠା ୭

## ମଧ୍ୟପ୍ରଦେଶରେ ଓଲଟିଲା ଯାତ୍ରୀବାହୀ ବସ୍, ୩ମୃତ

ଉଜ୍ଜୟିନୀ, ୧୬/୦୯ (ନି.ପ୍ର): ମଧ୍ୟପ୍ରଦେଶର ଖାଚରୌଦର ଫର୍ନାଖେଡି ନିକଟରେ ଓଲଟିଲା ଯାତ୍ରୀବାହୀ ବସ୍ । ବସ୍ଟି ଇନ୍ଦୋରରୁ ଯୋଧପୁର ଯାଉଥିବା ବେଳେ ଶୁକ୍ରବାର ମଧ୍ୟରାତ୍ରିରେ ଭାରସାମ୍ୟ ହରାଇ ଓଲଟିପଡିଛି । ଦୁର୍ଘଟଣାରେ କଣ୍ଡକ୍ଟର ସମେତ ୩ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୮ଜଣ ଆହତ ହୋଇଛନ୍ତି । ପ୍ରବଳ ବର୍ଷା ଓ ଅନ୍ଧାର ଯୋଗୁ ଏହି ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ ଆହତ ହୋଇଥିବା ସମସ୍ତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ପଠାଇ ଦିଆଯାଇଛି । ତେବେ ଉଦ୍ଧାର ପାଇଁ ବେଶ୍ ସମସ୍ୟା ଦେଖାଯାଇଥିଲା ।

## ଆନ୍ଦୋଳନ କରୁଛନ୍ତି ସାର୍: ସ୍କୁଲରେ ପାଠ ପଢ଼ାଇଲେ ଅଭିଭାବକ



ଭୁବନେଶ୍ୱର, ୧୬/୦୯ (ନି.ପ୍ର): ଦାବି ପୂରଣ ପାଇଁ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଆନ୍ଦୋଳନ କରୁଛନ୍ତି। ଯେଉଁଥିପାଇଁ ସ୍କୁଲରେ ପାଠ ପଢ଼ା ଏକରକମର ଠପ୍ ହୋଇଯାଇଛି। ଏପରି ସ୍ଥିତିରେ ନିଜ ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ ଆଗେଇ ଆସିଛନ୍ତି ଅଭିଭାବକ। ସ୍କୁଲ ଆସୁଥିବା ପିଲାଙ୍କୁ ଅଭିଭାବକମାନେ ପାଳି କରି ପଢ଼ାଉଛନ୍ତି। ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ନିର୍ବାଚନମଣ୍ଡଳୀ ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷୀରେ ଦେଖିବାକୁ ମିଳିଛି ଏପରି ଚିତ୍ର। କୁଳିଅଣା ବ୍ଲକ୍ ବ୍ଲକ ବାଉଁଶକଣ୍ଡିଆ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ଶ୍ରେଣୀ ଯାଏ ରହିଛି। ଏଠାରେ ଅଧ୍ୟୟନ କରୁଛନ୍ତି ୧୩୫ ଛାତ୍ରଛାତ୍ରୀ। ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ ନିୟୋଜିତ ହୋଇଛନ୍ତି ୭ ଶିକ୍ଷକ। ପ୍ରାଥମିକ ଶିକ୍ଷକ ସଂଘର ଆନ୍ଦୋଳନ ଯୋଗୁ ପ୍ରଧାନଶିକ୍ଷକଙ୍କୁ ଛାଡ଼ି ଅନ୍ୟ ସବୁ ଶିକ୍ଷକ ସ୍କୁଲ ଆସୁନାହାନ୍ତି। ଯେଉଁଥିପାଇଁ

▶▶ପୃଷ୍ଠା ୭

## 'ସନାତନ ଧର୍ମ ରାଷ୍ଟ୍ର ଓ ପରିବାର ପ୍ରତି ଏକ କର୍ତ୍ତବ୍ୟ, ଏହାକୁ ନଷ୍ଟ କରନି' : ମାଡ୍ରାସ୍ ହାଇକୋର୍ଟ



ନୂଆଦିଲ୍ଲୀ,୧୬/୦୯ : ଡିଏମକେ ନେତା ଉଦୟନିଧି ଷ୍ଟାଲିନ ସନାତନ ଧର୍ମ ବିରୋଧରେ ବୟାନ ଦେବା ପରଠାରୁ ଏହି ବିବାଦ ଥମିବାର ନାଁ ନେଉନି । ଏହା ପରେ ଆଉ ଜଣେ ନେତା ଏ. ରାଜା ଓ ଏକାଧିକ ସାଉଥ୍ ଅଭିନେତା ଏହା ଉପରେ ବିରୋଧାଭାଷ ଦେଇଛନ୍ତି ।

▶▶ପୃଷ୍ଠା ୭

# ପାରାଦୀପ ବନ୍ଦରରେ ସ୍ୱଚ୍ଛତା ପକ୍ଷ - ୨୦୨୩




ପାରାଦୀପ , ୧୬/୦୯ (ନି.ପ୍ର): ସ୍ୱଚ୍ଛତା ପକ୍ଷ ୨୦୨୩ ପରିପ୍ରେକ୍ଷୀରେ ପାରାଦୀପ ବନ୍ଦର ପ୍ରଶାସନିକ ଭବନ ପରିସରରେ ଶୁକ୍ରବାର ଦିନ ସ୍ୱଚ୍ଛତା ପକ୍ଷ ଆରମ୍ଭ ହୋଇଛି । ଏହି ଅବସରରେ ବନ୍ଦରର ବିଭାଗୀୟ ମୁଖ୍ୟ, ଉପ ମୁଖ୍ୟ, ଅଧିକାରୀ ଓ କର୍ମଚାରୀ ମାନଙ୍କ ଉପସ୍ଥିତିରେ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦ ସ୍ୱଚ୍ଛତାର ସପଥ ପାଠ କରାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ପରିପ୍ରେକ୍ଷୀରେ ପାରାଦୀପ ବନ୍ଦରର ସମସ୍ତ ବିଭାଗର କର୍ମଚାରୀ ଓ ଅନ୍ତେବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବନ୍ଦର ସହରର ପମ୍ପ ହାଉସ ମାନଙ୍କରେ ସଫେଇ କରାଯିବା ସହ ସଚେତନତା ହୋର୍ଡିଙ୍ଗ, ସ୍ୱଚ୍ଛତା ରଥ ପରିକ୍ରମା ସହିତ ବନ୍ଦରର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ଲାଗିଥିବା ଭିଡିଓ ସ୍କ୍ରିନରେ ସ୍ୱଚ୍ଛତା ସଚେତନତା ବାର୍ତ୍ତା ଓ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ଗଡଜାତ ମାଟି ସ୍ୱତନ୍ତ୍ରତା ଚାହେଁ, ଜିଲ୍ଲା ଆମ ଦାବି ନୁହେଁ; ଆମ ହକ୍: ନୀଳଗିରି ଜିଲ୍ଲା କ୍ରିୟାନୁଷ୍ଠାନ କମିଟି




ନୀଳଗିରି , ୧୬/୦୯ (ନି.ପ୍ର): ସ୍ୱାଭିମାନୀ ନୀଳଗିରିବାସୀ ଆଜି ତାର ହକ୍ ମାଗୁଛି। ସ୍ୱାଧୀନତା ପୂର୍ବରୁ ଯେଉଁ ନୀଳଗିରି ଏକ ସ୍ୱାଧୀନ ରାଜ୍ୟ ଭାବେ କ୍ରୁର ରାଜତନ୍ତ୍ରର ବିଲୋପ କରି ପ୍ରଥମ ଗଡଜାତ ଯିଏକି ପ୍ରଜାମଣ୍ଡଳ ନେତୃତ୍ୱରେ ସ୍ୱାଧୀନ ଭାରତ ବର୍ଷରେ ସାମିଲ ହୋଇ ଅନ୍ୟ ଗଡଜାତ ରାଜ୍ୟ ମିଶ୍ରଣରେ ପଥ ପ୍ରଦର୍ଶକ ସାଜିଥିଲା ସେହି ମାଟି ଆଜି ତାର ହକ ଦାବୀ କରିଛି। ପରିବର୍ତ୍ତିତ ପରିସ୍ଥିତିରେ ନୀଳଗିରିର ସ୍ୱାତ୍ୟନ୍ତତାକୁ ସ୍ୱୀକୃତି ପୂର୍ବକ ଏହାକୁ ଏକ ଜିଲ୍ଲାର ମାନ୍ୟତା ପ୍ରଦାନ ପାଇଁ ନୀଳଗିରି ହାଟଛକ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ସମାବେଶରେ ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ଆବାହକ ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ସରକାରଙ୍କ ଠାରେ ଦୃଢ଼ ଦାବୀ କରିଛନ୍ତି। ଆୟୋଜିତ ସମାବେଶରେ ଅନ୍ୟତମ ବିଶିଷ୍ଟ ପ୍ରବକ୍ତା ତଥା କମ୍ୟୁନିଷ୍ଟ ନେତା କୈଳାସ ଚନ୍ଦ୍ର ପଣ୍ଡା ନୀଳଗିରିକୁ ଜିଲ୍ଲା ଘୋଷଣା ଆମ ଦାବୀ ନୁହେଁ ଆମ ହକ ବୋଲି ମତବ୍ୟକ୍ତ କରିଥିଲେ।୨୦୦୫ ମସିହାରେ ମାନ୍ୟବର ସୁପ୍ରିମକୋର୍ଟ ଦେଶୀୟ ରାଜ୍ୟ ଗୁଡ଼ିକର ସ୍ୱତନ୍ତ୍ରତା ସପକ୍ଷରେ ମୂଲ୍ୟବାନ ରାୟ ପୂର୍ବକ ନୀଳଗିରିକୁ ସ୍ୱତନ୍ତ୍ର ଜିଲ୍ଲା ଘୋଷଣା କଲେ ବିପୁଳ ଖଣିଜ ଓ ପ୍ରାକୃତିକ ସମ୍ପଦ ବିନିଯୋଗ ପୂର୍ବକ ଏହାକୁ ଏକ ସମୃଦ୍ଧ ଜିଲ୍ଲା ରୂପେ ଗଢି ତୋଳିବା ସମ୍ଭବ ହୋଇପାରିବ ବୋଲି ବିଶିଷ୍ଟ କବି ତଥା ସାରସ୍ୱତ ସାଧକ ଆଇନଜୀବୀ କୃଷ୍ଣଚନ୍ଦ୍ର ନାୟକ ମତ ରଖିଥିଲେ। ଅନ୍ୟ ବିଶିଷ୍ଟ ଅତିଥି ଭାବରେ ନିରଞ୍ଜନ ବାରିକ, ରାମଚନ୍ଦ୍ର ବେହେରା, ପୂର୍ବତନ ନଗରପାଳ ରାଧାଗୋବିନ୍ଦ ଖଟୁଆ, ସୁରେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ମଞ୍ଚାସିନ ରହି ଜିଲ୍ଲା ଗଠନ ସପକ୍ଷରେ ମତ ରଖିଥିଲେ। ଏହି ସମାବେଶରେ ନୀଳଗିରି ଉପଖଣ୍ଡର ବିଭିନ୍ନ ପ୍ରାନ୍ତରୁ ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି କହିଥିଲେ।

# ହବିଷ୍ୟାଳୀ ବ୍ରତ ପାଇଁ ପ୍ରାକ୍ ପ୍ରସ୍ତୁତି ବୈଠକ

ପୁରୀ, ୧୬/୦୯ (ନି.ପ୍ର): ପୁରୀରେ କାର୍ତ୍ତିକ ମାସରେ ରାଇଦାମୋଦର ବ୍ରତ ବା ହବିଷ୍ୟାଳୀ ବ୍ରତ ପାଳନ ନିମିତ୍ତ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ସମର୍ଥ ବର୍ମା ଏଥିରେ ଅଧ୍ୟକ୍ଷତା କରିବା ସହ ହବିଷ କରିବାକୁ ଆଗ୍ରହୀ ହବିଷ୍ୟାଳୀ ମା ମାନଙ୍କର ପଞ୍ଜିକରଣ, ରହଣୀ ବ୍ୟବସ୍ଥା, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ସଂଧ୍ୟାରେ ଭଜନ ପ୍ରବଚନ ଇତ୍ୟାଦିର ସୁବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। ଗତବର୍ଷ ସମସ୍ତଙ୍କ ସହଯୋଗରେ ମା ମାନଙ୍କ ନିମନ୍ତେ ସମସ୍ତ ବ୍ୟବସ୍ଥା ଭଲ ହୋଇଥିଲା। ତେଣୁ ଗତବର୍ଷର ଅଭିଜ୍ଞତା ଆଧାରରେ ଚଳିତ ବର୍ଷ ମଧ ଆହୁରି ଭଲ ଭାବେ ଏହାକୁ ପରିଚାଳନା କରିବାକୁ ସେ ମତ ଦେଇଥିଲେ।ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନା କରିବା ସହ ପ୍ରତ୍ୟେକ ବିଭାଗ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ। ହବିଷ୍ୟାଳୀ ମାନଙ୍କ ସୁବିଧା ପାଇଁ ଅନଲାଇନ ମାଧ୍ୟମରେ ପଞ୍ଜିକରଣ କରିବା ଓ ପଞ୍ଜିକରଣ ସମୟରେ ଚିକିତ୍ସାଳୟର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରମାଣ ପତ୍ର ସଂଲଗ୍ନ କରିବାକୁ ଅନୁରୋଧ କରାଯାଇଥିଲା। ସେହିପରି ହବିଷ୍ୟାଳୀ ମା ମାନଙ୍କ ରହଣୀ ସ୍ଥଳ ବୃନ୍ଦାବତୀ ନିବାସ, ଅକ୍ଷୟପାତ୍ର ଫାଉଣ୍ଡେସନ, ବଗଲା ଧର୍ମଶାଳା, ବାଗେଡିଆ ଧର୍ମଶାଳା ଓ ମୋଚିସାହି କଲ୍ୟାଣ ମଣ୍ଡପର ସ୍ଥିତି ଅନୁଧ୍ୟାନ କରିବା ସହ ଆନୁସଙ୍ଗିକ ସୁବିଧା ସୁଯୋଗ ବ୍ୟବସ୍ଥା କରିବା, ସ୍ୱାସ୍ଥ୍ୟ ସେବା ପାଇଁ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରିବା, ଅନ୍ତେବାସୀ ମା ମାନଙ୍କୁ ପରିଚୟ ପତ୍ର ପ୍ରଦାନ, ସହାୟକ ସ୍ୱେଚ୍ଛାସେବୀ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା, ଅଗ୍ନି ନିର୍ବାପକ ସ୍ନାନ ସମୟରେ ସୁରକ୍ଷା ବ୍ୟବସ୍ଥା, ପରିବହନ ବ୍ୟବସ୍ଥା, ପାନୀୟ ଜଳ, ବିଦ୍ୟୁତ ବ୍ୟବସ୍ଥା, ମହାପ୍ରସାଦ ବ୍ୟବସ୍ଥା, ନିୟନ୍ତ୍ରଣ କକ୍ଷ ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯିବା ସହ ବିଭାଗୀୟ ଅଧିକାରୀ ମାନେ ଏହାର ସୁବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

**ADVERTISEMENT**

OFFICE OF THE PRINCIPAL, MANDARI, DEGREE COLLEGE, MANDARI

AT/PO- MANDARI, BHADRAK-756125

Mob-9437396706, E-mail: mandaridegreecollege@gmail.com

**WALK IN INTERVIEW**

Lett.No- MDC/228 Notice No-69/2023 Date: 11.09.23

Applications for the post of Lect. in Bottany, Zoology, Education and History (Guest Lecturer) are invited the desirous candidates securing 55% marks at P.G. level may attend the interview with their Biodata, photocopies and original certificates of their mark sheets and dt- 21.09.2023. at 11Am at college. salary is negotiable.

sd/-
Principal

# ବିନା ହେଲମେଟ୍‌ରେ ଗାଡ଼ି ଚଳାଉଥିଲେ ସାବଧାନ: ପରିବହନ ବିଭାଗ ପଠାଇବ ଇ-ଚାଲାଣ

ଭୁବନେଶ୍ୱର, ୧୬/୦୯ (ନି.ପ୍ର): ହେଲମେଟ୍ ନପିନ୍ଧି ଗାଡ଼ି ଚଳାଉଥିଲେ ସାବଧାନ । ଏଣିକି ଯେକୌଣସି ଲୋକ ବି ଆପଣଙ୍କ ନାଁରେ ଅଭିଯୋଗ କରିପାରିବ । ଆପଣ ବିନା ହେଲମେଟରେ ଗାଡ଼ି ଚଳାଉଥିବାର ଫଟୋ ଉଠାଇ ଅବା ଭିଡିଓ ଉତ୍ତୋଳନ କରି ପରିବହନ ବିଭାଗର ମୋବାଇଲ ଆପ୍‌ରେ ଅଭିଯୋଗ କଲେ, ରାଜ୍ୟ ପରିବହନ ପ୍ରାଧିକରଣ ତା'ର ସତ୍ୟାସତ୍ୟ ଯାଂଚ କରି ସମ୍ପୃକ୍ତ ଗାଡ଼ି ଚାଳକଙ୍କ ନିକଟକୁ ଇ-ଚାଲାଣ ପଠାଇବ । ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଆଜି ଏ ସମ୍ପର୍କରେ ସୂଚନା ଦିଆଯାଇଛି । ସୂଚନା ଅନୁସାରେ, ସତର୍କ ନାଗରିକମାନଙ୍କ ସହଯୋଗରେ ଟ୍ରାଫିକ ନିୟମ ଉଲ୍ଲଙ୍ଘନ କରୁଥିବା ଗାଡ଼ି ଚାଳକଙ୍କ ଉପରେ ନଜର ରଖିବାକୁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ନେକ୍ସଟ ଜେନ୍ ଏମପରିବହନ ଆପ୍ଲିକେସନରେ 'ସିଟିଜେନ ସେଣ୍ଟିନେଲ' ନାମକ ବିକଳ୍ପ ରଖାଯାଇଛି । ଏହି ଆପ୍‌କୁ ନ୍ୟାସନାଲ ଇନଫରମେଟିକ୍ସ ସେଂଟର(ଏନଆଇସି) ବିକଶିତ କରିଛି । ଏହି ଆପ୍ ମାଧ୍ୟମରେ ସତର୍କ ନାଗରି ରାସ୍ତାରେ ହେଲମେଟ୍ ପିନ୍ଧି ନଥିବା ଗାଡ଼ି ଚାଳକଙ୍କ ଫଟୋ ଅବା ଭିଡିଓକୁ ଅପଲୋଡ୍ କରିପାରିବେ । ଏହି ସତର୍କ ନାଗରିକଙ୍କ ତଥ୍ୟ ଆଧାରରେ ପରିବହନ ବିଭାଗ ତା'ର ଯାଂଚ କରି ସମ୍ପୃକ୍ତ ଗାଡ଼ି ଚାଳକଙ୍କ ନିକଟକୁ ଇ-ଚାଲାଣ ପଠାଇବ । ଆଉ ଯେଉଁ ବ୍ୟକ୍ତି ଏହି ଫଟୋ ଅବା ଭିଡ଼ିଓ ପଠାଇଥିବେ ତାଙ୍କର ପରିଚୟ ସମ୍ପୂର୍ଣ୍ଣ ଗୁପ୍ତ ରଖାଯିବ । ସଡ଼କ ନିରାପତ୍ତା ସମସ୍ତଙ୍କ ଦାୟିତ୍ୱ, ତେଣୁ ପ୍ରାରମ୍ଭିକ ପର୍ଯ୍ୟାୟରେ ବିନା ହେଲମେଟରେ ଗାଡ଼ି ଚଳାଚଳ କରୁଥିବା ବ୍ୟକ୍ତିମାନଙ୍କ ଉପରେ ନଜର ରଖିବା ପାଇଁ ପରିବହନ ବିଭାଗ ପକ୍ଷରୁ ସାଧାରଣ ଲୋକଙ୍କ ସହଯୋଗ ଲୋଡ଼ାଯାଇଛି । ସତର୍କ ନାଗରିକ ଭାବେ ହେଲମେଟ୍ ନପିନ୍ଧି ଟ୍ରାଫିକ ନିୟମ



ଭଙ୍ଗ କରୁଥିବା ଗାଡ଼ି ଚାଳକଙ୍କ ଉପରେ ନଜର ରଖିବାକୁ ଏହି ଆପ୍ ବିକଶିତ କରାଯାଇଥିବା ବିଭାଗ କହିଛି । ଗ୍ରାମାଂଚଳ ଓ ରାଜପଥଗୁଡ଼ିକରେ ଗାଡ଼ି ଚାଳକମାନେ ଏବେବି ଅଧିକାଂଶ ସଂଖ୍ୟାରେ ହେଲମେଟ୍ ନପିନ୍ଧି ଗାଡ଼ି ଚଳାଉଥିବାର ଦେଖିବାକୁ ମିଳିଛି । ତେଣୁ ସେମାନଙ୍କ ଉପରେ ନଜର ରଖିବା ପାଇଁ ସାଧାରଣ ଲୋକ ଅର୍ଥାତ୍ ସତର୍କ ନାଗରିକଙ୍କ ସହଯୋଗ ଲୋଡ଼ାଯାଇଛି । ଗାଡ଼ି ଚାଳକ ଓ ସେଥିରେ ବସିଥିବା ଯାତ୍ରୀଙ୍କ ପାଇଁ ହେଲମେଟ ବାଧ୍ୟତାମୂଳକ କରାଯାଇଛି । ଏହାକୁ ପାଳନ କରିବା ଉପରେ ସରକାର ମଧ୍ୟ ଗୁରୁତ୍ୱ ଦେଉଛନ୍ତି । ଏହି ଆପ୍‌ରେ ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ଟ୍ରାଫିକ ନିୟମ ଉଲ୍ଲଙ୍ଘନକୁ ସାମିଲ କରାଯିବ ବୋଲି ରାଜ୍ୟ ପରିବହନ ପ୍ରାଧିକରଣ କହିଛନ୍ତି । ସୂଚନାଯୋଗ୍ୟ, ୨୦୨୨ ମସିହାରେ ରାଜ୍ୟରେ ମୋଟ ସଡ଼କ ଦୁର୍ଘଟଣାର ୩୪% ମୃତ୍ୟୁ ୨ଚକିଆ ଗାଡ଼ି ଦୁର୍ଘଟଣା ଯୋଗୁ ହୋଇଥିଲା । ବିନା ହେଲମେଟ୍ ପିନ୍ଧି ଗାଡ଼ି ଚଳାଇବା ଯୋଗୁ ୧୬୯୫ଜଣ ଲୋକ ପ୍ରାଣ ହରାଇଥିବାବେଳେ ୨୬୧୫ ଜଣଙ୍କ ଗୁରୁତର ଆହତ ହୋଇଥିଲେ ।

# ଉତ୍ପାଦନକାରୀ ହ୍ୟାଣ୍ଡ-ଅନ୍ ଟ୍ରେନିଂ-କମ-କର୍ମଶାଳା କାର୍ଯ୍ୟକ୍ରମ ଉଦ୍‌ଘାଟିତ

ବଲାଙ୍ଗୀର, ୧୬/୦୯ (ନି.ପ୍ର): ବଲାଙ୍ଗୀର ବନ ବିଭାଗର ସମ୍ମିଳନୀ ହଲରେ ଏକ ଉତ୍ପାଦନକାରୀ ହ୍ୟାଣ୍ଡ-ଅନ୍ ଟ୍ରେନିଂ-କମ୍-କର୍ମଶାଳା କାର୍ଯ୍ୟକ୍ରମ ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଟିଟିଲାଗଡ଼ ଏବଂ ବଲାଙ୍ଗୀର ରେଞ୍ଜର ବିଭିନ୍ନ ବନ ସୁରକ୍ଷା ସମିତିର ପ୍ରତିନିଧୀଙ୍କ ଉତ୍ସାହର ସହ ଅଂଶଗ୍ରହଣ କରାଯାଇଥିଲା। ଏହାର ମୂଳ ଉଦ୍ଦେଶ୍ୟ ଥିଲା ବିଭିନ୍ନ ଉପକରଣରେ ଯଥା ମୁଢି ତିଆରି ମେସିନ୍, ଶାଳ/ଶିଆଳି ପତ୍ର ପ୍ଲେଟ୍/ଦନା ତିଆରି ମେସିନ୍, ମସଲା ଗ୍ରାଇଣ୍ଡ, ଏବଂ ତେନ୍ତୁଳି ଡି-ସିଡର୍ ମେସିନ୍। ଗୋଟିଏ ପରେ ଗୋଟିଏ ପାରସ୍ପରିକ କ୍ରିୟା ଏବଂ ହ୍ୟାଣ୍ଡ-ଅନ୍ ଫିଲ୍ଡ ଟ୍ରେନିଂ ମାଧ୍ୟମରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ମୂଲ୍ୟବାନ କୌଶଳ ପ୍ରଦାନ କରାଯାଇଥିଲା। ବଲାଙ୍ଗୀର ବନ ବିଭାଗ ସଦସ୍ୟଙ୍କ ଉନ୍ନତି ଉପରେ ସର୍ବଦା ଗୁରୁତ୍ୱ ଦେଇଥାଏ। ଏହି କାର୍ଯ୍ୟକ୍ରମରେ ଶ୍ରୀ ନୀତୀଶ କୁମାର, ଆଇଏଫ୍‌ଏସ୍, ଡିଏଫ୍‌ଓ ବଲାଙ୍ଗୀର, ଶ୍ରୀ ଅଜିତ ବିସି, ଏସିଏଫ୍, ଡକ୍ଟର ରାହୁଲ, ଶ୍ରୀ ବୈଜ୍ଞାନିକ ଏବଂ ଏନ୍‌ଆଇଏଫ୍ ଫାଉଣ୍ଡେସନର ପ୍ରଶିକ୍ଷକ ଯୋଗ ଦେଇଥିଲେ।

# ଓଲାଶୁଣୀ ପୀଠରେ ପୂର୍ବତନ ସରପଂଚଙ୍କ ବନ୍ଧୁ ମିଳନ ଉତ୍ସବ

ଧର୍ମଶାଳା, ୧୬/୦୯ (ନି.ପ୍ର): ପୂର୍ବତନ ସରପଂଚଙ୍କୁ ନେଇ ବନ୍ଧୁ ମିଳନ ଉତ୍ସବ । ଯାଜପୁର ଜିଲା ଧର୍ମଶାଳା ବ୍ଲକର ୪୫ ଗୋଟି ପଂଚାୟତର ସମସ୍ତ ମହିଳା ପୁରୁଷ ସରପଂଚମାନେ ଯୋଗ ଦେଇଥିଲେ । ୨୦୧୭ ମସିହାରୁ ୨୦୨୪ ପର୍ଯ୍ୟନ୍ତ ରହିଥିବା ସରପଂଚମାନଙ୍କୁ ନେଇ ପବିତ୍ର ପୀଠ ଓଲାଶୁଣୀ ଗୁମ୍ଫାରେ ବନ୍ଧୁ ମିଳନ ଉତ୍ସବର ଆୟୋଜନ କରାଯାଇଥିଲା । ଦୀର୍ଘ ବର୍ଷ ପରେ ପୂର୍ବତନ ସରପଂଚ ଓ ସେମାନଙ୍କ ପରିବାର ଏକାଠି ହୋଇଥିବାରୁ ପରସ୍ପର ମଧ୍ୟରେ ଭାବ ବିନିମୟ ହୋଇଥିଲା । ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତେ ନିଜ ନିଜ ମଧ୍ୟରେ ସୁସମ୍ପର୍କ ରଖିବା ସହିତ ପୂର୍ବଭଳି ନିଃସ୍ୱାର୍ଥପର ଭାବେ ସାଧାରଣ ଲୋକମାନଙ୍କୁ ଆବଶ୍ୟକସ୍ଥଳେ ସହଯୋଗ କରିବା ସମସ୍ତେ ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଧର୍ମଶାଳା ବ୍ଲକର ସମସ୍ତ ପୂର୍ବତନ ସରପଂଚ ମାନଙ୍କର ଏଭଳି ନିଆରା ବନ୍ଧୁ ମିଳନ କାର୍ଯ୍ୟକ୍ରମକୁ ସମସ୍ତେ ସ୍ୱାଗତ କରିବା ସହିତ ପ୍ରତିବର୍ଷ ଏହିଭଳି କାର୍ଯ୍ୟକ୍ରମ କରାଯାଉ ବୋଲି ବହୁ ବରିଷ୍ଠ ସରପଂଚମାନେ ମତବ୍ୟକ୍ତ କରିଥିଲେ ।

# ତଟରକ୍ଷୀ ବାହିନୀ ପକ୍ଷରୁ ଆର୍ନ୍ତଜାତୀୟ ବେଳାଭୂମି ସଫେଇ ଦିବସ ପାଳିତ



ପାରାଦୀପ, ୧୬/୦୯ (ନି.ପ୍ର): ଶନିବାର ଦିନ ତଟରକ୍ଷୀ ବାହିନୀ ପକ୍ଷରୁ ଆର୍ନ୍ତଜାତୀୟ ବେଳାଭୂମି ସଫେଇ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ସମୁଦ୍ର ବେଳାଭୂମିରେ ତଟରକ୍ଷୀ ବାହିନୀ ମୁଖ୍ୟାଳୟ-୭ ପାରାଦୀପ ପକ୍ଷରୁ ଏକ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସାମୁଦ୍ରିକ ପରିବେଶର ସୁରକ୍ଷା, ପ୍ରଦୂଷଣ ମୁକ୍ତ ସମୁଦ୍ର ଓ ବେଳାଭୂମିର ସୁରକ୍ଷା ଦୀର୍ଘ ୧୯୮୬ ମସିହା ଠାରୁ କରି ଆସୁଛି । ଚଳିତ ବର୍ଷ ତଟରକ୍ଷୀ ବାହିନୀ ମୁଖ୍ୟାଳୟ-୭ ପାରାଦୀପ ପକ୍ଷରୁ ଜନସାଧାରଣମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା କାର୍ଯ୍ୟ ଏକକାଳୀନ ପାରାଦୀପ ଓ ପୁରୀ ଠାରେ ଜାରି ରହିଛି । ଗୋପାଳପୁରଠାରେ ବଟେଶ୍ୱର ସମୁଦ୍ର କୂଳରେ ମଧ୍ୟ ସଫେଇ କାର୍ଯ୍ୟ କରାଯାଇଛି । ସ୍ଥାନୀୟ ସ୍ୱେଚ୍ଛାସେବୀମାନଙ୍କ ସହିତ ତଟରକ୍ଷୀ ବାହିନୀର ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇ ସମୁଦ୍ରକୂଳରୁ ଅଳିଆ ସଫା କରି ଜନ ସଚେତନତା ସୃଷ୍ଟି କରିଥିବା ନେଇ ତଟରକ୍ଷୀ ବାହିନୀ ମୁଖ୍ୟାଳୟ-୭ ପାରାଦୀପ ପକ୍ଷରୁ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି ।

# କୋଷ୍ଟଗାର୍ଡ ପକ୍ଷରୁ ପ୍ରଦୂଷଣ ନିୟନ୍ତ୍ରଣ କର୍ମଶାଳା



ପାରାଦୀପ, ୧୬/୯ : ଭାରତୀୟ କୋଷ୍ଟଗାର୍ଡ ଡିଷ୍ଟ୍ରିକ୍ଟ ହେଡକ୍ୱାର୍ଟସ-୭ ପାରାଦୀପ ପକ୍ଷରୁ ଏକ ଦୁଇଦିନିଆ ପ୍ରଦୂଷଣ ନିୟନ୍ତ୍ରଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳା ରେ ଆଇଓସିଏଲ, ଏଚପିସିଏଲ, ବିପିସିଏଲ ଓ ଆଞ୍ଚଳିକ ପ୍ରଦୂଷଣ ବିଭାଗ ର କର୍ମଚାରୀ ମାନେ ଯୋଗଦେଇଥିଲେ। କର୍ମଶାଳା କୁ ଡିଆଇଜି ଓ୍ୱାଇ କେ ସିଂ ଉଦଘାଟନ କରିଥିଲେ। ସମୁଦ୍ରରେ ତୈଳ ଜନିତ ପ୍ରଦୂଷଣ ରୋକିବା ସହିତ ପ୍ରଦୂଷଣ ହେଲେ ଏହାର ନିରାକରଣ କିଭଳି କରାଯିବ ସେନେଇ ଅଂଶ ଗ୍ରହଣ କାରୀଙ୍କୁ ଶିକ୍ଷା ଦିଆଯାଇଥିଲା। ଆମୋଘ ଓ ଏମଭି ଏଲିଗାନ୍ସ ନାମକ ଦୁଇଟି ଜାହାଜରେ ଏହି ପ୍ରଶିକ୍ଷଣ କୋଷ୍ଟଗାର୍ଡ ପକ୍ଷରୁ ପ୍ରଦାନ କରାଯାଇଥିଲା।

# ସେବାଶ୍ରମ ବିଦ୍ୟାଳୟରେ ଅଭିଭାବକ ଆମ ଅଂଶୀଦାର କାର୍ଯ୍ୟକ୍ରମ ଅନୁଷ୍ଠିତ

ସୁବର୍ଣ୍ଣପୁର, ୧୬/୦୯ (ନି.ପ୍ର): ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ଜିଲ୍ଲା ମଙ୍ଗଳ ବିଭାଗ ଦ୍ୱାରା ଜିଲ୍ଲାର ବିଭିନ୍ନ ସେବାଶ୍ରମ ବିଦ୍ୟାଳୟରେ ଅଭିଭାବକ ଆମ ଅଂଶୀଦାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ନୋଡାଲ ଅଧିକାରୀ ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ସରପଂଚ ମଲ୍ଲିକମୁଣ୍ଡା ଶ୍ରୀମତୀ ଜ୍ୟୋସ୍ନାମୟୀ ମେହେର, ସାଗରପାଲି ସେବାଶ୍ରମ ସ୍କୁଲ ସଭାପତି ଶଙ୍କର ମେହେର, କାର୍ଯ୍ୟକ୍ରମ ତାଲିମ ଦାତା ପ୍ରଧାନ ଶିକ୍ଷକ ସେବାଶ୍ରମ ବିଦ୍ୟାଳୟ କୁଞ୍ଜପାଲି ଶୁଭ୍ରାଂଶୁ ଶେଖର ପଣ୍ଡା, ଏବଂ ପ୍ରଧାନ ଶିକ୍ଷକ ସାଗରପାଲି ସେବାଶ୍ରମ ବିଦ୍ୟାଳୟ କଲ୍ୟାଣୀ ମିଶ୍ର ପ୍ରମୁଖ ମଂଚାସୀନ ଥିଲେ। ଅଭିଭାବକ ଆମ ଅଂଶୀଦାର କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଆମେ ଜାଣିବା, ଆମେ ଜିଣିବା, ବିଷୟ ଉପରେ ଅତିଥିମାନେ ଆଲୋକପାତ କରି ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଲା ଛାତ୍ରାବାସରେ ରହୁଥିବା ଛାତ୍ର ଛାତ୍ରୀଙ୍କ ଶିକ୍ଷା ସହ ସ୍ୱାସ୍ଥ୍ୟ, ପରିମଳ ତଥା ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସୁଯୋଗର ଉପଲବ୍ଧତାକୁ ଅଭିଭାବକମାନେ ଜାଣିବା ସହ ଶିକ୍ଷା ଅନୁଷ୍ଠାନର ଉନ୍ନତିରେ ସେମାନଙ୍କର ଦାୟିତ୍ୱ ଓ କର୍ତବ୍ୟ ଗୁରୁତ୍ୱକୁ ଉପଲବ୍ଧ କରିବା। ଏହି ଅବସରରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ ବୃନ୍ଦ ସମ୍ପୃକ୍ତ ବିଭାଗର ଜନକଲ୍ୟାଣ କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକ ବୃନ୍ଦ, ବିଦ୍ୟାଳୟ କମିଟି ସଦସ୍ୟ/ସଦସ୍ୟା, ଛାତ୍ରଛାତ୍ରୀ ତଥା ଗ୍ରାମର ଭଦ୍ରବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବିଭାଗ ତରଫରୁ ପ୍ରଦର୍ଶନୀ ମଣ୍ଡପ ଖୋଲାଯାଇଥିବା ବେଳେ ଛାତ୍ରଛାତ୍ରୀ ଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଦିବସ ନିମନ୍ତେ ଅନୁଷ୍ଠିତ ବକ୍ତୃତା, ଚିତ୍ରାଙ୍କନ, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗୀତା ର କୃତି ଛାତ୍ରଛାତ୍ରୀ ଙ୍କ ସହ ଅଭିଭବକ/ ଅଭିଭାବିକାଙ୍କ ମଧ୍ୟରେ ହୋଇଥିବା ଝୋଟି ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପ୍ରମାଣ ପାତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସାଗରପାଲି ସେବାଶ୍ରମର ଶିକ୍ଷୟିତ୍ରୀ ଶ୍ରୀମତୀ ମାଧବୀ ଦାନି ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଅନୁରୂପ ଭାବେ ଆଜି ମକୁନ୍ଦପୁର ସେବାଶ୍ରମ, ମେଣ୍ଡା ସେବାଶ୍ରମ ଓ ପାଣିମୁରା ସେବାଶ୍ରମ ଠାରେ ଅଭିଭାବକ ଆମ ଅଂଶୀଦାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଜିଲ୍ଲା ସ୍ତରରୁ ନୋଡାଲ ଅଧିକାରୀ ଭାବେ ଯଥାକ୍ରମେ ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ ପଟ୍ଟନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଅକ୍ଷୟ ଜେନା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ପ୍ରମୁଖ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୭ ସେପ୍ଟେମ୍ବର ୨୦୨୩
email : rabibarachayan2015@gmail.com



# ଧାରାବାହିକ ଉପନ୍ୟାସ

## ଡ.ଭାଗବତ



# ବୈଦେହୀ

ଭାଗ-୧୮

(ପୂର୍ବ ପ୍ରକାଶିତ ଉତ୍ତାରୁ...)

**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**



ବିଶ୍ୱାମିତ୍ରଙ୍କ କଥା ଶୁଣି ରାଜା ଦଶରଥ ହସିହସି କହିଥିଲେ, ହେ ମହାମୁନି ! ଏପରି କହି ଆପଣ ମୋତେ ଲଜ୍ଜିତ କରନ୍ତୁ ନାହିଁ । ଏ ବିବାହରେ ଆପଣଙ୍କ ସମ୍ମତି ମୋର ସମ୍ମତି। ଜନକ ରାଜାଙ୍କ ସହିତ ବନ୍ଧୁତ୍ୱ ସୂତ୍ରରେ ଆବଦ୍ଧ ହେବା ମୋ ପକ୍ଷରେ ସୌଭାଗ୍ୟର ବିଷୟ । ଆପଣ ଯେତେ ଶୀଘ୍ର ପାରୁଛନ୍ତି ଏ ବିବାହର ଆୟୋଜନ କରନ୍ତୁ । ରାଜା ଜନକଙ୍କୁ ମୁଁ ସମ୍ବନ୍ଧୀ ସୂତ୍ରରେ ମନେମନେ ବାନ୍ଧି ସାରିଛି । ଏହାକହି ରାଜା ଦଶରଥ ରାଜା ଜନକଙ୍କୁ ଆଲିଙ୍ଗନ କରି ପକାଇଲେ ।

ରାଜା ଦଶରଥଙ୍କ ଜୟଧ୍ୱନିରେ କମ୍ପି ଉଠିଲା ମିଥିଳା ରାଜନଗରୀ । ମହାରାଜ ଦଶରଥ ଆବେଗର ସହିତ କହି ପକାଇଲେ ମହାରାଜ ଜନକ, "ମୋ ପୁତ୍ରୀକୁ କ'ଣ ମୋ ସହିତ ସାକ୍ଷାତ କରାଇ ଦେବ ନାହିଁ । ତାକୁ ଦେଖିବାପାଇଁ ମନ ମୋର ବ୍ୟାକୁଳିତ ହୋଇ ଉଠୁଛି ।"

ପୁତ୍ରୀ.... କଥା ଶୁଣି ଚମକି ଉଠିଥିଲେ ରାଜା ଜନକ । ପୁତ୍ରୀ ବୋଲି କାହାକୁ କହୁଛନ୍ତି ମହାରାଜ ଦଶରଥ । ଏଠି ତାଙ୍କ କନ୍ୟା କିଏ...

ଜନକ ରାଜାଙ୍କୁ ଚିନ୍ତିତ ହୋଇପଡ଼ିବାର ଦେଖି ମହର୍ଷି ବିଶ୍ୱାମିତ୍ର କହିଥିଲେ ମହାରାଜ ଜନକ ! ଆପଣଙ୍କ କନ୍ୟା ମୈଥିଳୀ କ'ଣ ଦଶରଥ ମହାରାଜଙ୍କ ପୁତ୍ରୀ ନୁହେଁ । ସୀତା କ'ଣ କେବଳ ଦଶରଥ ରାଜାଙ୍କ ପୁତ୍ରବଧୂ ସେ କ'ଣ ଦଶରଥଙ୍କ କନ୍ୟା ହୋଇପାରିବ ନାହିଁ ?

ନିଜକୁ ସଜାଡ଼ିନେଲେ ରାଜା ଜନକ । ସେ କଥା ମୁଁ କହିନାହିଁ ମୁନିଶ୍ରେଷ୍ଠ । ଆମେ ଦୁଇବନ୍ଧୁ ଯେତେବେଳେ ସମ୍ବନ୍ଧ ସୂତ୍ରରେ ବାନ୍ଧି ହେଲୁଣି, ସେତେବେଳେ ସୀତା ଏବେ ମୋ ଝିଅ ନୁହେଁ ସେ ମହାରାଜ ଦଶରଥଙ୍କ ଝିଅ ।

ତେବେ ଆଉ ବିଳମ୍ବ କରୁଛ କାହିଁକି ସମ୍ବନ୍ଧୀ । ମୋ ଝିଅ ନିକଟକୁ ମୋତେ ନେଇଚାଲ । ତା' ତିନି ମାତା ପଠାଇଥିବା ଏ ହୀରା, ନୀଳା, ମୋତି, ମାଣିକର ଅଳଙ୍କାର ସବୁ ଉପହାର ଦେବାର ଦାୟିତ୍ୱ ତା' ଶାଶୁମାନେ ମୋ ଉପରେ ଦେଇଛନ୍ତି । ତା'ଛଡ଼ା ମୋ ଝିଅକୁ ଦେଖିବି ବୋଲି କାହିଁକି ସୁଦୂର ଅଯୋଧ୍ୟାରୁ ମୁଁ ଆସି ଜନକ ରାଜ୍ୟରେ ପହଞ୍ଚିଥିଲି । ଆଉ କାଳବିଳମ୍ବ ନକରି.... ।

ମହାରାଜ ଦଶରଥଙ୍କ ହାତଧରି ଭିତର ପୁର ମଧ୍ୟକୁ ପଥ କଢ଼ାଇ ନେଇଥିଲେ ମହାରାଜ ଜନକ । ଭିତର ପୁରରେ ପାଦ ଦେବା କ୍ଷଣି ଶିରିଷ ମୃଦୁଳା, ଲବଣୀ ପିତୁଳାଟିଏ ହସହସ ବଦନରେ ସୁବର୍ଣ୍ଣ ଘଟରେ ଜଳପୂର୍ଣ୍ଣ କରି ଆଣି ରାଜା ଦଶରଥଙ୍କ ପଥ ଓଗାଳି ତାଙ୍କ ପାଦରେ ମସ୍ତକ ଲଗାଇ ପ୍ରଣାମ କରି, ସୁବର୍ଣ୍ଣ ପିଢ଼ାଟିଏ ଥୋଇଦେଇ ତହିଁରେ ମହାରାଜ ଦଶରଥଙ୍କ ପାଦ ରଖି ଧୀରେଧୀରେ ଧୋଇବାକୁ ଲାଗନ୍ତେ, ରାଜା ଦଶରଥ ଆଶ୍ଚର୍ଯ୍ୟ ହୋଇ କିଛି କହିବା ପୂର୍ବରୁ ମହାରାଜ ଜନକ କହିଥିଲେ, "ଏ ହିଁ ତୁମ ଝିଅ ଜାନକୀ । ଅଯୋଧ୍ୟାର ରାଜବଧୂ, କୁଳଲକ୍ଷ୍ମୀ । ମୋ ନୟନ ପିତୁଳା ସୀତା ।"

ସୀତା ! ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ରାଜା ଦଶରଥ । ରାଜ ଅନ୍ତଃପୁରରେ ଏତେ ଦାସୀ, ପରିଚାରିକା ଥାଉଥାଉ ରାଜକନ୍ୟା ଜାନକୀ ତାଙ୍କ ପାଦ ଧୋଇ ଦେଉଛନ୍ତି । ସହସା ତାଙ୍କ କଣ୍ଠରୁ ଝରିପଡ଼ିଲା କେତୋଟି ଶବ୍ଦ, "ମା' ସୀତେ ! ଜନକପୁରୀରେ କ'ଣ ଦାସ ଦାସୀ ନାହାନ୍ତି ?"

ପିତା ! ଆପଣ ଏ କ'ଣ କହୁଛନ୍ତି ? ପୁତ୍ରୀର କ'ଣ ଅଧିକାର ନାହିଁ ପିତା ପାଦ ଧୋଇ ଦେବାର ?

ରାଜା ଦଶରଥ ସୀତାଙ୍କୁ ପାଦତଳୁ ଉଠାଇ କହିଥିଲେ, "ଆଲୋ ମା' କିଏ କହିଲା ପୁତ୍ରୀର ଅଧିକାର ନାହିଁ ପିତାର ପାଦ ଧୋଇଦେବାକୁ । ତୁ ହେଉଛୁ ଜନକ ରାଜାଙ୍କ କନ୍ୟା, ଏବେ ପୁଣି ରଘୁବଂଶର ବଧୂ । ଏତେ ସମ୍ମାନର ଅଧିକାରିଣୀ ହୋଇ ତୁ..."

ରାଜା ଦଶରଥଙ୍କ ପାଦ ତଳେ ବସିପଡ଼ି, ପାଦ ଧୋଇ ନିଜ ପିନ୍ଧା ପଣତରେ ସେ ପାଦକୁ ପୋଛୁପୋଛୁ ମୁଁ କହିଥିଲି, ମୁଁ ରାଜନନ୍ଦିନୀ ଅଥବା ରାଜବଧୂ ହୋଇପାରେ ହେଲେ, "ସେ ସମ୍ମାନ ମୋ ଅଂଗାଭରଣ ପିତା, ମୋ ଆତ୍ମାଭରଣ ନୁହେଁ ।" ମୁଁ ରାଜା ଜନକଙ୍କର ଯେମିତି ଅଲିଅଳି ଝିଅ, ଆପଣଙ୍କର ମଧ୍ୟ ସେମିତି ସେହି ଅଲିଅଳି ଝିଅ। ଆପଣ ମୋତେ ସେ ଅଧିକାରରୁ ବଞ୍ଚିତ କରନ୍ତୁ ନାହିଁ ପିତା ।

ସୀତାଙ୍କ ତୁଣ୍ଡରୁ ଝରୁଥିବା ବଚନକୁ ପିଇ ଯାଉଥାନ୍ତି ସୁଧାମୟୀ, ପ୍ରୀତିଦା, ଐଶ୍ୱର୍ଯ୍ୟା ଆଦି ସଖୀମାନେ । ଆଖିରୁ ଲୋତକ ଝରାଇ ନିଜ ଜୀବନ କାହାଣୀକୁ ତାଙ୍କ ଆଗରେ ବାଢ଼ି ଚାଲିଥାନ୍ତି ତପସ୍ୱିନୀ ସୀତା । ଏହାପରେ କ'ଣ ହେଲା ବୋଲି ପ୍ରୀତିଦା ପଚାରନ୍ତେ, ସୀତା କହିଥିଲେ, ମୋ ଶଶୁରଙ୍କ ପାଦ ଧୋଇଦେଇ ସେ ପାଦୋଦକ କିଛି ପାନକଲି, କିଛି ମସ୍ତକରେ ବୋଳି ତାଙ୍କ ପାଦ ପୋଛି ଦେଇ ତାଙ୍କୁ ନେଇ ଯାଇଥିଲି ଅନ୍ତଃପୁରକୁ । ମୋର ସାନଭଉଣୀ ତିନିଜଣ ସେଠାରେ ତାଙ୍କ ପାଇଁ ଆସନ ପାତି ଅପେକ୍ଷା କରିଥିଲେ । ଶଶୁର ମୋର ସେଠାରେ ପହଞ୍ଚିବା କ୍ଷଣି ସେମାନେ ତାଙ୍କୁ ପ୍ରଣାମ କରନ୍ତେ, ମୋର ସାନଭଉଣୀ ବୋଲି ମୁଁ ତାଙ୍କ ପରିଚୟ କରାଇ ଦେଇଥିଲି। ଏହାପରେ ମାତା, ସାନମାତା, ରାଜ ଅନ୍ତଃପୁରର ଅନ୍ୟମାନେ ମୋ ଶଶୁରଙ୍କ ସହିତ ପରିଚୟ ହୋଇ ବାର୍ତ୍ତାଳାପ କରିଥିଲେ । ମୋ ମାଆ ମୋତେ ନିର୍ଦ୍ଦେଶ ଦେଇଥିଲେ "ସୀତା ତୋ ନିଜ ହସ୍ତରେ ରାନ୍ଧିଥିବା ଅନ୍ନବ୍ୟଞ୍ଜନ ତୁ ଆଜି ତୋ ଶଶୁରଙ୍କୁ ପରଷିବୁ ।"

ମାଆଙ୍କ କଥାମାନି ମୁଁ ନିଜେ ଶଶୁରଙ୍କ ପାଇଁ ଅନ୍ନବ୍ୟଞ୍ଜନ ବାଢ଼ି, ତାଙ୍କୁ ପରଷିବାକୁ ଲାଗିଲି । ମୋ ଶଶୁର ଅତ୍ୟନ୍ତ ପ୍ରୀତ ହୋଇ ମୋତେ କହିଥିଲେ, ମୋର ଗୋଟାଏ କଥା ରଖିବୁ ମା' ।

ମୁଁ ଆଶ୍ଚର୍ଯ୍ୟ ହୋଇ କହିଥିଲି କୁହନ୍ତୁ ପିତା ନିଶ୍ଚୟ ରଖିବି । ମୋତେ ଯେତେ କଷ୍ଟହେଲେ ମଧ୍ୟ ମୁଁ ଆପଣଙ୍କ କଥା ନିଶ୍ଚୟ ରଖିବି ।

ମୋତେ ଚାହିଁ ଅଶ୍ରୁ ଛଳଛଳ ନେତ୍ରରେ ସେ କହିଥିଲେ, 'ତୋ ହାତ ପରଷା ମୋତେ ଅମୃତ ତୁଲ୍ୟ ଲାଗୁଛି ଲୋ ମା' । ତୁ ମୋତେ ପ୍ରତ୍ୟେକଦିନ ଅଯୋଧ୍ୟାପୁରୀରେ ଏମିତି ରାନ୍ଧି ଖୁଆଇ ପାରିବୁ ?'

କାହିଁକି ନପାରିବି ପିତା ! ନିଶ୍ଚୟ ପାରିବି। ଆପଣଙ୍କର ଏହା ମୋ ପ୍ରତି ଆଦେଶ। ଯେତେଦିନ ପର୍ଯ୍ୟନ୍ତ ମୁଁ ଅଯୋଧ୍ୟାପୁରୀରେ ଥିବି ସେତେଦିନ ପର୍ଯ୍ୟନ୍ତ ମୁଁ ନିଜ ହସ୍ତରେ ରାନ୍ଧି ଆପଣଙ୍କୁ ଖୁଆଇବି ।

ରାଜପରିଚାରିକାଙ୍କ ହସ୍ତରନ୍ଧନ ଖାଇଖାଇ ଏ ପାଟି ଅରୁଚି ଧରି ଯାଇଥିଲାରେ ମା' । ଆଜି ତୋ ହସ୍ତରୁ ଅମୃତ ମଣୋହି ପାଇ ମୋ ଜୀବନ ଧନ୍ୟ ହୋଇଯାଇଛି । ବିଧାତାଙ୍କୁ କୋଟିକୋଟି ପ୍ରଣାମ ସେ ତୋ ଭଳି ଝିଅକୁ ମୋ ପୁଅ କପାଳରେ ଲେଖି ଦେଇଛନ୍ତି । ତୁ ମୋର ପୁତ୍ରବଧୂ ନୁହେଁ ଲୋ ମାଆ ତୁ ଅଯୋଧ୍ୟାର କୁଳଲକ୍ଷ୍ମୀ । ରାଜା ଦଶରଥ ଭୋଜନ କରିସାରିବା ପରେ ତାଙ୍କ ହସ୍ତ ମୁଖ ଧୌତକରି ଦେଇ, ନିଜ ପଣତରେ ଶଶୁରଙ୍କ ମୁଖ ପୋଛିଦେଇ, ତାମ୍ବୁଳ ଖଣ୍ଡିଏ ତାଙ୍କୁ ଭୁଞ୍ଜାଇଦେଇ ମୁଁ କହିଥିଲି ପିତା, ଆପଣଙ୍କ ନିକଟରେ ମୋର ଗୋଟାଏ ଅଳି ଅଛି, ଏ ଝିଅର ଅଳିଟିକୁ ପୂର୍ଣ୍ଣ କରିବେ ତ ?

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା, ବାଲେଶ୍ୱର
(ମୋ)୬୩୭୦୫୦୯୧୦୪

# ସାମୁହିକ ଚେତନା ଓ ଭାରତୀୟ ସମାଜ

## ଗୋପାଳ ମହାପାତ୍ର



ଭାରତୀୟ ସମାଜ ରାଜନୈତିକ କେନ୍ଦ୍ରିତ ନୁହେଁ, ଅଧିକତର ଭାବେ ସମାଜ କେନ୍ଦ୍ରୀତ। ଜାତି ଏବଂ ସଂପ୍ରଦାୟ ତଥା ଉପଜାତି ପ୍ରଥା ପ୍ରାଚୀନ କାଳରୁ ରହିଛି। ଦେଶରେ ବର୍ଗ ବିଭାଜନ ଏକ ତଥ୍ୟ ଅଟେ, କିନ୍ତୁ ଏହା ସାମାଜିକ ପ୍ରଖର ଚେତନା ନୁହେଁ। ଚେତନ ଏବଂ ଅବଚେତନ ଅବସ୍ଥା ପର୍ଯ୍ୟନ୍ତ ଜାତି ଓ ସଂପ୍ରଦାୟର ପରିଚୟ ଏବଂ ଏହା ପ୍ରତି ସାମୁହିକ ପ୍ରତିବଦ୍ଧତା ରହିଛି ହେଲେ ଜୀବନ ଜୀବିକା କଥା ମଧ୍ୟ ରହିଛି। ଜାତି ଓ ସଂପ୍ରଦାୟ ମାନେ ନିଜ ନିଜର ପରିଚୟକୁ ହିଁ ନିଜର ଅସ୍ତିତ୍ୱ ବୋଲି ମାନି ନେଇଥାନ୍ତି ଏବଂ ଏଥିପାଇଁ ଲଢେଇ ମଧ୍ୟ ଚାଲିଥାଏ। ସାଧାରଣ ସାମାଜିକ ବ୍ୟବହାରରେ ବିଶେଷ କରି କର୍ମକାଣ୍ଡ ଓ ପରମ୍ପରା ପାଇଁ ଲଢେଇ ଚାଲିଥାଏ। ବର୍ଗ ଚରିତ୍ର ବା ବର୍ଗ ସଂଘର୍ଷ ଔଦ୍ୟୋଗିକ କ୍ରାନ୍ତି ଏବଂ ବିଦେଶୀ ମାନସିକତାରୁ ସୃଷ୍ଟ ବୋଲି ଅନେକଙ୍କ ମତ। ବର୍ଗ ଚରିତ୍ର ଶାସନ ଅର୍ଥ ଚାରିପଟେ ଘୁରି ବୁଲୁଥାଏ। ଭାରତରେ କେବଳ ସମାଜ ନୁହେଁ ରାଜନୀତି ମଧ୍ୟ ଜାତି ଓ ସଂପ୍ରଦାୟର ପରିଧି ମଧ୍ୟରେ ଲୋକତାନ୍ତ୍ରିକ। ଦେଶ, ସମାଜ, ମୂଲ୍ୟବୋଧ ଭଳି ପ୍ରସଙ୍ଗ ଜାତି ଓ ସଂପ୍ରଦାୟର ଜାଲରେ ଛନ୍ଦିହୋଇ ପଡିଛି। ଏବେ ଜାତି ବିଭାଜନ, ସମାଜର ବିଭାଜନ ଏପରିକି ସାଂପ୍ରଦାୟିକ ସୌହାର୍ଦ୍ଦ୍ୟକୁ ଭାଙ୍ଗିବାର ପ୍ରୟାସ ଚାଲିଛି। ବର୍ତ୍ତମାନର ସମାଜ ଅତୀତର ଗୌରବକୁ ଖୋଜିବାରେ ଲାଗିଛି। ଜାତି ଓ ସଂପ୍ରଦାୟର ଦ୍ୱାହି ଦେଇ ପ୍ରକୃତ ପ୍ରସଙ୍ଗକୁ ଦୁରେଇ ଦେବାର ଉଦ୍ୟମ ହେଉଛି। ସାଧାରଣ ଲୋକେ ମଧ୍ୟ ଏଥିରେ ଭ୍ରମିତ ହେଉଛନ୍ତି।

ପଶ୍ଚିମୀ ଦେଶ ମାନେ ଅନେକ ବର୍ଷ ପର୍ଯ୍ୟନ୍ତ ଧର୍ମଯୁଦ୍ଧ 'କ୍ରୁସେଡ୍' ଲଢିଥିଲେ ଏବଂ ଅଶ୍ୱେତ (ଅଣଗୋରା) ମାନେ ଦୀର୍ଘ ଦିନର ସଂଘର୍ଷ ପରେ ସାଧାରଣ ନାଗରିକର ଅଧିକାର ପାଇଥିଲେ। ଭାରତରେ ଭିନ୍ନତା ବିଷମତା ରହିଛି। ଭାରତର ଅନେକ ଭାଷାଭାଷୀ ଲୋକ ରହୁଛନ୍ତି। ସେମାନଙ୍କର ଖାଦ୍ୟ ପାନୀୟ, ବେଶଭୁଷା, ସାମାଜିକ ଚଳଣି ଏବଂ ବିଚାର ମଧ୍ୟ ଭିନ୍ନ। ଗୋଟିଏ ଅଞ୍ଚଳରେ ମଧ୍ୟ ଏଭଳି ଭିନ୍ନତା ରହିଛି। ମଣିପୁର ହିଂସା ହେଉଛି ଏହାର ଏକ ସଦ୍ୟ ଉଦାହରଣ ଏବଂ ମଣିପୁର ଘଟଣାକୁ ନେଇ ସମାଜର ଭିନ୍ନ ଭିନ୍ନ ମତ ରହିଛି। ଏଭଳି ବିଷମତା ଏବଂ ଭିନ୍ନତା ଥିବା ଭାରତରେ ପ୍ରାକୃତିକ ବିପଦ ଏବଂ ଆକସ୍ମିକ ସ୍ଥିତିରେ ଏକଜୁଟତା ମଧ୍ୟ ଦେଖାଯାଇଥାଏ। ଅନ୍ୟ ପକ୍ଷରେ ନିର୍ବାଚନ ନେତାଙ୍କ ହାତର ଖେଳନା ବନି ଯାଇଛି। ଜଣକୁ ଅନ୍ୟ ଜଣକ ବିରୁଦ୍ଧରେ ଲଢେଇ ନେତା ଭୋଟ ଅକ୍ତିଆରରେ ବ୍ୟସ୍ତ। କିନ୍ତୁ ଏସବୁ ପରେ ମଧ୍ୟ ଦେଶର ସମସ୍ତେ ଗୋଟିଏ କଥା କହୁ ନଥିଲେ ମଧ୍ୟ ଅନେକ ସମୟରେ ସମାନ କଥା ହିଁ କହିଥାନ୍ତି ଯେଉଁଥିପାଇଁ ଅନେକ ସମସ୍ୟାର ସମାଧାନର ପନ୍ଥା ବାହାରିଯାଇଥାଏ। ବିଭାଜନ, ସବୁ ସ୍ତର ଓ ପ୍ରକାର ବିଭାଜନରେ ଗ୍ରସ୍ତ-ତ୍ରସ୍ତ ଭାରତ ଶହ ଶହ ବର୍ଷ ଇଂରେଜଙ୍କ ଅଧିନରେ ରହିଲା କାହିଁକି, ସେ କଥା ବୁଝିବା କଷ୍ଟକର ନୁହେଁ। ଯଦି ଆମେ ହଜାର ହଜାର ବର୍ଷ ପୂର୍ବର ରାଜା ମହାରାଜା ମାନଙ୍କ ଗୌରବ ଗାଥାକୁ ମନେ ପକାଇ ପାରିବା ତେବେ କିଛି ଶହ ବର୍ଷ ପୂର୍ବର ବାଦଶାହ ଓ ସୁଲତାନ ମାନଙ୍କର ଭଲ କଥା ସବୁକୁ ମନ ପକାଇବାରେ କ୍ଷତି କ'ଣ? ଅନେକ ପିଢି ହେବ ଯେଉଁମାନେ ଭାରତରେ ରହି ଆସୁଛନ୍ତି ଏବଂ ଯେଉଁମାନେ ଇଂରେଜ ଶାସନକୁ ଭାରତୀୟ ଭାବେ ବିରୋଧ କରି ସ୍ୱାଧୀନତା ଆନ୍ଦୋଳନରେ ସାମିଲ୍ ହୋଇଥିଲେ ସେମାନଙ୍କ ଉତ୍ତରଦାୟାଦ ମାନଙ୍କୁ ଆକ୍ରମଣକାରୀଙ୍କ ଦାୟାଦ ଭାବିବା ଠିକ୍ ନୁହେଁ। ଇତିହାସ ଇତିହାସ ଅଟେ, ଏଥିରେ ଗର୍ବ କରିବାର ନାହିଁ କିମ୍ବା ଲଜ୍ଜିତ ହେବାର ନାହିଁ। କିନ୍ତୁ ଇତିହାସରୁ ଶିକ୍ଷାଲାଭ କରିବା ଉଚିତ୍। ଯିଏ ଇତିହାସରୁ ଶିକ୍ଷା ଲାଭ କରିନାହିଁ ତାର ଭବିଷ୍ୟତ ମଧ୍ୟ ନାହିଁ।

ଭିନ୍ନତାର ଅନ୍ତଃ ବିରୋଧ ସତ୍ତ୍ୱେ ଗାନ୍ଧୀ ଏ ଦେଶକୁ ନେତୃତ୍ୱ ଦେଇଥିଲେ। ଇଂରେଜ ମାନଙ୍କୁ ବିରୋଧ କରୁଥିବା ଗାନ୍ଧୀଙ୍କୁ ହତ୍ୟା କରିବା ପାଇଁ ଇଂରେଜ ମାନେ ମଧ୍ୟ ଭାବି ପାରିନଥିଲେ। କିନ୍ତୁ ଏ ଦେଶର କିଛି ତଥାକଥିତ ବିଶିଷ୍ଟ ବ୍ୟକ୍ତି ଗାନ୍ଧୀଙ୍କ ହତ୍ୟାକୁ ଠିକ୍ ବୋଲି କହୁଛନ୍ତି। ଆର୍ଥୀକ ଓ ସାମାଜିକ ସମତା ବିନା ସ୍ୱାଧୀନତା ଅଧୁରା ବୋଲି ଗାନ୍ଧୀ କହୁଥିଲେ। ଗରୀବର ଜାତି ନାହିଁ କି ଧର୍ମ ନାହିଁ। ଗରୀବ କେବଳ ଗରୀବ। ସମାନତା ପାଇଁ ସଂରକ୍ଷଣର ଆର୍ଥୀକ ଆଧାର ବର୍ଗୀୟ ଦୃଷ୍ଟିରୁ ନ୍ୟାୟପୂର୍ଣ୍ଣ ଲାଗିପାରେ କିନ୍ତୁ ମଇଳା ସଫା କରୁଥିବା ଲୋକଟିର ସମାଜିକ ମର୍ଯ୍ୟାଦା କ'ଣ ସେ କଥା କେହି କେବେ ଚିନ୍ତା କରିଛନ୍ତି କି? ବାବା ସାହେବ ଆମ୍ବେଦକରଙ୍କୁ ଜାତିଗତ ଭେଦଭାବର ଶିକାର ହେବାକୁ ପଡିଥିଲା। ତେବେ ସଂରକ୍ଷଣ ପାଇଁ ଆର୍ଥୀକ ଆଧାର କ'ଣ ଠିକ୍ ନୁହେଁ? ଦେଶର କିଛି ଗୋଷ୍ଠୀ ଗାନ୍ଧୀ ଓ ଆମ୍ବେଦକରଙ୍କୁ ବିରୋଧ କରୁଥିଲେ। ଗାନ୍ଧୀ ଚାହିଁଥିଲେ ଦେଶ ବିଭାଜନ ହୋଇନଥାନ୍ତା ବୋଲି ଅନେକଙ୍କ ମତ। ଏହି କଥାରେ ଅନେକ କଥା ଲୁଚି ରହିଛି। ଅର୍ଥାତ୍ ଗାନ୍ଧୀ କେବେ ହାରି ପାରନ୍ତିନି ବା ଗାନ୍ଧୀ ହାରିବା କଥା ନୁହେଁ। ଦେଶ ବିଭାଜନ ପାଇଁ ଗାନ୍ଧୀ ଦାୟୀ ନୁହଁନ୍ତି। ରାଷ୍ଟ୍ରୀୟ ଚେତନା ଏବଂ ବିବେକର ସାଂପ୍ରଦାୟିକ ପରିଚୟ ହିଁ ଦେଶର ବିଭାଜନର କାରଣ। ଗାନ୍ଧୀଙ୍କୁ କିନ୍ତୁ ଏଥିପାଇଁ ସମାଲୋଚନା କରାଯାଉଛି।

ଦଳିତ ଓ ଆଦିବାସୀ ସଂରକ୍ଷଣ ଏକ ବର୍ଗ ଚେତନାକୁ ଜାଗୃତ, ସଂଗଠିତ ଏବଂ ବିକଶିତ କରିଥିଲା, ଯେଉଁ କାରଣରୁ ମଣ୍ଡଳ କମିଶନ ଜାତିଗତ ପରିଚୟକୁ ଗୁରୁତ୍ୱ ଦେଇଥିଲେ। ପଛୁଆ ଭାବେ ଚିହ୍ନିତ ଜାତି ମାନଙ୍କ ମଧ୍ୟରୁ ଅନେକ ଜାତି ଆର୍ଥୀକ ଓ ସାମାଜିକ ସ୍ତରରେ ସ୍ୱଚ୍ଛଳ ଥିବାବେଳେ ପଛୁଆ ବର୍ଗଙ୍କୁ ମିଳିବାକୁ ଥିବା ସବୁ ସୁବିଧା ହଡପ କରିନେଉଛନ୍ତି। ଦଳିତ ଆଦିବାସୀଙ୍କ ଅଧିକାର ଏବଂ ସୁବିଧା ମଧ୍ୟ କିଛି ପରିବାର ମଧ୍ୟରେ ସୀମିତ ରହିଗଲା। ବାସ୍ତବରେ ଯେଉଁମାନେ ସୁବିଧା ପାଇବା କଥା ସେମାନେ ପାଇଲେ ନାହିଁ। ଏଣୁ ଜାତି ଜାତି ମଧ୍ୟରେ ଅବିଶ୍ୱାସ ବଢିବାରେ ଲାଗିଲା। ଚେତନା ଜାତିରୁ ଯାଇ ପୁଣି ଜାତି ଉପଜାତି ପର୍ଯ୍ୟନ୍ତ ବିଭାଜିତ ହେଲା ଓ ଜାତି ଜାତି ଓ ଉପଜାତି ମଧ୍ୟରେ ଦୁରତା ବଢିଲା। ଏଣୁ ନେତାଙ୍କ ପାଇଁ ବିଭାଜନ କର ଏବଂ ଭୋଟ ପାଅର କ୍ଷେତ୍ର ପ୍ରସ୍ତୁତ ହୋଇଗଲା। ଆଧ୍ୟାତ୍ମିକ ଚେତନା ପାଇଁ ପ୍ରସିଦ୍ଧ ଏ ଦେଶର ଏଭଳି ଦୁର୍ଗତି ପାଇଁ ଦାୟୀ କିଏ? ଭୌତିକ ବାଦ ଠାରୁ ଆଧ୍ୟାତ୍ମ ହାରି ଯାଇଛି, ଆକର୍ମଣ୍ୟତା ଠାରୁ ପୁରୁଷାର୍ଥ ହାରିଯାଇଛି, ବର୍ଚ୍ଚସ୍ୱ ଠାରୁ ବିବେକ ହାରି ଯାଇଛି ଓ ସ୍ୱାର୍ଥ ଠାରୁ ପରମାର୍ଥ ହାରିଯାଇଛି। ଭାରତୀୟ ସମାଜ ଅବତାରବାଦ ଓ ଅତୀତ ପ୍ରତି ଆସକ୍ତ। କିନ୍ତୁ ରାମଙ୍କୁ ପାଇବା ପାଇଁ ସମାଜକୁ ଯୋଗ୍ୟ ହେବାକୁ ପଡିବ।

♥ ରାମଚନ୍ଦ୍ରପୁର, ରଣପୁର
ମୋ - ୯୪୩୮୪୮୫୦୯୪

# କବିତା...



## ॥ ଷାଠିଏ ହେଇଗଲେ ॥

ଅନୁବାଦ : ଶୈଳବାଳା ମହାପାତ୍ର



ମୂଳ ହିନ୍ଦୀ : ରାଜେନ୍ଦ୍ର ଉପାଧ୍ୟାୟ

ଷାଠିଏରେ ପହଞ୍ଚିବା କ'ଣ
ଗୋଟେ ଦୋଷ ଯେ
ତୁମର ଚୌକି ଟେବୁଲ୍
ଏମିତିକି ତୁମ ବସାଘର ବି ଝିଙ୍କି ନିଆଯାଏ
'ଯାଅ, ଯାଅ କିଛି ଦରକାର ନାହିଁ ତୁମଠି
ତମେ କିଛି କାମର ନୁହଁ ଆଉ'
ଏବେବି ତୁମ କଥାରେ ସେଇ ଦମ୍
ତୁମ ଦେହରେ ସେଇ ଶକ୍ତି
ଚୁଟି ସେମିତି ହିଁ ଅଛି କଳା
ବାସ୍ ଗୋଟେ ଅଜଣା ତାରିଖ ତମକୁ
ତମର ସବୁ ଜିନିଷରୁ, ସବୁ ଜନ୍ମଦିନରୁ
ସବୁ ଭୋଜିଭାତରୁ ବିଛିନ୍ନ କରିଦିଏ
ଗୋଟେ ଅଜଣା ତାରିଖ
ଯା' ତୁମ ଜନ୍ମ ବେଳେ
ତମ ଉପରେ ଚିପକେଇ ଦିଆ ଯାଇଥିଲା
ସେଇ ତାରିଖ ଦିନେ ତମକୁ
'ରିଟାୟାର' ଘୋଷଣା କରିଦିଏ ।

ନିଜ କାମରେ ତମେ ଏତେ ତଲ୍ଲୀନ ଥିଲ ଯେ
ଜାଣି ପାରିଲନି କେବେ ଅପାରଗ ହେଇଗଲ
କେବେ ଷାଠିଏ ବର୍ଷ ହେଇଯାଇଛି ତମକୁ
ଏବଂ ଢୋଲ କାହାଳୀ
ଗାଉଣା ବାଜଣାରେ ତମକୁ ଜଣେଇ ଦିଆଯାଏ
ଯାଅ, ଏବେ ତମଠି କିଛି କାମ ନାହିଁ।

ସେବା ନିବୃତ୍ତ ହେବା ପରେ
ମଣିଷକୁ ତା ମୂଳରୁ
ତା' ସାଙ୍ଗ ସମ୍ବନ୍ଧିରୁ
ନିଜ ଭାବନାରୁ କାଟି ଦିଆଯାଏ ।

ଏଇ ତାରିଖରୁ ସେବା ନିବୃତ୍ତ କରାଗଲା
କହିଦେଲେ କ'ଣ
ମଣିଷ ନିକମ୍ମା ହୋଇଯାଏ ସବୁଦିନ ପାଇଁ !?
ଷାଠିଏ ହେଇଗଲେ
ନିଜର ଚୌକି ପର ହେଇଯାଏ
ପଚାରିକି ଆସିବାକୁ ପଡ଼େ ଦପ୍ତର
ନିଜ ଇଚ୍ଛାରେ ଆସିଗଲେ
କେହି ବସିବାକୁ କହନ୍ତିନି
ପାଣି ଗ୍ଲାସ୍‌ଟେ ବଢେଇ ଦିଅନ୍ତନି
ଚା ' କଥା ନକହିବା ଭଲ !

କେହି ପୁରୁଣା ବନ୍ଧୁ ଖୋଜି ଆସିଲେ ତମକୁ
ସହଜରେ କହିଦିଅନ୍ତି ସେମାନେ...
'ଗଲେଣି ସିଏ'
-ରିଟାୟାର ହେଇଗଲେ ? କେବେ ?
- 'ମଲା, ଷାଠିଏ ହେଇଗଲା ତ
ରିଟାୟାର ହୁଅନ୍ତେନି କି ?
ନା' ନା' ଆମେ ଜାଣିନୁ କେଉଁଠି ରହନ୍ତି ସେ
କ'ଣ ତାଙ୍କ ନମ୍ବର
ତମେ ଗଲ, ଆମ ମୁଣ୍ଡ ଖାଅନି
ଆମକୁ ଆମ କାମ କରିବାକୁ ଦିଅ !'

ଷାଠିଏ ବର୍ଷ ହେଲାବେଳକୁ
କାଠର ଚଉକି ବି ତମକୁ ଭଲପାଇ ବସେ
ତମ ନିଜର ହେଇଯାଇଥାଏ
ତୁମ ଫେରିବାର ଦୁଃଖରେ,
ସେ ବି ଘାରିହୁଏ !
ରାତାରାତି ତମକୁ ଫେରାଇବାକୁ ପଡ଼େ
ସବୁ ପରିଚୟ
ତମକୁ ହେବାକୁ ପଡ଼େ 'ଭୂତପୂର୍ବ '
ତୁମେ ହୋଇଯାଅ ସମ୍ପୂର୍ଣ୍ଣ ଅସ୍ଥାୟୀ ...
ଦୁଃଖ ନାଇଁ
ଆମେ ସମସ୍ତେ ଅସ୍ଥାୟୀ ବାସିନ୍ଦା
କୁହ, ଅଛି କି କେହି ଜଣେ
ସ୍ଥାୟୀ ଏଇ ପୃଥିବୀରେ !?

♥ଶୀଳାଚିନ୍ମୟ, ମଧୁବନ ଷଷ୍ଠ ଗଳି
ଟିକରପଡା ରୋଡ଼, ପୁରୀ - ୨
(ମୋ) ୭୦୦୮୫୮୬୫୦୧

## ॥ ଚା' ଖଟିରେ କବିତା ॥

ବୃନ୍ଦାବନ ଦାସ



କବିତାର ଧାର୍ ଧାରୁ ନଥିବା
ଟୁକୁ ଓରଫ୍ ସଞ୍ଜିତ୍ ଦାସ
କପରେ ଚା' ଢାଳୁ ଢାଳୁ
ବୁଝୁ କି ନବୁଝୁ ଗରମ ବାମ୍ଫରେ ଦେଖୁଥାଏ
କବିତା ପରି କିଛି
ପାଖରେ ବସିଥାନ୍ତି କବି ପ୍ରେମାନନ୍ଦ ।

ଜଗାଦାସକୁ ସାକ୍ଷୀରଖି
ପ୍ରେମାନନ୍ଦ ତାଙ୍କ କବିତାରେ ଫୁଟାନ୍ତି
ସାତଭାୟାର ଚରିତ୍ର ସବୁଙ୍କୁ
ସିଏ ବୁଦା ସନ୍ଧିରେ ମୁହଁ ମାଡି ପଡିଥିବା
ବିଦା ମଳିକ ହେଉ କି
ନିଶୂନ୍ ରାତିରେ ବଙ୍ଗାଳି ଡାକ୍ତର ସଙ୍ଗେ
ଫେରାର୍ ସର ଅପା ।

ସହରର ହୃଦୟ ତିନିମୁହାଁଣିରେ
ସନ୍ଧ୍ୟା ନଇଁଲା ବେଳକୁ
ଟୁକୁଟି ଷ୍ଟଲରେ ଏବେ ଏବେ ଆସି ବସିଥାନ୍ତି
'ସାତଭାୟା'ର କବି
ଧୀରେ ଧୀରେ ଗଡୁଥାନ୍ତି ଶ୍ରୀଧର, ଅଜୟ
ଚଟିପୋଲ ସେପଟୁ
ରାମସାହୁ ଷ୍ଟାଇଲର କବିତା ଭଜି ଭଜି
ହଲି ହଲି ଆସୁଥାଏ ରଞ୍ଜନ ବାଇ
ସବାଶେଷରେ ନନ୍ଦସାର ।

ଟିକେ ହାଲକା ହେବାର ଅନୁରାଗ ହିଁ
ଟାଣେ ଚା' ଖଟିକୁ, ଯୋଡେ ସମ୍ପର୍କକୁ ।

ଭୋଦୁଅ ଆକାଶରୁ ଝରୁଥାଏ
ତୁହାକୁ ତୁହା ସରୁ ବର୍ଷା
ପେଟ ଚାଖଣ୍ଡକ ପାଇଁ କି ଖରା କି ବର୍ଷା
କି ଶୀତ, ଚା' ବାମ୍ଫରେ
ଏକ ସମୃଦ୍ଧ ସମୟର ଚିତ୍ର ଆଙ୍କୁଥାଏ
ଚା'ବାଲା ଟୁକୁ ଓରଫ ସଞ୍ଜିତ ଦାସ।

ପ୍ରେମାନନ୍ଦକୁ ବେଢି ବସିଥାଆନ୍ତି
ଶବ୍ଦ ପ୍ରେମରେ ଉବୁଟୁବୁ କେଇଜଣ
ଧାଁ'ଦୌଡ ଯିବା ଆସିବା ଭିତରେ
ସାରା ସହରର ଦୁଃଖ ବି
କେତେବେଳେ ଆସି ଛିଡା ହୋଇଥାଏ
ଢିଙ୍କିଠୁ ଢେଙ୍କାନାଳ ଅସରା ଗପ ମଝିରେ ।

ଆଜି ଏଠି ତ' କାଲି ସେଠି
ଚା' ଖଟିର ଠିକଣା ନଥାଏ କିଛି
ଖଟି କ୍ରମଶଃ କବିତାମୟ ହେଲା ବେଳକୁ
ଟୁକୁ ବଢେଇ ଦେଉଥାଏ ଗରାକି ହାତକୁ
କପ୍ ପରେ କପ୍,
କବିତାରେ ଗପ ବଢଉଥାଏ, ପାଦ ଆଗକୁ
ଚା' ଦୋକାନି ଟୁକୁ ବୁଝୁ କି ନବୁଝୁ
ଭାବୁଥାଏ କବିତା ବୋଲି କିଛି ଅଛି ।

♥ଅଧ୍ୟାପକ,
ରାଜନୀତି ବିଜ୍ଞାନ ବିଭାଗ
ଡେରାବିଶ କଲେଜ, ଡେରାବିଶ
କେନ୍ଦ୍ରାପଡା - ୭୫୪୨୮୯
(ମୋ) ୯୭୭୭୮୪୩୦୩୧

## ॥ ମୁଁ ଥାଏ କି ନଥାଏ ॥

ଦୁର୍ଗାଚରଣ ଷଡ଼ଙ୍ଗୀ



ପୁଣି ଏବେ ନବ୍ୟ ସାମନ୍ତ ବାଜା ବାଜିଲାଣି
ଭାରତ ବର୍ଷରେ।
ଥୋକେ ବୁଦ୍ଧିବାଦୀର ପୋଷାକ ନାଇ
'ସବଜାନତା ମାନୁଷ୍' କହି ନିଜକୁ
ଗମାତ କଲେଣି ରାଜା ରାସ୍ତାରେ।
ଠିକ୍ ଯଦୁବଂଶ ନାରଖାର ହେବାପରି
ବାସୁଦେବର ଆଖି ଆଗରେ।

ଏ ବସୁଧା ଗୋଟେ ଜୀର୍ଣ୍ଣ ଇତିହାସ
ଗୋଟେ ଡହଳ ବିକଳ ସ୍ୱର
ଅତୀତ ଆମର ଭ୍ରମ
ଗାଥା ଗୌରବ ଶୌର୍ଯ୍ୟ ସାହସ
ସେ ସବୁ ଇତିହାସ ଏବେ ନିଆଁ ପୁଆଁରେ
ଅଇଘେରାର ଅଝାଡ଼ ଉହ୍ଲେଇ
ଗ୍ରାସି ଯିବାପରି ସଚରାଚର
ଏବେ କେବଳ ହିଁ ଶୁଭେ
ଗୋଟିଏ 'ବାଦ'ର ନାଦ
ଖାଅ ପିଅ ଅୟସ କର।

ଯଦୁବଂଶ ଏବେ ଉନ୍ମତ ନାଶ ହେବାକୁ
ରକ୍ତ ଚରିତ୍ରରେ
ବେଦପୁରାଣ ଲହୁଲୁହାଣ
ଚାରବାକର ଆମ୍ବ ଦର୍ଶନରେ- ବାଇନାଚ
'ଭୋଗ' ଏବେ ଭାଗ୍ୟ
'ଆହରଣ' ଗୋଟେ ହାତ ସଫେଇ ଖେଳ
ନୀତି ଆଦର୍ଶର ରୂପକାର ଚାଣକ୍ୟ
ଜୀବନ ବଞ୍ଚେଇ ଲୁଚି ଗଲେଣି ଏବେ
କୃତଘ୍ନ ମଣିଷ ଆଖିର ବିଷ ବଳୟରେ।

ପାରୁଛ ତ କିଏ ଅଛ ଆସ, ଉଖାରି ଦିଅ
ଏ ଭୋଗବାଦ ସର୍ବଶେଷ ନିଆଁ
ଝାଂଜି ପବନରେ ଶୁଆଇ ଦିଅ
କୃତଘ୍ନ ଭୋଗବାଦୀଙ୍କ କୁଢ଼କୁଢ଼ ଶବ
ମୁଢ ଧୃତରାଷ୍ଟ୍ରମାନଙ୍କ ଆଖି ଆଗରେ
କବନ୍ଧ ଗଡୁଥାଉ ଉଦ୍ଧତ ମାନଗୋବିନ୍ଦର
ଶେଷ ହେଇ- ଉଦଗ୍ର କାମନା ଶୋଷ
ରକ୍ତନଦୀର ଭୀମ ପ୍ରବାହରେ।

ଥାଉ ଏକ ବିପୁଳା ପୃଥିବୀ ମୋର-
ମୁଁ ନଥାଏ ପଛେ।

ଥାଉ ଏ ପଞ୍ଚଭୂତ ଥାଉ
ଥାଉ ଏକ ନୂଆ ସର୍ଜନାର ସକାଳପାଇଁ, ଥାଉ
ପୂର୍ବାଶାରେ ଉଇଁ ଆସୁ-
ଗୋଟେ ଲଳିତ କୋମଳ ସୂର୍ଯ୍ୟ
ମୋ ବିରାଦରିର ଭାଗ୍ୟ ବର୍ଣ୍ଣମୟ ହେଉ
ପ୍ରୀତିସ୍ପଦ ହେଉ ତା ସ୍ୱପ୍ନଭୁକ୍ ମନ
ଅଥଚ ମୁଁ ଏଠି ଥାଏ କି ନଥାଏ ।

♥ ଭୁବନେଶ୍ୱର
ମୋ: ୯୪୩୮୫୩୫୫୭୭

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୧୭ ସେପ୍ଟେମ୍ବର ୨୦୨୩



# ବହୁଜନରୁ ସର୍ବଜନ: ଆଦର୍ଶ ବିଚ୍ୟୁତ କି ?

## ଅଧ୍ୟାପକ ଗୋପବନ୍ଧୁ



ଭାରତୀୟ ରାଜନୀତିରେ 'ବହୁଜନ' ଶବ୍ଦର ବ୍ୟବହାର ଅନେକ ସମୟରେ ଶୁଣିବାକୁ ମିଳୁଛି। ଏହି ଶବ୍ଦକୁ ସଂଖ୍ୟାଧିକ ଅର୍ଥରେ ବ୍ୟବହାର କରାଯାଏ। ଗୌତମ ବୁଦ୍ଧ ଏହି ଶବ୍ଦର ବ୍ୟବହାର ସଂଖ୍ୟାଧିକ ଲୋକଙ୍କ ଉଦ୍ଦେଶ୍ୟରେ କରିଥିଲେ ଓ କହିଥିଲେ 'ବହୁଜନ ସୁଖାୟ, ବହୁଜନ ହିତାୟ ଚ'। ଡକ୍ଟର ବି.ଆର. ଆମ୍ବେଦକର ରାଜନୀତି କ୍ଷେତ୍ରରେ ଏହାକୁ ସଂଖ୍ୟାଧିକ ଅନଗ୍ରସର ଜାତିସମୂହର ଲୋକମାନଙ୍କ ଅର୍ଥରେ ବ୍ୟବହାର କରିଥିଲେ, ଯେଉଁମାନେ ସମାଜରେ ସମାନ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ଆସିଛନ୍ତି। ତେବେ ସେ ଏ ଶବ୍ଦକୁ ରାଜନୀତି ପରିସରକୁ ଆଣି ନଥିଲେ। ତାଙ୍କ ଦେହାନ୍ତର ବହୁବର୍ଷ ପରେ ମାନ୍ୟବର କାଂଶିରାମ ଏହାକୁ ରାଜନୈତିକ ରୂପଦେଲେ। ସେ ଗଠନ କରିଥିଲେ ବହୁଜନ ସମାଜ ପାର୍ଟି, ସଂକ୍ଷେପରେ ବିଏସପି। ତାଙ୍କୁ ସହଯୋଗ କରିଥିଲେ ସୁଶ୍ରୀ ମାୟାବତୀ।

ବିଏସପି ବହୁଜନ ଶବ୍ଦର ବ୍ୟବହାର କରେ ସେହି ସଂଖ୍ୟାଧିକ ଜନସମୁଦାୟଙ୍କ ଉଦ୍ଦେଶ୍ୟରେ ଯେଉଁମାନେ ଭାରତବର୍ଷର ମୂଳବାସିନ୍ଦା ଅଟନ୍ତି। ଏମାନଙ୍କ ବିଚାରରେ ଦେଶର ସମସ୍ତ ଆଦିବାସୀ, ଦଳିତ ପଛୁଆବର୍ଗ ଓ ପରିବର୍ତ୍ତିତ ସଂଖ୍ୟାଲଘୁମାନେ ଭାରତବର୍ଷର ମୂଳବାସିନ୍ଦା ଅଟନ୍ତି। ତେଣୁ ଏମାନେ ବହୁଜନର ଅନ୍ତର୍ଗତ ଅଟନ୍ତି। ଯେଉଁମାନଙ୍କ ସଂଖ୍ୟା ଦେଶରେ ଶତକଡା ୮୫ ଭାଗରୁ ଅଧିକ। ଆର୍ଯ୍ୟ ବା ସବର୍ଣ୍ଣମାନଙ୍କୁ ବିରୋଧ କରିବା ଏ ପାର୍ଟିର ମୂଳଲକ୍ଷ୍ୟ ଥିଲା। ହିନ୍ଦୁଧର୍ମରେ ଥିବା ବର୍ଣ୍ଣବ୍ୟବସ୍ଥାର ଏମାନେ କୋଠର ସମାଲୋଚକ। ଡକ୍ଟର ଆମ୍ବେଦକରଙ୍କ ବିଚାର ଓ ଆଦର୍ଶର ଅନୁସରଣରେ ସାମାଜିକ କ୍ରାନ୍ତିକୁ ଆଗେଇ ନେବା ପାର୍ଟିର ଲକ୍ଷ୍ୟ ଥିଲା। ବହୁଜନଙ୍କୁ ସଂଗଠିତ କରି ରାଜନୈତିକ ଶକ୍ତିର ଉଦ୍ରେକ ମାଧ୍ୟମରେ ରାଷ୍ଟ୍ର କ୍ଷମତା ଦଖଲ କରିବା ପାର୍ଟିର ଉଦ୍ଦେଶ୍ୟ। ରାଜନୈତିକ କ୍ଷମତା ଦଖଲ ମାଧ୍ୟମରେ ବର୍ଣ୍ଣବ୍ୟବସ୍ଥାର ଧ୍ୱଂସସାଧନ କରିବା ଓ ସମତାଭିତ୍ତିକ ସମାଜ ଗଠନ ସମ୍ଭବ ବୋଲି ଏମାନଙ୍କ ମତ।

ପ୍ରାରମ୍ଭରେ ଏ ପାର୍ଟି ଭୀଷଣ ପ୍ରତିକ୍ରିୟାଶୀଳ ଥିଲା। ପାର୍ଟିର ଲୋକପ୍ରୀୟ ସ୍ଲୋଗାନ ଥିଲା 'ତିଲକ ତରାଜୁ ଔର ତଲୱାର ଇନକୋ ମାର ଜୁତେ ଚାର'। ମାର୍କ୍ସବାଦର ଶ୍ରେଣୀ ସଂଘର୍ଷ ତୁଲ୍ୟ ଏହା ଜାତିକୁ ନେଇ ବୌଦ୍ଧିକ ଜାତି ସଂଘର୍ଷକୁ ତ୍ୱରାନ୍ୱିତ କରୁଥିଲା। ପାର୍ଟିର କୋଠର ଆଭିମୁଖ୍ୟ ସମାଜକୁ ଦୁଇଟି ମେରୁରେ ବିଭକ୍ତ କରିଥିଲା। ଗୋଟିଏ ହେଉଛି ବର୍ଣ୍ଣ ବ୍ୟବସ୍ଥାର ପକ୍ଷଧର ରକ୍ଷଣଶୀଳ ଗୋଷ୍ଠୀ ଓ ଅନ୍ୟଟି ହେଉଛି ପ୍ରତିକ୍ରିୟାଶୀଳ ବର୍ଣ୍ଣ ବ୍ୟବସ୍ଥାର ବିରୋଧୀ ଗୋଷ୍ଠୀ। ମାର୍କ୍ସବାଦର ଶ୍ରେଣୀ ସଂଘର୍ଷ ପାଇଁ ଲୋଡା ହେଉଥିବା ଦୁଇ ଗୋଷ୍ଠୀ ପୁଞ୍ଜିପତି (ବର୍ଜୁଆ) ଓ ସର୍ବହରା ଶ୍ରମିକ (ପ୍ରୋଲେଟାରିଏଟ୍) ତୁଲ୍ୟ ଏହା ଦୁଇ ସାମାଜିକ ଗୋଷ୍ଠୀ। କ୍ରମ ବିକାଶର ସୂତ୍ର ଅନୁଯାୟୀ ସଂଘର୍ଷ ଜରୁରୀ। ତଦନୁଯାୟୀ ସାମାଜିକ ବିକାଶ ପାଇଁ ଶାନ୍ତିପୂର୍ଣ୍ଣ ବୌଦ୍ଧିକ ସଂଘର୍ଷ ଜରୁରୀ। ଏହି ପ୍ରକାର ସଂଘର୍ଷକୁ ତ୍ୱରାନ୍ୱିତ କରିବା ଥିଲା ପାର୍ଟିର ଉଦ୍ଦେଶ୍ୟ। ଶ୍ରେଣୀ ଥିଲେ ଯେଉଁପରି ଶ୍ରେଣୀ ସଂଘର୍ଷ ଅବସମ୍ଭାବୀ, ସେହିପରି ଜାତି ଥିଲେ ଜାତି ସଂଘର୍ଷ ଅବସମ୍ଭାବୀ, ଏହି ନୀତିରେ ପାର୍ଟି ଚାଲିଥିଲା।

ଏହା ରାଜନୈତିକ ଆନ୍ଦୋଳନର ରୂପ ନେଇଥିଲା। ଏହାର ବହୁଳ ପ୍ରସାର ମୁଖ୍ୟତଃ ଉତ୍ତର ପ୍ରଦେଶରେ ଦେଖିବାକୁ ମିଳିଥିଲା। ଯେତେବେଳେ ଏ ଆନ୍ଦୋଳନ ଶିଖରରେ ଥିଲା ସେ ସମୟରେ ପାର୍ଟି ଉତ୍ତରପ୍ରଦେଶରେ କ୍ଷମତାକୁ ଆସିଥିଲା। ଉତ୍ତରଭାରତର ହିନ୍ଦୀ ଭାଷାଭାଷୀ ବିଭିନ୍ନ ରାଜ୍ୟରେ ନିଜର ସ୍ଥିତିକୁ କିଛି ମାତ୍ରାରେ ଜାହିର କରିପାରିଥିଲା। ଏବେବି କିଛି ମାତ୍ରାରେ ତାହା ରହିଛି। ଏ ପାର୍ଟିର ଭୋଟବ୍ୟାଙ୍କ ହେଉଛନ୍ତି ଦଳିତ ବର୍ଗର, ଅର୍ଥାତ୍ ଅନୁସୂଚିତ ଜାତି ବା ଏସସିମାନେ। ଆଦିବାସୀ ଓ ପଛୁଆବର୍ଗମାନେ ଏ ପାର୍ଟିକୁ ଗ୍ରହଣ କରି ପାରିଲେ ନାହିଁ। ପଛୁଆବର୍ଗ ବା ଓବିସିମାନେ ବିଏସପି କୁ ଗ୍ରହଣ ନକରି ନିଜସ୍ୱ ରାଜନୈତିକ ମଞ୍ଚ ଗଠନ କରିଛନ୍ତି। ଉତ୍ତରପ୍ରଦେଶରେ ସମାଜବାଦୀ ପାର୍ଟି (ଏସପି) ଏବଂ ବିହାରରେ ଜନତା ଦଳ ଇଉନାଇଟେଡ଼ (ଜେଡିଇଉ) ଓ ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ଏହାର ନମୁନା। ଆଦିବାସୀ ଅଧ୍ୟୁଷିତ ଝାଡଖଣ୍ଡରେ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ)ର ଆବିର୍ଭାବ ହେଲା। ତାମିଲନାଡୁରେ ତୀବ୍ର ପ୍ରତିକ୍ରିୟାଶୀଳ ରାଜନୈତିକ ଦଳ ଡିଏମକେ ପୂର୍ବରୁ ରହିଛି।

ମାନ୍ୟବର କାଂଶିରାମଙ୍କ ବିୟୋଗ ପରେ ପର୍ଯ୍ୟାୟକ୍ରମେ ବିଏସପି ତାର ନୀତି ଓ ଆଦର୍ଶରେ ପରିବର୍ତ୍ତନ କଲା। ଏହା ବହୁଜନ ଶବ୍ଦକୁ ଛାଡି ସର୍ବଜନ ଶବ୍ଦକୁ ଧରିଲା। ଅର୍ଥାତ୍ ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିବାର ପ୍ରୟାସ କଲା। ଏହାର ନିର୍ବାଚନ ଚିହ୍ନ ହାତୀକୁ ଗଣେଶଙ୍କ ସହିତ ତୁଳନା କଲା। ଏବେ ସ୍ଲୋଗାନ ବଦଳି ଗଲା। ପାର୍ଟି କହିବାକୁ ଆରମ୍ଭ କଲା 'ଏ ହାତୀ ନେହିଁ ଗଣେଶ ହେ, ବ୍ରହ୍ମା ବିଷ୍ଣୁ ମହେଶ୍ ହେ'। ଜାତିକୁ ନେଇ ବୌଦ୍ଧିକ ସଂଘର୍ଷ ଲୋପ ପାଇଲା। ପାର୍ଟି ବ୍ରାହ୍ମଣମାନଙ୍କୁ ଉଚ୍ଚ ସ୍ଥାନ ଦେଲା। ଶତିଶ୍ ମିଶ୍ର ପାର୍ଟିର ସାଧାରଣ ସମ୍ପାଦକ ହେଲେ। ବିଭିନ୍ନ ସ୍ଥାନରେ ବ୍ରାହ୍ମଣ ମହାସଭାର ଆୟୋଜନ ହେଲା। ପାର୍ଟି ଓବିସିଙ୍କୁ ଦୁରେଇ ରଖିବାକୁ ଚେଷ୍ଟା କଲା। ଓବିସିମାନେ ମଧ୍ୟ ଦୁରେଇ ଗଲେ। ପାର୍ଟି ବିଜେପି ପ୍ରତି ଅଧିକ ଅନୁରକ୍ତି ଦେଖାଇଲା। ପାର୍ଟି ତାର ଉଗ୍ର ସ୍ୱଭାବକୁ ଛାଡି ନରମ ନୀତିକୁ ଆପଣେଇଲା। ମନୁବାଦ ବିରୁଦ୍ଧରେ ସ୍ୱର କ୍ଷୀଣ ହେଲା। ଯେଉଁମାନଙ୍କୁ ଦିନେ ପାର୍ଟି ବିରୋଧ କରୁଥିଲା, ତାଙ୍କୁ ସାଙ୍ଗରେ ନେଇ ଚାଲିଲା। କ୍ଷମତା ପାଇଁ ସାଲିସର ଆବଶ୍ୟକତା ରହିଛି, ତେଣୁ ସଂଘର୍ଷ ଅନିବାର୍ଯ୍ୟ ନୁହେଁ ବୋଲି କହିଲା।

ଅନ୍ୟପଟେ ପାର୍ଟିର ଜନାଧାର କମିବାକୁ ଲଗିଲା। ଆସନ ସଂଖ୍ୟା କମି କମି ଆସିଲା। ଯେଉଁ ପାର୍ଟି ଦିନେ ଉତ୍ତର ପ୍ରଦେଶରେ ସଂଖ୍ୟାଧିକ ଆସନ ନେଇ ଶାସନ କରୁଥିଲା ସେ ପାର୍ଟି ଉତ୍ତରପ୍ରଦେଶର ଗତ ବିଧାନସଭା ନିର୍ବାଚନରେ ମାତ୍ର ଗୋଟିଏ ଆସନ ପାଇବା ଅନେକଙ୍କୁ ଚକିତ କରିଛି। ୨୦୧୪ ସାଧାରଣ ନିର୍ବାଚନରେ ପାର୍ଟି ଗୋଟିଏ ବି ଏମପି ଆସନ ଜିତି ପାରିଲା ନାହିଁ। ୨୦୧୯ ନିର୍ବାଚନରେ ସମାଜବାଦୀ ପାର୍ଟି ସହିତ ଆସନ ବୁଝାମଣା କରି ୧୦ଟି ଏମପି ଜିତିଛି। ଏହି ବୁଝାମଣା କାଏମ ଥିଲେ ବିଧାନସଭା ନିର୍ବାଚନରେ ବୋଧହୁଏ ଏ ବିପର୍ଯ୍ୟୟ ଦେଖିବାକୁ ମିଳି ନଥାନ୍ତା। ପାର୍ଟି ପୁନର୍ବାର ପୂର୍ବ ଅବସ୍ଥାକୁ ଫେରିବା କଥା ଅନେକେ ଆଉ ବିଶ୍ୱାସ କରିପାରୁ ନାହାଁନ୍ତି। ବିଭିନ୍ନ ରାଜ୍ୟରେ ଯେଉଁ ଲୋକପ୍ରତିନିଧି ମାନେ ପାର୍ଟିରୁ ଜିତିଛନ୍ତି ସେମାନେ ସହଜରେ ପ୍ରଲୋଭିତ ହୋଇ ଅନ୍ୟ ଦଳକୁ ଚାଲି ଯାଉଛନ୍ତି। ଏହା ହେଉଛି ଯେହେତୁ ସେମାନେ ସଂଘର୍ଷକୁ ନେଇ ପାର୍ଟିର ଅଙ୍ଗୀକାର ବଦ୍ଧତା ଉପରେ ସନ୍ଦେହ କରୁଛନ୍ତି। ତେଣୁ ଏମାନେ ସୁବିଧାବାଦର ଶୀକାର ହେଉଛନ୍ତି।

କିନ୍ତୁ ସୁଶ୍ରୀ ମାୟାବତୀଙ୍କ ସ୍ୱପ୍ନ ଏବେବି ରହିଛି ଦିନେ ସେ ଭାରତବର୍ଷର ପ୍ରଧାନମନ୍ତ୍ରୀ ହେବେ। ତାଙ୍କ ପାଇଁ ସମୟ ଅତିକ୍ରାନ୍ତ ହୋଇଯାଇଛି ବୋଲି ଅନେକଙ୍କ ବିଶ୍ୱାସ। ତାଙ୍କ ଭୋଟ ବ୍ୟାଙ୍କକୁ ଅକ୍ତିୟାର କରିବା ପାଇଁ ଆଜାଦ ସମାଜ ପାର୍ଟି ଆସିଯାଇଛି। ଏହି ପାର୍ଟି ତଥା ଭୀମ ଆର୍ମିର ମୁଖ୍ୟ ଚନ୍ଦ୍ରଶେଖର ଆଜାଦ ତାଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦୀ ଭାବେ ଉଭା ହୋଇ ସାରିଲେଣି। ଯୁବକମାନେ ଚନ୍ଦ୍ରଶେଖରଙ୍କୁ ଅଧିକ ପସନ୍ଦ କରୁଛନ୍ତି। ତେବେ ଏବେବି ମାୟାବତୀଙ୍କ ଯାଦୁ ଜନମାନସରେ ରହିଛି। ସମସ୍ତ କ୍ରାନ୍ତିକାରୀ ଗୋଷ୍ଠୀଙ୍କୁ ଏକତ୍ରୀତ କରି ସମସ୍ତଙ୍କୁ ବିଶ୍ୱାସକୁ ନେଇ ସେ ଯଦି ପୁଣି ସମତା ଆନ୍ଦୋଳନକୁ ଆଗକୁ ବଢାଇବେ ତେବେ ପୁଣି ସେ କେନ୍ଦ୍ରୀୟ ରାଜନୀତିକୁ ଫେରିବାର ସମ୍ଭାବନା ରହିଛି। ଅନ୍ୟଥା ତାଙ୍କ ସ୍ଥିତି ଆହୁରି ଦୁର୍ବଳ ହୋଇଯିବ।

♥ ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

ଗୋଟେ ଅନୁଭବୀ ଗପ

# ହୃଦୟର ଭାଷା

ସବୁବେଳେ କବିତା ଭ୍ରମଣ କରିବାକୁ ଭଲ ପାଉଥିଲେ । ସେ କେବେବି ଗୋଟିଏ ସ୍ଥାନରେ ରହିବାକୁ ପସନ୍ଦ କରନ୍ତି ନାହିଁ । ସେଥିପାଇଁ ସେ ଏକ ସୁଦୂର କୋରାପୁଟରେ ଯାଇ ଚାକିରି କରୁଥିଲେ । ତାଙ୍କର ଆଗ୍ରହ ସେ ଓଡ଼ିଶାର ଯେ କୌଣସି କୋଣରେ ଯାଇ କାମ କରିପାରିବେ । ସେ ଏକୁଟିଆ ରହିବାକୁ ବି ପସନ୍ଦ ଯେଭଳି କରୁଥିଲେ ସେଭଳି ନୂଆ ଲୋକମାନଙ୍କ ସହ କଥାବାର୍ତ୍ତା ଓ ମିଳାମିଶା କରିବାକୁ ତତ୍ପର ଥିଲେ । ସେମାନଙ୍କ ସହିତ ମିଶି ଅଳ୍ପ ବହୁତ ସଂସ୍କୃତି ରୀତିନୀତି ଜାଣିଥିଲେ ।

ଯଦିଓ କୋରାପୁଟ ଓଡ଼ିଶା ପ୍ରଦେଶର ଏକ ଛୋଟ ଜିଲ୍ଲା ଥିଲା । କିନ୍ତୁ ଆଜିକାଲି ସେ ଦେଶର ପଶ୍ଚିମ ଭାଗର କୋରାପୁଟରେ ରହୁଥିଲେ ଓ ଗତ କିଛି ଦିନ ଧରି ସେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବୁଲୁଥିଲେ ।

କାମ ସରିବାର ପରେ କବିତା ଭାବିଲା ଯେ ଏହା ଏକ ନୂଆ ସହର । ତା'ଙ୍କର ଟିକେ ବୁଲିବାକୁ ପ୍ରବଳ ଇଚ୍ଛା ହେଉଥିଲା, ତେଣୁ ସେ ଭଡା ନେଇ ଏକ କାର ନେଇ ଚାଲିଗଲେ। ସେ ସମୁଦ୍ରକୁ ବହୁତ ଭଲ ପାଉଥିଲେ । ସେହି ଦୃଷ୍ଟିରୁ ତାଙ୍କର ବିଶାଖାପାଟଣା ଯାତ୍ରା ଥିଲା । ସେଠାରେ ସନ୍ଧ୍ୟା ହେଲେ ମଧ ଜାଣି ହୁଏ ନାହିଁ । ଯେତେବେଳେ ସେ ଲକ୍ଷ୍ୟ କଲେ, ସେ ନିଜ ଫୋନ୍ ବାହାର କରି ସମୟ ଦେଖିବାକୁ ଚାହିଁଲେ, କିନ୍ତୁ ଦୁର୍ଭାଗ୍ୟବଶତଃ ଫୋନର ବ୍ୟାଟେରୀ ଚାର୍ଜ ନଥିଲା ।

ତାଙ୍କ ପାଇଁ ତାହା ଗୋଟିଏ ଅଜ୍ଞାତ ସହର ଥିଲା । ଏପରିକି ସେଠାକାର ଭାଷା ଟିକେ ଅଲଗା ଥିଲା । କବିତା ଫେରିବା ବାଟ ଜାଣିଥିଲେ ମଧ କାହାଠାରୁ ବୁଝିପାରି ନଥିଲେ। ସେ ସେଠାକୁ ଯାଇ କିଛି ଲୋକଙ୍କ ସହ କଥାବାର୍ତ୍ତା କରିବାକୁ ଚେଷ୍ଟା କରିଥିଲେ ମଧ କେହି ଇଂରାଜୀ ଜାଣି ନଥିଲେ । ତଥାପି କେହି କେହି ତାଙ୍କ କଥା ବୁଝି ତେଲୁଗୁରେ ଉତ୍ତର ଦେଇଥିଲେ ।

କ୍ଳାନ୍ତ ହୋଇ କବିତା ସମୁଦ୍ର କୂଳରେ ବସି କାନ୍ଦିବାକୁ ଲାଗିଲେ । ସନ୍ଧ୍ୟା କେତେବେଳେ ରାତିରେ ପରିଣତ ହେଲା ସେ ଜାଣିପାରି ନଥିଲେ । କବିତା କିଛି ବୁଝିବାକୁ ସକ୍ଷମ ହୋଇନଥିଲେ । ଏବେ ସେ ଯିବେ ବା କେଉଁଠାକୁ, ଭାବନା ମଧ୍ୟରେ ଖୁବ୍ ବିଚଳିତ ଜଣାପଡୁଥିଲେ ।

ତା'ପରେ ହଠାତ୍ ସେ କାହାର ସ୍ୱର ଶୁଣିବା ପରେ ବୁଲିଗଲେ । ବିସ୍ମୟ ଦେବଦୂତଙ୍କ ଭଳି ଜଣେ ପର୍ଯ୍ୟଟକ ତା'ଙ୍କ ସାମ୍ନାରେ ଠିଆ ହୋଇ ଧୀରେ କୋମଳ ସ୍ୱରରେ ଜିଜ୍ଞାସା କରୁଛନ୍ତି ! ଶେଷ ଉପାୟ ? ଆପଣ ଏଠି ଏକୁଟିଆ ବସି କରୁଛନ୍ତି କ'ଣ , ଆପଣଙ୍କ କ'ଣ ହୋଇଛି , ଆଗନ୍ତୁକ ପଚାରିଲେ ।

ମୋ ହୋଟେଲ ଏଠାରୁ ବହୁତ ଦୂରରେ ଓ ମୋ ଫୋନ୍ ଚାର୍ଜ ସରିଯାଇଛି ବୋଲି କବିତା ଏକ ସ୍ୱାଭାବିକ ସ୍ୱରରେ କହିଲେ । ପର୍ଯ୍ୟଟକ ଶାନ୍ତନୁ ହିନ୍ଦୀ ଜାଣିଥିଲେ ବି ନିଜ ମାତୃଭାଷାରେ କଥା ହେଲେ । ତେଣୁ ସେ କବିତାଙ୍କୁ ଅନୁସରଣ କରିବାକୁ କହିଲେ ଓ କିଛି ଦୂର ଗଲା ପରେ ଏକ ଦୋକାନରେ ତାଙ୍କ ଫୋନ୍ ଚାର୍ଜ କଲେ । ଦୋକାନୀ ଓ ଲୋକଙ୍କୁ ଦେଖିବା ପରେ କବିତାଙ୍କ ଦେହରେ ଜୀବନ ପ୍ରବେଶ କଲା ।

ଫୋନ୍ ଚାର୍ଜ ନହେବା ପର୍ଯ୍ୟନ୍ତ ସେ ସେଠାରେ ଠିଆ ହୋଇଥିଲେ । ସେହି ସମୟ ମଧ୍ୟରେ ଶାନ୍ତନୁଙ୍କ ଅର୍ଡର ପାଇ ଦୋକାନୀ କବିତାକୁ ଏକ କପ୍ ଫିଲ୍ଟର କଫି ଦେଲେ ।

'ଧନ୍ୟବାଦ, ଆପଣ କେଉଁଠାରୁ ଆସିଛନ୍ତି ? ଦୁଃଖିତ, ମୁଁ ନାମ ପଚାରିବାକୁ ଭୁଲିଗଲି' କବିତା ଧୀରେ କହିଲା ।

" ମୁଁ କୋରାପୁଟରେ କାମ କରେ । କିଛି ଦିନ ପାଇଁ ଏଠାରେ ଅଛି । ମୋର ନାମ ଶାନ୍ତନୁ । ଆପଣଙ୍କ ନାଁ ? ଶାନ୍ତନୁ ଭଦ୍ର ଭାବରେ ପଚାରିଲେ ।

ଭାସିଯାଇଥିବା ଲୋକ କୁଟାଖିଅକୁ ଆଶ୍ରା କଲାଭଳି କବିତା ନିଜ ବିଷୟରେ କହିଲେ । ଦୁହିଁଙ୍କ ମଧ୍ୟରେ ବନ୍ଧୁତା ହେବାକୁ ଅଧିକ ସମୟ ଲାଗିଲା ନାହିଁ । ଉଭୟ ନମ୍ବର ବିନିମୟ କରି ସନ୍ଧ୍ୟାରେ ନିଜ ନିଜ ହୋଟେଲକୁ ଫେରି ଯାଇଥିଲେ ।

ପରଦିନ କବିତା ହୋଟେଲ ଛାଡିବାକୁ ପ୍ରସ୍ତୁତ ହେଉଥିଲେ ଯେତେବେଳେ ଶାନ୍ତନୁଙ୍କୁ ହୋଟେଲ ବାହାରେ ଟ୍ୟାକ୍ସି ପାଇଁ ଅପେକ୍ଷା କରିଥିଲେ ।

କବିତାଙ୍କୁ ଦେଖି ଶାନ୍ତନୁ ହାତ ହଲାଇ 'ହେଲୋ' କହିଲେ ।

କବିତା ସଙ୍ଗେ ସଙ୍ଗେ ଶାନ୍ତନୁଙ୍କ ନିକଟକୁ ଯାଇ ପଚାରିଲେ, ଆରେ , ତୁମେ ଏଠାରେ କଣ କରୁଛ ?

"ମୁଁ ଭାବିଲି, ମୋତେ ସହରର ଚାରିପାଖରେ ଦେଖାଇବାକୁ ନେବ," ଶାନ୍ତନୁ ତାଙ୍କ ଗସ୍ତର କାରଣ ବୁଝାଇଥିଲେ ।

" ବାସ୍ତବରେ, ମୋର ମଧ ଦୁଇ ଦିନ ଛୁଟି ଅଛି, ତେଣୁ ମୁଁ ବୁଲିବାକୁ ଯିବାକୁ ଚିନ୍ତା କରୁଥିଲି । ଆସ, ବର୍ତ୍ତମାନ ମୁଁ ମଧ ତୁମର ସମର୍ଥନ ପାଇଛି, " ଶାନ୍ତନୁ ଖୁସି ବ୍ୟକ୍ତ କରି ହସିଦେଇ କହିଲେ ।

'ତା'ହେଲେ ଆମେ ଯିବା କି ? 'ଶାନ୍ତନୁ ଚାଲିବାକୁ ଅଙ୍ଗଭଙ୍ଗୀ କରି କବିତା ପାଇଁ ଟ୍ୟାକ୍ସି କବାଟ ଖୋଲିଲେ । ଦୁହେଁ ବୁଲିବାକୁ ବାହାରିଲେ । ବୁଲାବୁଲି କରିବା ଓ ଦିନସାରା ଏକାଠି ସମୟ ବିତାଇବା ପରେ ଦୁହେଁ ସନ୍ଧ୍ୟାରେ ବହୁତ ଥକି ଯାଇଥିଲେ । ଦୁହେଁ କଫି ପିଇବା ପାଇଁ ଗୋଟିଏ ସ୍ଥାନରେ ଅଟକି ଯାଇଥିଲେ ।

ତା'ପରେ କବିତା ତାଙ୍କ କାର୍ଯ୍ୟାଳୟରୁ ଏକ କଲ ପାଇଲେ ଓ ଜାଣିବାକୁ ପାଇଲେ ଯେ ଆସନ୍ତା ସପ୍ତାହରୁ ତାଙ୍କ କାର୍ଯ୍ୟାଳୟ ଖୋଲୁଛି । ଏବେ ତାଙ୍କୁ ଅଫିସକୁ ଫେରି ଯାଇ କାମ କରିବାକୁ ପଡିବ । ଏହା ଶୁଣିବା ମାତ୍ରେ ଦୁଃଖ ଶାନ୍ତନୁଙ୍କ ମୁହଁକୁ ଆଚ୍ଛାଦନ କଲା ।

କବିତାଙ୍କ ଦୁଃଖଦ ମୁହଁ ଦେଖି ଶାନ୍ତନୁ କହିଲେ, ଆରେ, ତେବେ କଣ ହେଲା, ଆମେ ସମ୍ପର୍କରେ ରହିବାତ । ଆମ ଏ ବନ୍ଧୁତା ଏତେ ଶୀଘ୍ର ଶେଷ ହେବାକୁ ଦେବାନି ।

ତିନି-ଚାରି ଦିନ ପାଇଁ ଦୁହେଁ ବହୁତ ବୁଲାବୁଲି କଲେ ।

କବିତା ଯିବାର ସମୟ ଆସିଗଲା । ଶାନ୍ତନୁ ତା'ଙ୍କୁ ବିମାନବନ୍ଦରରେ ପଠାଇବାକୁ ଯାଇଥିଲେ । ସମ୍ପର୍କରେ ରହିବାକୁ ଉଭୟ ପ୍ରତିଶୃତି ଦେଇଥିଲେ ।

କବିତା କିଛି ଦିନ ପରେ ନିଜର ଦୈନନ୍ଦିନ ଜୀବନରେ ବ୍ୟସ୍ତ ରହିଲା । କିନ୍ତୁ ବର୍ତ୍ତମାନ ସେ ଯାହା ବି କାମ କରନ୍ତି । ଯଦିଓ ସେ ଅତି ଭ୍ରମଣ ପ୍ରିୟ । ଅଫିସ କାର୍ଯ୍ୟରେ ଅଧିକ ଭାର ପଡିବାରୁ ଭ୍ରମଣରେ ବାହାରି ପାରିନାହାନ୍ତି । ତଥାପି ବିଶାଖାପାଟଣା ବିତାଇଥିବା ସ୍ମୃତି ଦିନ ସହିତ କବିତାଙ୍କୁ ମନେ ପକାନ୍ତି ।

ଅନେକ କାର୍ଯ୍ୟ ବ୍ୟସ୍ତତା ମଧ୍ୟରେ କବିତା ମଧ ଶାନ୍ତନୁଙ୍କ ସହ କଥାବାର୍ତ୍ତା ମଧ କରିପାରିନଥିଲେ । ହଠାତ୍ ସେଦିନ କେମିତି ଡ୍ର ମଧ୍ୟରୁ ଶାନ୍ତନୁଙ୍କ ଉପହାର ଉପରେ ଆଖି ପଡ଼ିବାରୁ ଛାତିରେ ଏକ ଅଜଣା ପୁଲକ ଅନୁଭବ କଲେ । ବାଃ ଏତେ ଦିନ ଏହା ଭିତରେ ବିତିଗଲାଣି । ଉପହାରରେ ଶାନ୍ତନୁଙ୍କ ନାମାଙ୍କନ ତଳେ ସଂପର୍କର ନମ୍ବର ଦେଖି ଫୋନ୍ କଲେ ।

'ନମସ୍କାର , ତୁମେ କେମିତି ଅଛ କବିତା, ତୁମେ ମୋତେ କୌଣସି ଖବର ମଧ ଦେଇ ନାହଁ । ତୁମେ ଜାଣିଛ ମୁଁ କେତେ ବିବ୍ରତ ହୋଇଥିଲି । ମ୍ୟାଡାମ୍ , ତୁମେ ବୋଧହୁଏ ଭୁଲି ଯାଇଛ ଉପହାସ ଛଳରେ କହିଲେ !'

ଫୋନ୍ ଉଠାଇବା ମାତ୍ରେ କବିତା ଏକ ନିଶ୍ୱାସରେ କହିଥିଲେ- ' ମୁଁ ତୁମକୁ ସବୁକିଛି କହିବି । ନିଶ୍ୱାସ ନିଅ, "କବିତା ହସି କହିଲା ।

' ନିଶ୍ୱାସ ନେବା ପାଇଁ ସମୟ ନାହିଁ । କୁହନ୍ତୁ ଆମେ ପୁଣି କେବେ ସାକ୍ଷାତ କରିବା ? ' ଶାନ୍ତନୁ ଧୈର୍ଯ୍ୟର ସହ କହିଲେ।

କବିତା ଅଭିମାନ ସ୍ୱରେ କହିଲେ "ଭଗବାନ ଜାଣନ୍ତି , ତୁମେ ଏତେ ଦୂରରେ ରହୁଛ ଯେତେବେଳେ ।"

" କବିତା, ମୁଁ ଆସନ୍ତାକାଲି ତୁମ ପାଖକୁ ଆସୁଛି, ମୁଁ ଆଉ କିଛି ଜାଣେ ନାହିଁ । ମୁଁ ତୁମକୁ ଭେଟିବାକୁ ଓ ତୁମକୁ କିଛି କହିବାକୁ ଚାହୁଁଛି, " କବିତା ଶାନ୍ତନୁଙ୍କୁ ଅଟକାଇବାକୁ କହିଲା ।

କଲ୍ ଶେଷ ହେବା ପରେ କବିତା ବହୁତ ଖୁସି ଥିଲେ, ସେ ବିଶ୍ୱାସ କରିପାରିନଥିଲେ ଯେ ଶାନ୍ତନୁ ତାଙ୍କୁ ଭେଟିବାକୁ ଏତେ ଦୂର ଆସୁଛନ୍ତି ।

ଯେଉଁ ଦିନ ଶାନ୍ତନୁ ଆସିବାକୁ ଥିଲା, କବିତା ନିଜେ ସକାଳୁ ବିମାନ ବନ୍ଦରକୁ ଯାଇଥିଲେ । ସେ ଆସିବା ମାତ୍ରେ କବିତା ଶାନ୍ତନୁଙ୍କୁ ଆଲିଙ୍ଗନ କରିଥିଲେ । କବିତା ଏହା ଉପରେ ଟିକେ ଅଭିମାନରେ ଓ ପ୍ରାୟ ତାଙ୍କୁ ଠେଲି କହିଲେ, ତେଣୁ ତୁମେ ଆସିଛ।

" ଛୁଟି ନେଇ ଆସିବାକୁ ପଡିଲା, ତୁମକୁ ଭେଟିବାକୁ ପଡିଲା, ସବୁବେଳେ କେବଳ କାମ ଆଉ କାମ " ଶାନ୍ତନୁ ହସି କହିଲା ।

କିଛି ସମୟ ପରେ ଦୁହେଁ ଏକ କାଫେକୁ ଗଲେ । ସେଠାରେ ଏଣୁତେଣୁ କିଛି ସମୟ ଚାଟିଂ କରିବା ପରେ ଶାନ୍ତନୁ କବିତାଙ୍କ ହାତକୁ ନେଇ କହିଲେ, " ଏହା ନୁହେଁ କି ଆମେ ଦୁହେଁ ଏକାଠି ଦୁନିଆକୁ ଦେଖୁଛେ ? ଏକାଠି ବୁଲିବା ଓ ଏକାଠି ଏହି ଯାତ୍ରା ସମାପ୍ତ କରିବା ।

'ତୁମେ ମୋତେ ପ୍ରସ୍ତାବ ଦେଉଛ କି ?' କବିତା ଆର୍ଦ୍ର ଆଖିରେ ପଚାରିଲା ।

ଉଦ୍ଦେଶ୍ୟତ ଏହିପରି କିଛି । ଯଦି ତୁମେ 'ହଁ' କୁହ, ତେବେ ଏହି ଯାତ୍ରା ମୋ ଜୀବନ ଆଶୀର୍ବାଦ ସଦୃଶ ପ୍ରାପ୍ତ ହେବ ବୋଲି ଶାନ୍ତନୁ ତାଙ୍କ ଗାଲକୁ ସ୍ପର୍ଶ କରି କହିଲେ । କବିତାଙ୍କ ଦେହରେ କେମିତି ଏକ ଶିହରଣ ଖେଳିଗଲା । ତାଙ୍କ ହୃଦୟରେ ନବ ପୁଲକର ତରଙ୍ଗ ଲହଡ଼ି ଭାଙ୍ଗି କୂଳଲଙ୍ଘନ କରୁଥିଲା । ଶାନ୍ତନୁଙ୍କ ପ୍ରତି ନିଜର ହୃଦୟର ଭାଷା କିପରି ବା ଖୋଲି ଦେବେ ?

'ତୁମେ କ 'ଣ ଭାବୁଛ ? ମୋର 'ନା' କହିବା ମୂର୍ଖାମୀ ହେବ, ତୁମେ କିଛି ବୁଝିପାରିବ ନାହିଁ ବୋଲି ଶାନ୍ତନୁ କାନ୍ଧରେ ମୁଣ୍ଡ ରଖି କବିତା ଦରୋଟି କଣ୍ଠରେ ଥଙ୍ଗମଙ୍ଗ ହୋଇ କହିଲା ।

ଉଭୟଙ୍କ ହୃଦୟ ନିଜେ ଯାତ୍ରା ସମୟରେ ଭେଟିଥିଲେ, ଆଜି ଉଭୟ ମଧ ସେମାନଙ୍କର ଗନ୍ତବ୍ୟ ସ୍ଥଳ ପାଇଗଲେ...!!!





ଡକ୍ଟର ଲକ୍ଷ୍ମଣ ସାହୁ

♥ ତାରା ନିଳୟ, ପ୍ଲଟ - ୮୫୪/ଏ
ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା - ୫୫
ମୋ : ୯୦୪୦ ୧୫୧୪୭୫

# ଜୀବନ ସନ୍ଧ୍ୟାର ଅନ୍ତିମ ସମୟ

## ସୁଧାଂଶୁ ଶେଖର ଦ୍ୱିବେଦୀ



ବିଶ୍ୱାସ ଅଫିସ ଯିବାପାଇଁ ପ୍ରସ୍ତୁତ ହୋଇ ଡାଇନିଂ ଟେବୁଲରେ ଜଳଖିଆ ଖାଉଥାଏ ହଠାତ ମୋବାଇଲ ରିଂ ହେଲା। ମୋବାଇଲରେ ଫ୍ଲାସ ହେଉଥିବା ନାଁକୁ ଦେଖି ମୁହଁ ବିକୃତ କରି କହିଲା-ହାଲୋ ମିସେସ ପଣ୍ଡା! ଯାହା କହିବା କଥା ଶୀଘ୍ର କୁହନ୍ତୁ। ମୋର ଅଫିସ ଟାଇମ ଲେଟ ହେଉଛି।

ମିସେସ ପଣ୍ଡା ନମ୍ର ସ୍ୱରରେ ଅନୁରୋଧ କରି କହିଲେ- ସାର୍! ମୁଁ ଆପଣଙ୍କର କେବଳ ଦୁଇମିନିଟ ଟାଇମ ନେବି। ଆପଣ ତ ଜାଣିଛନ୍ତି ଆପଣଙ୍କ ମା'ଙ୍କ ଦେହ ଦିନ ପ୍ରତିଦିନ ଖରାପ ହେବାରେ ଲାଗିଛି।ସେ କାଲିଠାରୁ ବେହୋଶ ହୋଇ ବିଛଣାରେ ପଡିଛନ୍ତି।ସମୟ ବାହାର କରି ଥରେ ଆସି ଦେଖି ଯାଆନ୍ତୁ। ବୋଧହୁଏ ତାଙ୍କ ନିଃଶ୍ୱାସ ଆପଣଙ୍କ ପାଇଁ ଅଟକି ରହିଛି।

ମିସେସ ପଣ୍ଡାଙ୍କ କଥା ଶୁଣି ବିଶ୍ୱାସ କହିଲା- ଆଜି ତ ସମୟ ହେବନି, ତଥାପି ଦେଖୁଛି ଦିନେ ଦି'ଦିନ ଭିତରେ ସମୟ ବାହାର କରି ଆଶ୍ରମକୁ ଯିବି। ତାପରେ ସେ କଲ କଟିଦେଇ ଜଳଖିଆ ଖାଇବାରେ ବ୍ୟସ୍ତ ରହିଲା। ପାଖରେ ଠିଆ ହୋଇଥିବା ତା' ସ୍ତ୍ରୀ ବିଶାଖା କହିଲା-ଆଶ୍ରମରୁ ଫୋନ ଆସିଥିଲା ବୋଧେ? କଣ କହୁ ଥିଲା ମିସେସ ପଣ୍ଡା? ପ୍ରତିମାସ କିଛି ନା କିଛି ବାହାନା ବନେଇ ତୁମକୁ ଆଶ୍ରମ ଟାଣି ନେବାର ତା'ର ଇଏ ଏକ ଅଭିନବ ପ୍ରୟାସ।

ବିଶାଖା କଥାରେ ବିଶ୍ୱାସ ଗମ୍ଭୀର ମୁଦ୍ରା ଧାରଣ କରି କହିଲା- ଆରେ ଛାଡ଼ ସେ କଥା। ମୁଁ କୋଉ ତା ଫୋନ କଲରେ ଚାଲିଯାଉଛି ଯେ ଆଜି ଯିବି! ମୁଁ ଜାଣେ ଆଶ୍ରମ ଯିବା ମାନେ ଟଙ୍କା ଓ ସମୟର ଅପଚୟ। ସେଥିରେ ପୁଣି ମିସେସ୍ ପଣ୍ଡାଠାରୁ ବାରମ୍ବାର ସେଇ ଘଷାମଜା ପୁରୁଣା କଥା ଶୁଣିବା ଛଡା ଆଉ ଯେମିତି କିଛି କଥା ନଥାଏ। ଯାହା ମୁଁ ଗତ ୫ ବର୍ଷ ହେବ ଶୁଣି ଆସୁଛି। ସତରେ ତା ପ୍ରବଚନ ଶୁଣି ଶୁଣି ଥକି ପଡିଲିଣି।

ବିଶାଖା ନିକଟରେ ନିଜ ମନର କଥା ଶୁଣେଇ ଅଫିସ ବାହାରିଗଲା ସେ। ମା' ଛ'ମାସ ହେବ ରୋଗ ଶଯ୍ୟାରେ ପଡିଛି ସବୁ ଜାଣି ମଧ ଏଇ ଛ'ମାସ ହେବ ବିଶ୍ୱାସ ଦିନେ ବି ମମତାର ଅମୃତ ସନ୍ଧାନରେ ବୃଦ୍ଧାଶ୍ରମର ମାଟି ମାଡିନାହିଁ।ଅଥଚ ତା' ମା' ବିଗତ ପାଂଚବର୍ଷ ହେବ ଜୀବନ ସନ୍ଧ୍ୟାର ଅନ୍ତିମ ସମୟକୁ ଅପେକ୍ଷା କରି ପଡିରହିଛି। ବିଶ୍ୱାସକୁ ମାତ୍ର ତିନି ବର୍ଷ ହୋଇଥାଏ ବାପା ଏକ ରୋଡ୍ ଏକସିଡେଣ୍ଟରେ ମୃତ୍ୟୁବରଣ କଲେ। ସେଦିନଠାରୁ ତା' ପରିଚୟରେ ପିତାଙ୍କର ନାମ ହଜିଗଲା। କିନ୍ତୁ ଏକାକୀ ତା' ମା' ଜୀବନ ସଂଘର୍ଷରେ ହାରି ନଯାଇ ବିଶ୍ୱାସକୁ ଲେଖା ପଢ଼ା କରେଇ ଜଣେ ସୁଯୋଗ୍ୟ ରୂପେ ଗଢ଼ି ପାରିଛି। ଯେଉଁଥିପାଇଁ ସେ ଏକ ସରକାରୀ ବ୍ୟାଙ୍କରେ ମ୍ୟାନେଜର ହୋଇପାରିଛି। ତା' ନିକଟରେ ଆଜି ସବୁକିଛି ଅଛି। ଗାଡି,ବଙ୍ଗଳା, ଚାକର, ପୂଜାରୀ ସହିତ ବୈଭବପୂର୍ଣ୍ଣ ଜୀବନ ଜୀଇଁବାର ସାରାଂଶ। ହେଲେ ମା' ପାଇଁ ସମୟ ନାହିଁ କି ଏତେବଡ଼ ବଙ୍ଗଳାରେ ମା'କୁ ଆଶ୍ରୟ ଦେବାକୁ ରୁମ୍ ନାହିଁ।

ଦୁଇଦିନ ଅତିବାହିତ ହୋଇସାରିଥାଏ। କିନ୍ତୁ ବିଶ୍ୱାସ ତା' ରୋଗିଣା ମା'କୁ ଦେଖିବା ପାଇଁ ସମୟ ଦେଇ ପାରିନାହିଁ। ତା'ପରଦିନ ସକାଳ ହେବା ପୂର୍ବରୁ ମିସେସ ପଣ୍ଡାଙ୍କ ଫୋନ କଲ ଘନଘନ ବାଜି ଉଠିଲା। ଅପ୍ରସନ୍ନ ଅବସ୍ଥାରେ ସେ ଫୋନ କଲ ଉଠେଇ କହିଲା- ଆରେ ମିସେସ୍ ପଣ୍ଡା, ଆପାତତଃ ମୋତେ ଟିକେ ଶାନ୍ତିରେ ଶୋଇବାକୁ ଦିଅନ୍ତୁ। ଆଜି ସଣ୍ଡେ। ସମୟ ପାଇବି ତ ଆଶ୍ରମ ଆସିବାକୁ ଚେଷ୍ଟା କରିବି। ଆପଣ ଏମିତି ଅସମୟରେ ବାରମ୍ବାର ଫୋନ କରି ବିଶୃଙ୍ଖଳା କରନ୍ତୁ ନାହିଁ।

ସେପଟରୁ ମିସେସ ପଣ୍ଡା ଦୁଃଖଭରା କଣ୍ଠରେ କହିଲେ- ସାର୍! ଆଜି ଶେଷଥର ପାଇଁ ସମୟ ବାହାର କରନ୍ତୁ। ଆଜି ପରେ ମୁଁ ଆଉ କେବେବି ଆପଣଙ୍କୁ ଫୋନ କରି ଡିଷ୍ଟର୍ବ କରିବି ନାହିଁ କି ଆଉ ସେଭଳି ଆବଶ୍ୟକତା ପଡିବନି। ଆପଣ ସବୁପ୍ରକାର ବନ୍ଧନରୁ ମୁକ୍ତ ହୋଇ ଯାଇଛନ୍ତି। ପାରିବେ ତ ନିଜ ମା'ଙ୍କର ଅନ୍ତିମ ଦର୍ଶନ ନିମନ୍ତେ ଆସନ୍ତୁ।

ସେଦିନ ପ୍ରଥମ ଥର ପାଇଁ ମିସେସ ପଣ୍ଡା ବିଶ୍ୱାସର ଫୋନ କାଟିବା ପୂର୍ବରୁ ସେପଟରୁ ଫୋନ କାଟିଦେଲେ। ମା' ସବୁଦିନ ପାଇଁ ଦୁନିଆ ଛାଡି ଚାଲିଯାଇଛି। ଏକଥା ଶୁଣି ବିଶ୍ୱାସ ଆଖିରେ ପିଲାଦିନର ଅଭୁଲା ମୁହୂର୍ତ୍ତ ଚଳଚିତ୍ର ରିଲ ଭଳି ଦୃଶ୍ୟମାନ ହେବାକୁ ଲାଗିଲା। ଆଉ ବିଳମ୍ବ ନ କରି ଯଥାଶୀଘ୍ର ଆଶ୍ରମରେ ପହଞ୍ଚିଗଲା ସେ । ମା'ର ଅନ୍ତିମ ସଂସ୍କାର ସାରି ଫେରିବା ବେଳେ ପଛରୁ କାହାର ଡାକ ଶୁଣି ଫେରି ଦେଖେ ତ ଆଶ୍ରମର ସଞ୍ଚାଳିକା ସୁଲୋଚନା ଦେବୀ ତା ପାଖକୁ ଆସୁଛନ୍ତି। ସୁଲୋଚନା ଦେବୀ ତା' ନିକଟରେ ପହଞ୍ଚି କହିଲେ-ଏଇ ନିଅ ବିଶ୍ୱାସ ତୁମ ମା'ଙ୍କ ଆଟାଚିର ଚାବିକାଠି। ସେଥିରେ ତୁମ ମା'ଙ୍କର କିଛି ଆବଶ୍ୟକୀୟ ଜିନିଷ ଅଛି। ମୋ ସାଙ୍ଗରେ ଆସ ରୁମ ଦେଖେଇଦେବି। ଆଗେ ଆଗେ ସୁଲୋଚନା ଦେବୀ ପଛରେ ବିଶ୍ୱାସ ତାଙ୍କୁ ଅନୁସରଣ କରି ବୃଦ୍ଧାଶ୍ରମରେ ରହୁଥିବା ନିଜ ମା' କୋଠରୀରେ ପହଞ୍ଚିଗଲା।

ମା'ର ଆଟାଚି ଖୋଲି ଦେଖେ ତ ସେଥିରେ ଦୁଇ ଚାରୋଟି ଶାଢ଼ି ବ୍ୟତୀତ ମା' କୋଳରେ ବସିଥିବା ନିଜର ଏକ ଫୋଟ ଚିତ୍ର ଓ କିଛି କାଗଜ ଗୋଟେ ଫାଇଲରେ ବନ୍ଧାହୋଇ ରହିଥାଏ । ଫାଇଲ ଖୋଲି ସେଥିରେ ଥିବା କାଗଜକୁ ପଢିବା ପରେ ନିଜକୁ ଆଉ ସମ୍ଭାଳି ପାରିଲା ନାହିଁ। ପିଲାଙ୍କ ଭଳି କଇଁ କଇଁ କାନ୍ଦି ଉଠିଲା ସେ।

ପଛରେ ଠିଆ ହୋଇଥିବା ସୁଲୋଚନା ଦେବୀ ତା' ପିଠି ଥାପୁଡି କହିଲେ- ଏହା ହିଁ ତୋ ସତ୍ୟତାର ପରିଚୟ। ତୋତେ ସେ ଅନାଥାଳୟରୁ ଏଡ଼ପ୍ଟ କରି ଆଣିଥିଲା। ନିଜ ଜୀବନର କଣ୍ଟକମୟ ପରିସ୍ଥିତି ସହ ସଙ୍ଘର୍ଷ କରି ତୋତେ ମାଟିରୁ ମଣିଷ କଲା । ଅଥଚ ତୁ ଅମୃତ ଭଳି ମମତାକୁ ବିଷାକ୍ତ କରିଦେଲୁ?

ବିଶ୍ୱାସ ନିରୋଳ ନିରୁପାୟ, ନିରର୍ଥକ, ନିରାଶ୍ରିତ ହୋଇ କେବଳ ଦୁଇ ଆଖିରୁ ଲୁହ ଗଡେଇ ଚାଲିଥାଏ। ସବୁକିଛି ପୋଡି ଜଳି ପାଉଁଶ ହୋଇଗଲା ପରେ ସେ ଆଉ ଆମୃତ ଖୋଜିଲେ ପାଇବ କୋଉଠୁ?

(ଜଣେ ଅଭାଗିନୀ ମା' ପାଇଁ ସମର୍ପିତ)

♥ ବିସି-୭୪,ସଲଟ ଲେକ୍,
କୋଲକାତା-୬୪, ମୋ-୯୬୮୧୩୭୩୫୧୨

# ପାର୍ବଣର ଆବାହକ କାଶତଣ୍ଡୀ





ପ୍ରଣତି ଆଚାର୍ଯ୍ୟ

କାଶତଣ୍ଡୀ ଫୁଟିଲାଣି, ପାର୍ବଣ ପାର୍ବଣ ବାସିଲାଣି ।ଋତୁ ଚକ୍ରର ପରିବର୍ତ୍ତନରେ ଧାରାଶ୍ରାବଣ ଧରାପୃଷ୍ଠରୁ ଧୀରେ ଧୀରେ ଅପସରି ଯିବାପାଇଁ ଚେଷ୍ଟା କରୁଥିବା ଅବସରରେ ଦିଗବଳୟ ସେପାରିରୁ ଉଙ୍କି ମାରେ ଶରତ । 'ଭାଦ୍ରଆଶ୍ୱିନ ଶରତରେ ନିର୍ମଳ ଶୋଭା ଜଗତରେ' କବିଙ୍କର ଏହି ଉକ୍ତିରୁ ସ୍ପଷ୍ଟ ବାରିହୁଏ ଶରତ ଋତୁ ପ୍ରକୃତିରେ ନିର୍ମଳ ଓ ସ୍ୱଚ୍ଛତା ଭରିଦିଏ । ଆକାଶରୁ ଅପସରି ଯାଏ ଘନବାଦଲର ବିଭିଷିକା । ସାନ୍ଧ୍ୟ ଆକାଶ ଦିଶେ ନିର୍ମଳ ଭାବମୂର୍ତ୍ତି ପରି । ତାରାଗଣ ମଧ୍ୟେ ଭୋଦୁଆ ଜହ୍ନର ଅଭିସାର ମନମୁଗ୍ଧକରେ । ଆକାଶରୁ ଝରିପଡ଼େ ମେଞ୍ଚା ମେଞ୍ଚା ଜ୍ୟୋତ୍ସ୍ନା ଓ ଶୀତଳ ଶିଶିର ବିନ୍ଦୁ କ୍ଷ କବି ମଧୁସୂଦନ ରାଓ ଶରତ ଋତୁକୁ ନେଇ ଲେଖିଛନ୍ତି 'କାଶତଣ୍ଡୀ ଫୁଲେ ମହି ଦିଶଇ ଧବଳ, ସରୋବରେ ଫୁଟିଛନ୍ତି କୁମୁଦ କମଳ । ସୁନ୍ଦର ମାଳତୀ ଗଙ୍ଗଶିଉଳୀ ଟଗରେ, ଧବଳିତ ଉପବନ ଜନମନହରେ ।' ଅନେକ ଫୁଲର ସମ୍ଭାର ଭିତରେ କାଶତଣ୍ଡୀ ଫୁଲ ନିଆରା। ଶରତ ଆଗମନ ବୋଲି ବାର୍ତ୍ତା ନେଇ ବାଟସାରା ବିଞ୍ଚି ହେଲାଣି ବାସହୀନ କାଶତଣ୍ଡୀ । ନୀଳ ଆକାଶର ଛାତି ଉପରେ ଭସା ଭସା ମେଘର ମେଳଣ... ମାଟିର ମଲାଟ ଉପରେ ଧବଳ ଫୁଲର ସମ୍ଭାର । ନଈର ଗର୍ଭରେ ଆଉନାହିଁ ବନ୍ୟାର ଚିହ୍ନବର୍ଣ୍ଣ । ଏବେ ନଦୀପଠାରେ ଖାଲି କାଶତଣ୍ଡୀ ପ୍ରୀତିର ଚୁମ୍ବନ । ଧରଣୀ ଛାତିରେ ଫୁଟିଲାଣି ଧବଳ ରଙ୍ଗର ହୀରା। ସୁବାସ ବିହିନ ହେଲେ ବିମୋହିତ କରେ। ନା ସିଏ ବଗିଚାରେ ଫୁଟେ, ନା ସିଏ ଘର ଅଗଣାରେ । ବାଟଘାଟ, ବିଲମାଳ, ନଈକୂଳ, ଅପନ୍ତରା ଇଲାକାରେ ଫୁଟି ଆକର୍ଷଣର ପେଣ୍ଟସ୍ଥଳ ପାଲଟେ। ଫୁଲକା ଫୁଲକା ପବନର ଢେଉରେ ଦୋଳି ଖେଳି ଖେଳି କେବେ କେବେ ବାଟୋଇକୁ ଆଖିମାରି ଆନମନା କରେ- ଶରତର ଦୁଷ୍ଟ କାଶତଣ୍ଡୀ । ପ୍ରୀତି, ପ୍ରେମ, ପାର୍ବଣର କାଶତଣ୍ଡୀ...। ପ୍ରେମର ପ୍ରତୀକ ରୋମାଞ୍ଚ ଭରା କାଶତଣ୍ଡୀ, ଜହ୍ନରାତିର ଜ୍ୟୋତ୍ସ୍ନାରେ ବିଧୌତ ଧରଣୀ ବୁକୁରେ କାଶତଣ୍ଡୀ ଫୁଲର ସମ୍ଭାର ଜନମାନସରେ ରୋମାଞ୍ଚ ସୃଷ୍ଟି କରେ ।ନୀଳ ଆକାଶର ଛାତି ଉପରେ ଭସା ଭସା ବାଦଲ, ଆଉ ମାଟିର ମଲାଟ ଉପରେ ଧଳା ଧଳା ଫୁଲର ସମ୍ଭାର । ଶରତର ସୁଲୁସୁଲିଆ ବାଆ ସହ ସମ୍ପର୍କ ବାନ୍ଧି କାଶତଣ୍ଡି ଝୁଲିଝୁଲି ଗାଉଛି ଶରତ ଆଗମନର ଗୀତ । ଭୋଦୁଅ ଖରାରେ ଧରଣୀ ବାନ୍ଧିଲାଣି କାଶତଣ୍ଡୀର ବେଣୀ । ଖୋସାରେ ଖୋସିଲାଣି ଧୋବ ଫରଫର ଫୁଲ । ଆଉ ମାଟିର ସେ ଲାଜେଇ ହସ ଦେଖି ଆକାଶ ବି ହୃଦୟ ଦେବାକୁ ବସିଲାଣି। ଏଇତ କାଶତଣ୍ଡୀର ସ୍ୱତନ୍ତ୍ରତା, ଏଇତ ବାସହୀନ ଫୁଲେଇ ଫୁଲର ମାଦକତା । ଯେଉଁଠି ପ୍ରକୃତିରାଣୀ କାଶତଣ୍ଡୀ ଜରିଆରେ ମାନବ ଜାତିକୁ ବାର୍ତ୍ତା ଦିଏ ମାଆ ଜଗଦମ୍ବାଙ୍କ ଆଗମନର । ମାଆ ଆସୁଛନ୍ତି ବୋଲି ବିଛାଇ ଦେଇଛି ସେ ବାଟେଘାଟେ ଧବଳ ଚାଦର।

ଭାବୁକଙ୍କୁ କାଶତଣ୍ଡୀ ଆନମନା କରେ । କାଶତଣ୍ଡୀର ସୌନ୍ଦର୍ଯ୍ୟ କବିପ୍ରାଣରେ ଭରିଦିଏ ନୂଆ ରୋମାଞ୍ଚ । କବି ଭାବନାରେ ଶସ୍ୟ ଶ୍ୟାମଳା ଧରିତ୍ରୀ ଉପରେ ଧୋବ ଫରଫର କାଶତଣ୍ଡୀ ଫୁଲ ପବନର ଝିପି ଝିପି ବର୍ଷାରେ ସତେ ଯେମିତି ଦୋଳି ଖେଳୁଛି। ଏହି କାଶତଣ୍ଡୀ ପ୍ରତି ଆକୃଷ୍ଟ ହୋଇ ଚିତ୍ରକର କାନଭାସରେ ପ୍ରତିଛବି ଆଙ୍କେ । ଓଡ଼ିଆ ଘର ର ପର୍ବ ରେଖା ପଂଚମୀରେ ଏହାର ବେଣୀ ଘର କବାଟରେ ବାନ୍ଧି ପୂଜା କରାଯାଏ। । କିଏ କହେ କାଶତଣ୍ଡୀ ତ କିଏ କହେ କାଶ। ଏହାର ବୈଜ୍ଞାନିକ ନାଁ ହେଉଛି- **Saccharum spontaneum**। ଏକ ଘାସ ଜାତୀୟ ଉଦ୍ଭିଦ। ଏକଶିଙ୍ଗୀ ଗଣ୍ଡାମାନଙ୍କର ପ୍ରିୟ ଖାଦ୍ୟ। ନେପାଳରେ ଲାଗେ ବାଡ଼ ତିଆରିରେ ଓ ଚାଳ ଛାଆଣିରେ। ଏହାର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ କବି କବିତା ଲେଖେ। ପ୍ରେମ ଗଳ୍ପର ଖୋରାକ ଯୋଗାଇଥାଏ ଗାଳ୍ପିକକୁ। ଶରତ ଋତୁରେ ପ୍ରତିଦିନ ଏହା ଖବରକାଗଜ ମାନଙ୍କ ଶୋଭା ବର୍ଦ୍ଧନ କରେ । ପୁଣି ଶାରଦୀୟ ବିଶେଷାଙ୍କର ପ୍ରଚ୍ଛଦ ପଟରେ ଶୋଭାପାଏ। ଲୋକଙ୍କ ବିଶ୍ୱାସ ରହିଛି କାଶତଣ୍ଡୀ ଆଗମନରେ ଭଲ ଫସଲ ଉତ୍ପାଦନ ହୋଇଥାଏ। ପଡ଼ୋଶୀ ପଶ୍ଚିମବଙ୍ଗରେ ଏହାର ସ୍ଥାନ ସ୍ୱତନ୍ତ୍ର। ଦୁର୍ଗା ମଣ୍ଡପରେ 'ଢାକ'(ବଡ଼ ଢୋଲ) ସହିତ ଦେଖାଯାଏ। ରବୀନ୍ଦ୍ର ନାଥଙ୍କ ଠାରୁ ଆରମ୍ଭ କରି ଜୀବନାନନ୍ଦ- ଏପରି କି ନୂଆ ପ୍ରଜନ୍ମର କବି, ଲେଖକମାନେ ଏହାକୁ ଉପେକ୍ଷା କରି ପାରି ନାହାନ୍ତି। ବୋଧହୁଏ ଏପରି କେହି ନାହାନ୍ତି ଯେ କାଶତଣ୍ଡୀକୁ କ୍ଷଣେ ଚାହିଁଚାହିଁ।

ସତରେ ଏହା ବିଚିତ୍ର ! ହୁଏ'ତ ଏହା ଲେଖକର ଏକ ଖିଆଲି ମନର ପରିପ୍ରକାଶ ହୋଇଥାଇପାରେ। ଏତେ ଫୁଲ ଆମ ଗହଣରେ ଅଛନ୍ତି। ଏହା ଠାରୁ ବହୁଗୁଣରେ ସୁନ୍ଦର ଫୁଲ ପ୍ରକୃତି ଆମକୁ ଦେଇଛି। ହେଲେ କାଶତର୍ଣ୍ଡୀ ର ସ୍ଥାନ ସ୍ୱତନ୍ତ୍ର। କାଶତଣ୍ଡୀ ଫୁଲ ଫୁଟିବାକୁ ଆରମ୍ଭ କରି ଜଣାଇ ଦିଏ ମୁଁ ଆସିଗଲି ଅର୍ଥ ଶରତ ଋତୁ ଆସିଗଲା। ପାର୍ବଣ ଋତୁ ଆଉ ଅଧିକ ଦୂର ନୁହଁ। ବିଶ୍ୱ ମାତି ଉଠେ ଜଗଜ୍ଜନନୀ ମା' ଦୁର୍ଗାଙ୍କର ଆବାହନୀ ଓ ଅଭ୍ୟର୍ଥନା ଉଦ୍ଦେଶ୍ୟରେ। ଚତୁର୍ଦ୍ଦିଗ ପୂଜାର ବାସ୍ନାରେ ମହମହ।

କାଶତଣ୍ଡୀର ମୋହରେ କିଏ ବା ନ ପଡିଛି। ଆବାଳ ବୃଦ୍ଧ ବନିତା ଶାରଦୀୟ ପ୍ରକୃତି ସଂଦର୍ଶନରେ ତଲ୍ଲୀନ ହୋଇପଡନ୍ତି । କାନ୍ତିମୟ କାଶତଣ୍ଡୀକୁ ଦେଖି କବି ଭାବୁକ ଲେଖକ ଭାବନା ରାଜ୍ୟରେ ମଗ୍ନ ହୋଇ କଲମରୁ ଝରାଇ ବସନ୍ତି ଉଚ୍ଛ୍ୱସିତ ଆବେଗର ଅନେକ କାବ୍ୟ କବିତା । ଚିତ୍ରକରଟିଏ ନିଜ କାନଭାସ୍ ରେ କାଶତଣ୍ଡୀର ଶୋଭାକୁ ଉତାରି ଉତ୍‌ଫୁଲିତ ହୋଇ ଯାଆନ୍ତି ତ ଶିଳ୍ପୀଟିଏ ମୃଣ୍ମୟୀ ପ୍ରତିମାଟିଏ ଗଢି ଦେବୀଙ୍କ ଆତ୍ମା ଭରିଦେଇ ଭାବଭକ୍ତିରେ ବିଭୋର ହୋଇଯାନ୍ତି । ଫଟଗ୍ରାଫର୍ ଫୋଟରେ ବାନ୍ଧି ରଖିବାକୁ ଚେଷ୍ଟା କରନ୍ତି କାଶତଣ୍ଡୀ ପ୍ରକୃତିର ଅପୂର୍ବ ଶୋଭାକୁ । ଶରତ ଋତୁରେ ଆବିର୍ଭାବ ଠାରୁ ଆରମ୍ଭ କରି ଶାରଦୀୟ ଦୁର୍ଗାପୂଜାର ପ୍ରତୀକ କାଶତଣ୍ଡୀ ଧରାପୃଷ୍ଠରେ ନିଜ ସୌନ୍ଦର୍ଯ୍ୟର ସୁଧା ବିକିରଣ କରି ବାଣ୍ଟିଥାଏ ଆତ୍ମିୟତା ।

♥ ନୟାଗଡ଼
(ମୋ) ୯୪୩୭୬୪୨୯୪୭

# ଦେବଶିଳ୍ପୀ ବିଶ୍ୱକର୍ମା





ନେତାଜୀ ତାପସ କୁମାର ସାହୁ

ହିନ୍ଦୁ ଧର୍ମ ଶାସ୍ତ୍ର ଅନୁସାରେ ବାସ୍ତୁକଳା, ଶିଳ୍ପକଳା ଓ ଉଦ୍ୟୋଗର ଦେବତା ହେଉଛନ୍ତି ପ୍ରଭୁ ବିଶ୍ୱକର୍ମା । କିମ୍ବଦନ୍ତୀ ଅନୁସାରେ ସୃଷ୍ଟିକର୍ତ୍ତା ଭଗବାନ ବ୍ରହ୍ମାଙ୍କ ପୌତ୍ର ହେଉଛନ୍ତି ବାସ୍ତୁଦେବ ଏବଂ ତାଙ୍କର ପତ୍ନୀ ଅଗ୍ନିରସିଙ୍କ ଗର୍ଭରୁ ଭଗବାନ ବିଶ୍ୱକର୍ମା ଜନ୍ମ ଗ୍ରହଣ କରିଥିଲେ । ଭଗବାନ ବିଶ୍ୱକର୍ମାଙ୍କର ପାଞ୍ଚଜଣ ପୁତ୍ର ମଧ୍ୟ ବିଭିନ୍ନ ଶିଳ୍ପ ବିଦ୍ୟାରେ ନୈପୁଣ୍ୟତା ଅର୍ଜନ କରିଛନ୍ତି । ଲୌହ ସମ୍ବନ୍ଧୀୟ ନିର୍ମାଣ କ୍ଷେତ୍ରରେ ମନୁ, କାଷ୍ଠ ଶିଳ୍ପ କ୍ଷେତ୍ରରେ ମୟ, କଂସା ଓ ପିତ୍ତଳ ନିର୍ମାଣ କ୍ଷେତ୍ରରେ ତ୍ୱଷ୍ଟା, ପ୍ରସ୍ତର ଶିଳ୍ପ କ୍ଷେତ୍ରରେ ଶିଳ୍ପୀ ଏବଂ ସ୍ୱର୍ଣ୍ଣ ଅଳଙ୍କାର ଆଦି ନିର୍ମାଣ କ୍ଷେତ୍ରରେ ଦେବଜ୍ଞ ନିଜର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି।

ଦେବ ଶିଳ୍ପୀ ବିଶ୍ୱକର୍ମାଙ୍କ ଜୟନ୍ତୀ କନ୍ୟା ସଂକ୍ରାନ୍ତି ଦିନ ପାଳିତ ହୁଏ । ସେ ଚତୁର୍ଭୁଜ ଏବଂ ଉଭୟ ହାତୀ ଓ ହଂସ ତାଙ୍କର ବାହନ।

ନିଜର ଜ୍ଞାନ କୌଶଳ ଏବଂ ପ୍ରଯୁକ୍ତିବିଦ୍ୟା ଦ୍ୱାରା ଦେବତା ମାନଙ୍କ ପାଇଁ ସ୍ୱର୍ଗଲୋକ, ରାବଣର ସ୍ୱର୍ଣ୍ଣମୟୀ ଲଙ୍କା, ଶ୍ରୀକୃଷ୍ଣଙ୍କର ଦ୍ୱାରକା ନଗରୀ, ହସ୍ତିନାପୁର ଓ ଇନ୍ଦ୍ରପ୍ରସ୍ଥ ନିର୍ମାଣ କରିଥିଲେ । ଅଧୁନା ହସ୍ତିନାପୁର ଉତ୍ତରପ୍ରଦେଶରେ ଥିବା ବେଳେ ଇନ୍ଦ୍ରପ୍ରସ୍ଥର ନାମ ବଦଳି ଦିଲ୍ଲୀ ହୋଇଛି । ଦେବ ଶିଳ୍ପୀ ଇନ୍ଦ୍ର ଭୁବନ, ଯମ ଭୁବନ, ବରୁଣ ଭୁବନ, କୁବେର ଭୁବନ, ପାଣ୍ଡବ ଭୁବନ, ଶିବ ଭୁବନ ନିର୍ମାଣ କରିଥିଲେ।

ଦାନବ ବୃତ୍ରାସୁରର ଅତ୍ୟାଚାରରେ ତିନିପୁର ତ୍ରାହି ତ୍ରାହି ଡାକୁଥିବା ବେଳେ ତାର ବଦ୍ଧ ନିମନ୍ତେ ଦେବତା ମାନଙ୍କ ରାଜା ଇନ୍ଦ୍ରଙ୍କ ପାଇଁ ମହର୍ଷି ଦଧିଚିଙ୍କ ଅସ୍ଥିରୁ ବଜ୍ର ନିର୍ମାଣ କରିଥିଲେ, ଯାହାକି ପ୍ରହାର ଯୋଗୁଁ ବୃତ୍ରାସୁରର ଅନ୍ତ ଘଟିଥିଲା । ସେହିପରି ଅନ୍ୟ ଦେବା ଦେବୀଙ୍କ ଅସ୍ତ୍ର ଶସ୍ତ୍ର ତଥା ଲଙ୍କାଧିପତି ରାବଣର ପୁଷ୍ପକ ବିମାନ ମଧ୍ୟ ନିର୍ମାଣ କରିଥିଲେ ପ୍ରଭୁ ବିଶ୍ୱକର୍ମା ।

ବୈଷୟିକ ବିଜ୍ଞାନର ଅନନ୍ୟ ନିଦର୍ଶନ ହେଉଛି ଶ୍ରୀରାମ ସେତୁ, ଯାହାକି ମାତା ସୀତାଙ୍କୁ ଉଦ୍ଧାର କରିବା ପାଇଁ ବାନର ସେନା ଦ୍ୱାରା ନିର୍ମାଣ କରାଯାଇଥିଲା । ବିଶ୍ୱକର୍ମାଙ୍କ ପୁତ୍ର ନଳ ଓ ଅଗ୍ନିଙ୍କ ପୁତ୍ର ନୀଳଙ୍କ ମିଳିତ କୌଶଳ ଦ୍ୱାରା ଭାରତ ମହାସାଗର ମଧ୍ୟରେ ନିର୍ମାଣ ହୋଇଥିବା ଏହି ସେତୁ ଆଜିବି ଅନେକ ରହସ୍ୟ ଉନ୍ମୋଚନ କରି ପାରି ନାହିଁ ।

ଦ୍ୱାପରଯୁଗରେ ଶ୍ରୀକୃଷ୍ଣଙ୍କ ପ୍ରିୟ ବନ୍ଧୁ ଥିଲେ ସୁଦାମା, କିନ୍ତୁ ସେ ଖୁବ୍ ଗରିବ ଥିଲେ । ନିଜର ପ୍ରିୟ ବନ୍ଧୁ ଶ୍ରୀକୃଷ୍ଣଙ୍କୁ ଭେଟିବା ପାଇଁ ଦ୍ୱାରକା ଆସିଥିବା ବେଳେ ସୁଦାମା ହାତରେ ଖୁଦ ଭଜା ଆଣିଥିଲେ, ଯାହାକି ଶ୍ରୀକୃଷ୍ଣଙ୍କର ଖୁବ୍ ପ୍ରିୟ ଥିଲା। ସେହି ଖୁଦ ଭଜାରେ ପ୍ରୀତ ହୋଇ ଗରିବୀର କଷଣ ମଧ୍ୟରେ ଜର୍ଜରିତ ହେଉଥିବା ସୁଦାମା ଓ ତାଙ୍କର ପରିବାରର ଦୁଃଖ ଲାଘବ ନିମନ୍ତେ ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶ କ୍ରମେ ବିଶ୍ୱକର୍ମା ସୁଦାମାଙ୍କ ପାଇଁ ମଧ୍ୟ ଉଆସ ନିର୍ମାଣ କରିଥିଲେ ।

ଶ୍ରୀକ୍ଷେତ୍ରରେ ମାନବୀୟ ଲୀଳା କରୁଥିବା ଦାରୁବ୍ରହ୍ମ ଚତୁର୍ଦ୍ଧା ମୂର୍ତ୍ତିଙ୍କ ନିର୍ମାଣ ମଧ୍ୟ ବିଶ୍ୱକର୍ମା କରିଥିଲେ । ଯେତେବେଳେ ବାଙ୍କୀ ମୁହାଣଠାରେ ଦାରୁ ଭାସି ଆସି ଲାଗିଥିଲା, ମହାରାଜ ଇନ୍ଦ୍ରଦ୍ୟୁମ୍ନ ସେହି ଦାରୁ ସଂଗ୍ରହ କରିଥିଲେ । କିନ୍ତୁ ଏହାକୁ କେଉଁ ରୂପ ଦିଆଯିବ ସେ କଥା ଉଭୟ ମହାରାଜ ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚା ଦେବୀ ଚିନ୍ତା କରୁଥିବା ବେଳେ ବୁଢ଼ା ବଢେଇ ରୂପରେ ବିଶ୍ୱକର୍ମା ରାଜାଙ୍କର ସମ୍ମୁଖରେ ପ୍ରକଟ ହୋଇ ଏହାର ଦାୟିତ୍ୱ ନେଇଥିଲେ । ସର୍ତ୍ତ ରଖିଥିଲେ ସେ ନିଜେ ରୁଦ୍ଧ ଦ୍ୱାର ମଧ୍ୟରେ ଉପବାସ ରଖି ୨୧ ଦିନ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ କରିବେ, କିନ୍ତୁ ସେତେଦିନ ଯାଏ ଦ୍ୱାର ଖୋଲିବେ ନାହିଁ । ରୁଦ୍ଧ ଦ୍ୱାର ମଧ୍ୟରୁ ଠକ୍ ଠକ୍ ଶବ୍ଦ ସବୁଦିନ ଶୁଣାଉଥିବା ବେଳେ ଗୋଟେ ଦିନ ହଠାତ୍ କିଛି ଶବ୍ଦ ଶୁଣାଗଲା ନାହିଁ , ମହାରାଣୀ ଗୁଣ୍ଡିଚା ବ୍ୟତିବ୍ୟସ୍ତ ହୋଇ ପଡ଼ି ଭାବିଲେ ବୃଦ୍ଧ ବଢେଇଙ୍କର କିଛି ଅସୁବିଧା ହୋଇଛି, ଯେଉଁଥିପାଇଁ କିଛି ଶବ୍ଦ ଶୁଣା ଯାଉ ନାହିଁ । ତେଣୁ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ବିନୀତ ଅନୁରୋଧ କରିଥିଲେ ଦ୍ୱାର ଫିଟାଇ ଦେଖିବା ପାଇଁ ଏବଂ ଦ୍ୱାର ଫିଟାଇବା ପରେ ଦେଖନ୍ତେ ସେତେବେଳକୁ ବୁଢ଼ା ବଢେଇ ଅନ୍ତର୍ଦ୍ଧାନ ହୋଇଯାଇଥିବା ବେଳେ ସାମନାରେ ଥିଲେ ଅଧା ଗଢା ଦିଅଁ । ଏହା ଦେଖି ଉଭୟ ମହାରାଜ ଓ ମହାରାଣୀ ମ୍ରିୟମାଣ ହୋଇ ପଡିଥିଲେ । ସେ ସମୟରେ ତାଙ୍କୁ ଶୂନ୍ୟ ବାଣୀ ହୋଇଥିଲା ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଏହି ରୂପରେ ପୂଜା କରିବା ପାଇଁ ।

ସମାଜରୁ ଜାତି ଭେଦ ପ୍ରଥା ବିଲୋପ କରିବା ପାଇଁ ବଳରାମ ଦାସଙ୍କ ରଚିତ ଲକ୍ଷ୍ମୀ ପୁରାଣରେ ବର୍ଣ୍ଣିତ ହୋଇଛି ଯେତେବେଳେ ମହାଲକ୍ଷ୍ମୀ ଶ୍ରୀୟା ଚଣ୍ଡାଳୁଣୀଙ୍କ ଘରେ ବିରାଜମାନ କରି ତାଙ୍କୁ ଦର୍ଶନ ଦେଇ ଶ୍ରୀମନ୍ଦିର ଫେରିଥିଲେ ଏବଂ ବଳଭଦ୍ରଙ୍କ ନିର୍ଦ୍ଦେଶ କ୍ରମେ ଜଗନ୍ନାଥ ମହାଲକ୍ଷ୍ମୀଙ୍କୁ ଶ୍ରୀମନ୍ଦିରକୁ ପ୍ରବେଶ କରିବା ପାଇଁ ବାରଣ କରିଥିଲେ, ସେ ସମୟରେ ମହାଲକ୍ଷ୍ମୀ ଶ୍ରୀମନ୍ଦିର ତ୍ୟାଗ କରିଥିଲେ । ଏହି ସମୟରେ ସେ ବିଶ୍ୱକର୍ମାଙ୍କୁ ସ୍ମରଣ କରିଥିଲେ ଏବଂ ତାଙ୍କ ପାଇଁ ଏକ ଗୃହ ନିର୍ମାଣ ପାଇଁ କହିଥିଲେ । ବିଶ୍ୱକର୍ମା ସୁବର୍ଣ୍ଣ କାନ୍ଥ ସହ ହୀରା ନୀଳା ମୋତି ମାଣିକ ଯୁକ୍ତ ସୁଦୃଶ୍ୟ ଓ ସୁଉଚ୍ଚ ପ୍ରାସାଦ ମାଆ ଲକ୍ଷ୍ମୀଙ୍କ ପାଇଁ ନିର୍ମାଣ କରିଥିଲେ ।

ବଳରାମ ଦାସ ଲେଖିଲେ -
' ଆଜ୍ଞା ମାତ୍ରେ ବିଶ୍ୱକର୍ମା
ବେଗେ ଚଳିଗଲେ ।
ତିନିକୋଶ ପ୍ରମାଣେ
ଉଆସ ତୋଳାଇଲେ ।
ସୁବର୍ଣ୍ଣର କାନ୍ଥମାନ
ସବୁ ଘରେ କଲେ।
ହୀରା ନୀଳା ମାଣିକ୍ୟାଦି
ତହିଁ ଖଞ୍ଜାଇଲେ ।
ଗଣ୍ଡିସ୍ଥଳେ ଅନେକ
ମୁକୁତା ଲଗାଇଲେ।
ପ୍ରବାଳର ସ୍ତମ୍ଭମାନ
ତହିଁରେ ରଚିଲେ ।'

ବାସ୍ତବରେ ସନାତନ ଧର୍ମ ଯାହାକି ବିଶ୍ୱ କଲ୍ୟାଣ ପାଇଁ ଉଦ୍ଦିଷ୍ଟ, ସେଠାରେ ବିଶ୍ୱକର୍ମାଙ୍କ ଜୟନ୍ତୀ ପାଳନ ଏହି ବାର୍ତ୍ତା ଦିଏ ପ୍ରତିଟି ଶିଳ୍ପ ପ୍ରତିଷ୍ଠାନଠୁ ନେଇ କଳାକୃତିର ଆରାଧ୍ୟ ଦେବତା ହେଉଛନ୍ତି ପ୍ରଭୁ ବିଶ୍ୱକର୍ମା। ଯାହାଙ୍କର ଆଶୀର୍ବାଦ ଯୋଗୁଁ ପୁରାତନ କାଳର ପ୍ରସ୍ତର ଯୁଗ, ଲୌହ ଯୁଗ, ତାମ୍ର ଯୁଗଠୁ ନେଇ ଆଜିର ଶିଳ୍ପୀକୂଳ ସମଗ୍ର ବିଶ୍ୱରେ ବିଭିନ୍ନ ଶୈଳୀରେ ପ୍ରତିଷ୍ଠାନ ନିର୍ମାଣ କାର୍ଯ୍ୟ ହେଉ ଅବା ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ହେଉଥିବା ନୂତନ ଗବେଷଣା ଓ କୀର୍ତ୍ତି ପ୍ରତିଷ୍ଠା ସମ୍ଭବପର ହୋଇ ପାରୁଛି ।

♥ ପୂର୍ବତନ ଅଧ୍ୟାପକ, ଉଦ୍ଭିଦ ବିଜ୍ଞାନ ବିଭାଗ, ଡଃ ଯଦୁନାଥ ଡିଗ୍ରୀ କଲେଜ, ବାଲେଶ୍ୱର
(ମୋ) ୮୨୬୦୩୫୬୧୧୩

ବିପିନ ବିହାରୀ ରାଉତ

# ମିଲେଟକୁ ଉତ୍ତମ ବିକଳ୍ପର ମାନ୍ୟତା ଦେଇଛି ଓଡ଼ିଶା ମିଲେଟ ମିଶନ





ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିବ ଓଡ଼ିଶା ମିଲେଟ। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ନଭେମ୍ବରରେ ଅନ୍ତର୍ଜାତୀୟ ମିଲେଟ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ମିଲେଟର ବହୁଳ ବ୍ୟବହାର, ମିଲେଟ ଚାଷର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ବିଭିନ୍ନ ସହଭାଗୀ ସଂସ୍ଥାର ସହଯୋଗରେ ଆଗାମୀ ନଭେମ୍ବର ୯ ଓ ୧୦ ତାରିଖ ଦୁଇ ଦିନ ଧରି ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ୨୦୨୨ ମସିହାରୁ ନଭେମ୍ବର ୧୦ ତାରିଖକୁ ୨୦୨୨କୁ ମାଣ୍ଡିଆ ଦିବସ ଭାବେ ଘୋଷଣା କରିଥିଲେ। ଅମଳ ପରବର୍ତ୍ତୀ ଏବଂ ପ୍ରାଥମିକ ପ୍ରକ୍ରିୟାକରଣ ଉଦ୍ୟୋଗକୁ ପ୍ରୋତ୍ସାହନ, ବାଜରାଭିତ୍ତିକ ଫସଲ ପ୍ରଣାଳୀର ଉତ୍ପାଦକତାର ଉନ୍ନତି, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମୂଲ୍ୟଯୁକ୍ତ ଉଦ୍ୟୋଗକୁ ପ୍ରୋତ୍ସାହନ ଦେବା ଏହି ସମ୍ମିଳନୀର ଲକ୍ଷ୍ୟ ରହିଛି। ସାଧାରଣ ବଣ୍ଟନ ବ୍ୟବସ୍ଥା, ଆଇସିଡିଏସ, ମଧ୍ୟାହ୍ନ ଭୋଜନ, ଛାତ୍ରାବାସ ଇତ୍ୟାଦିରେ ମିଲେଟ ଖାଦ୍ୟର ବ୍ୟବହାରକୁ ଅନ୍ତର୍ଭୁକ୍ତ କରିବା ପାଇଁ ପଦକ୍ଷେପ ସହ ବାଜରାଭିତ୍ତିକ ଉତ୍ପାଦର ବଜାର ଓ ରପ୍ତାନିକୁ ସୁଗମ କରିବାକୁ ଗୁରୁତ୍ୱ ସମ୍ପର୍କରେ ପ୍ରସ୍ତୁତି ବୈଠକରେ ଗୁରୁତ୍ୱ ଦିଆଯାଇଛି। ମିଲେଟକୁ କ୍ରୀଡ଼ା ସହିତ ଯୋଡ଼ିବା ଏବଂ ସମସ୍ତ କ୍ରୀଡ଼ା ଛାତ୍ରାବାସରେ ମିଲେଟକୁ ସାମିଲ କରିବା, ମିଲେଟ ଖାଦ୍ୟ ସଂସ୍କୃତିର ତଥ୍ୟ ରଖିବା ଓ ଏହାର ପ୍ରଚାର ପ୍ରସାରରେ ଅଧିକ ଗୁରୁତ୍ୱ ଦିଆଯିବା ଲାଗି ନିଷ୍ପତ୍ତି ହୋଇଛି। ତେବେ ମିଲେଟ କ୍ଷେତ୍ରରେ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବାରେ ଏହି ସମ୍ମିଳନୀ ସହାୟକ ହେବ। ସେହିଭଳି କୃଷି ଏବଂ ମିଶନ ଶକ୍ତି ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଉତ୍ପାଦନଗୁଡ଼ିକର ଉତ୍ତମ ବଜାର ସୁବିଧା ସମ୍ପର୍କରେ ସମ୍ମିଳନୀରେ ଗୁରୁତ୍ୱ ଦିଆଯିବାର କାର୍ଯ୍ୟକ୍ରମ ରହିଛି। ମିଲେଟଭିତ୍ତିକ ଉତ୍ପାଦର ମୂଲ୍ୟଯୁକ୍ତ ବ୍ୟବହାର ସହ ପ୍ରମୁଖ ସହର ଏବଂ ଜିଲ୍ଲା ସଦର ମହକୁମାରେ ମିଲେଟ ଶକ୍ତି କାଫେ/ଆଉଟଲେଟ ଖୋଲାଯାଇଛି। ବ୍ଲକ ସହର ଭିତରେ ଥିବା ମିଲେଟ ଟିଫିନ ସେଣ୍ଟରରେ ଜଳଖିଆ ଦିଆଯାଉଛି। ଏହାର ବ୍ୟାପକତା ଉପରେ ଗୁରୁତ୍ୱ ଏବଂ ଓଡ଼ିଶା ମିଲେଟ ମିଶନର ସଫଳତା ସମ୍ପର୍କରେ ସମ୍ମିଳନୀରେ ସବିଶେଷ ଆଲୋଚନା ହେବ।

ମିଲେଟ ଫସଲ ଉତ୍ପାଦନରେ ତୀବ୍ର ବୃଦ୍ଧି ଏବଂ କୃଷକମାନଙ୍କ ପାଇଁ ଉତ୍ତମ ଆୟର ସୁଯୋଗରେ ଓଡ଼ିଶା ରେକର୍ଡ଼ କରିଛି। ୨୦୧୭ରେ ଓଡ଼ିଶା ମିଲେଟ ମିଶନ ଆରମ୍ଭ ହେବା ପରେ ରାଜ୍ୟରେ ବହୁ ସଂଖ୍ୟକ କୃଷକ ମିଲେଟ ଉତ୍ପାଦନ ଆଡ଼କୁ ମନ ବଳାଇଛନ୍ତି। ମିଲେଟ ଉତ୍ପାଦନ କମି କମି ଆସୁଥିବା ବେଳେ ଏହାର ଉପକାରିତାକୁ ଦୃଷ୍ଟିରେ ରଖି ଓଡ଼ିଶା ମିଲେଟ ମିଶନ କୃଷକମାନଙ୍କୁ ପୁଣି ମିଲେଟ ଚାଷ ପ୍ରତି ଆକର୍ଷିତ କରିପାରିଛି। ଓଡ଼ିଶାରେ ବର୍ଷସାରା ଉଷ୍ଣ ବାତାବରଣ ରହିଥାଏ। ତେଣୁ ଏହି ଜଳବାୟୁରେ ଚାଷକାର୍ଯ୍ୟ କଷ୍ଟସାଧ। ମାତ୍ର ମିଲେଟ ଚାଷ ପାଇଁ ସ୍ୱଳ୍ପ ଜଳର ଆବଶ୍ୟକତା ପଡୁଥିବାରୁ ଓଡ଼ିଶାର ବାତାବରଣ ଉପଯୋଗୀ। ଏହାର ଉତ୍ପାଦନ ବଢ଼ାଇବା ସହ ରାଜ୍ୟର ପ୍ରତି ଘରେ ମିଲେଟକୁ ପହଞ୍ଚାଇବା ପାଇଁ ମିଲେଟ ମିଶନ ଜରିଆରେ ରାଜ୍ୟ ସରକାର ଚେଷ୍ଟା ଜାରି ରଖିଛନ୍ତି। ଓଡ଼ିଶା ମିଲେଟ ମିଶନ ରାଜ୍ୟରେ ମିଲେଟ ଉତ୍ପାଦନକୁ ପ୍ରୋତ୍ସାହନ ଦେଇଛି, ଫଳରେ ଓଡ଼ିଶାରେ ଏଥର ଆଖି ଦୃଶିଆ ରାଶି ଉତ୍ପାଦନ ବୃଦ୍ଧି ପାଇଛି। ୨୦୧୬-୧୭ ମସିହାରେ ମାତ୍ର ୪୦ ହଜାର କ୍ୱିଣ୍ଟାଲ ମିଲେଟସ ଉତ୍ପାଦନ ହୋଇଥିବାବେଳେ ୨୦୨୧-୨୦୨୨ରେ ଏହା ୭ଲକ୍ଷ କ୍ୱିଣ୍ଟାଲକୁ ବୃଦ୍ଧି ପାଇଛି। ୨୦୨୨ ଜୁଲାଇ ସୁଦ୍ଧା ଓଡ଼ିଶା ମିଲେଟ ମିଶନରେ କୃଷକ ମାନଙ୍କ ସଂଖ୍ୟା ୮ ହଜାରରୁ ୧.୫ ଲକ୍ଷରୁ ଅଧିକ ବୃଦ୍ଧି ପାଇଛି। ମିଲେଟ ଚାଷରୁ ସଫଳତା ପାଇଥିବା ଅନୁଗୁଳ ଜିଲ୍ଲାର ଜଣେ କୃଷକ କହିଛନ୍ତି, ଚାଷ ପାଇଁ ଆଗରୁ ଆମକୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। କିନ୍ତୁ ମିଲେଟ ଚାଷ କରିବା ଭାରି ସହଜ। ମିଲେଟ ଚାଷ କରିବା ଫଳରେ ବଜାରର ମହଙ୍ଗା ମାଡ଼ରେ ମଧ ଉନ୍ନତ ଜୀବନଶୈଳୀ ଏବଂ ସ୍ୱାସ୍ଥ୍ୟ ବିକଳ୍ପ ପ୍ରଦାନ କରିବାକୁ ସକ୍ଷମ ହୋଇପାରିଛି। ଓଡ଼ିଶା ମିଲେଟସ ମିଶନ ନାଗରିକଙ୍କ ମଧ୍ୟରେ ଏକ ଅଦମ୍ୟ ବିଶ୍ୱାସ ସୃଷ୍ଟି କରିଛି। ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ଦ୍ୱାରା ଆମ ରାଜ୍ୟରେ ମିଲେଟସ ସମ୍ଭାବନାକୁ ପ୍ରଦର୍ଶନ କରିବା ପାଇଁ ଉନ୍ନତ ରଣନୀତି ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରହିଛି। ଚାଷ ସମୟରେ ଅଧିକ ରସାୟନିକ ସାରା ପ୍ରୟୋଗ କରାଯିବା ଦ୍ୱାରା ପରବର୍ତ୍ତୀ ପର୍ଯ୍ୟାୟରେ ବହୁତ ଅସୁବିଧା ଦେଖାଯାଇଥାଏ। ମିଲେଟ ମିଶନ ଜରିଆରେ ଓଡ଼ିଶା ସରକାର ଏ ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଛନ୍ତି। ଏହାସହ ମିଲେଟ ଚାଷକୁ କିଭଳି ଆହୁରି ଉନ୍ନତମାନର କରାଯାଇପାରିବ, ତାହାର ଉପାୟ ମଧ ଚାଷୀଙ୍କୁ ଶିଖାଇଛନ୍ତି। ଓଡ଼ିଶା ମିଲେଟସ ମିଶନ ପକ୍ଷରୁ କୃଷକମାନଙ୍କ ପାଇଁ ସିଧାସଳଖ ବ୍ୟାଙ୍କ ଟ୍ରାନ୍ସଫର ଓ ବିଭିନ୍ନ ପୋର୍ଟାଲ କାର୍ଯ୍ୟକାରୀ କରାଯାଉଛି। ଏହି ପଦକ୍ଷେପ ଦ୍ୱାରା ରାଗି ପରି କିଛି ଫସଲ ଅମଳ ସ୍ୱଳ୍ପ ସମୟ ମଧ୍ୟରେ ଯଥେଷ୍ଟ ବୃଦ୍ଧି ପାଇଥିବା ଦେଖାଯାଇଛି। ରାଜ୍ୟ ସରକାରଙ୍କ ବାରମ୍ବାର ପଦକ୍ଷେପ ଜରିଆରେ କୃଷକମାନେ ସେମାନଙ୍କର ପାରମ୍ପରିକ ଫସଲକୁ ଗ୍ରହଣ କରିବା ସହ ସେମାନଙ୍କ ପରିଶ୍ରମର ଉଚିତ ମୂଲ୍ୟ ପାଇବାରେ ସକ୍ଷମ ହୋଇପାରୁଛନ୍ତି। ଓଡ଼ିଶା ମିଲେଟସ ମିଶନ ଏହାର ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ସହ ମିଲେଟସର ଗ୍ରହଣଶୀଳତାକୁ ଅଧିକ ସୁଗମ ଏବଂ ନମନୀୟ କରିବା ପାଇଁ ଉତ୍ତମ ରଣନୀତି ଏବଂ ବୈଜ୍ଞାନିକ କୌଶଳକୁ ସୁନିଶ୍ଚିତ କରୁଛି। ଦିନ ଥିଲା ଓଡ଼ିଶାରେ ମିଲେଟକୁ କେହି ଜାଣୁନଥିଲେ କିମ୍ବା ଏହାର ଆଦର ନଥିଲା। କିନ୍ତୁ ଓଡ଼ିଶାରେ ଏବେ ମିଲେଟ ସୁନା ଫଳ ପାଲଟିଛି। ଗତ ଜି-୨୦ ଶିଖର ସମ୍ମିଳନୀରେ ଓଡ଼ିଶାର ମିଲେଟ ଖାଦ୍ୟ ଆନ୍ତର୍ଜାତିକ ମହଲକୁ ସୁପରିଚିତ କରିଛି। ମିଲେଟ ଏବେ ଓଡ଼ିଶାରେ କୃଷକମାନଙ୍କ ପାଇଁ ଏବଂ ସ୍ୱୟଂ ସହାୟକ ସଙ୍ଗଠନ ପାଇଁ ଅତ୍ୟନ୍ତ ଲାଭଦାୟକ କ୍ଷେତ୍ର ପାଲଟିଛି ଏବଂ ଲୋକମାନଙ୍କର ପ୍ରଭୂତ ଲାଭ ହେଉଛି।

♥ ଶ୍ରୀବିହାର କଲୋନୀ, କଟକ,
(ମୋ) : ୯୪୩୭୬୬୬୪୫୩

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୭ ସେପ୍ଟେମ୍ବର ୨୦୨୩
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com



# ବସୁଧୈବ କୁଟୁମ୍ବକମ୍ (୧)

## ସୌମେନ୍ଦ୍ର ଜେନା

ସେପ୍ଟେମ୍ବର ମାସ ୯ ଓ ୧୦ ତାରିଖ ଦୁଇଦିନ ଧରି ନୂଆଦିଲ୍ଲୀର ପ୍ରଗତି ମଇଦାନରେ ନବନିର୍ମିତ ଭାରତ ମଣ୍ଡପମ୍ କନ୍‌ଭେନ୍‌ସନ ସେଣ୍ଟରଠାରେ ଜି ୨୦ ଗୋଷ୍ଠୀର ଶିଖର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକର ଅଧ୍ୟକ୍ଷତା ଭାରତ ହାତରେ ଥିବା ଦୃଷ୍ଟିରୁ ଆୟୋଜକ ମଧ୍ୟ ଭାରତ ରହିଥିଲା । ଚଳିତବର୍ଷ ନଭେମ୍ବର ମାସ ପର୍ଯ୍ୟନ୍ତ ଜି ୨୦ର ଅଧ୍ୟକ୍ଷ ଦାୟିତ୍ୱ ଭାରତ ହାତରେ ରହିବ ଏବଂ ପରେ ବ୍ରାଜିଲ ଏହାର ଅଧ୍ୟକ୍ଷ ରହିବ । ଆଗାମୀ ବର୍ଷର ବୈଠକ ଦାୟିତ୍ୱ ବ୍ରାଜିଲ ରାଷ୍ଟ୍ରପତି ଲୁଲା ଡି ସିଲ୍‌ଭା ଗ୍ରହଣ କରିଛନ୍ତି । ତେଣୁ ପରବର୍ତ୍ତୀ ଶିଖର ବୈଠକ ଆୟୋଜନ ପାଇଁ ଲୁଲା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାତରୁ ବିଧିବଦ୍ଧ ଭାବେ ନେତୃତ୍ୱର ପ୍ରତୀକ ବ୍ୟାଟନ (ହାତୁଡ଼ି) ଗ୍ରହଣ କରିଥିଲେ । ଏହି ବୈଠକରେ ଜି ୨୦ ରାଷ୍ଟ୍ରର ନେତୃବୃନ୍ଦ ଏବଂ କେତେକ ନିମନ୍ତ୍ରିତ ରାଷ୍ଟ୍ରର ନେତୃବୃନ୍ଦ ଯୋଗଦାନ କରିଥିଲେ । ଏହାର ସଫଳତା ନିମନ୍ତେ ଭାରତର ଭିନ୍ନ ଭିନ୍ନ ରାଜ୍ୟରେ ବର୍ଷବ୍ୟାପି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଭାରତର ଜନଜୀବନ, ସଂସ୍କୃତି, ପରମ୍ପରା ମଧ୍ୟରେ ଥିବା ବିବିଧତା ସହ ପରିଚିତ କରାଇବାକୁ ବିଦେଶୀ ପ୍ରତିନିଧିମାନଙ୍କୁ ଭିନ୍ନ ଭିନ୍ନ ରାଜ୍ୟକୁ ନିଆଯାଇଥିଲା । କାରଣ ଗତବର୍ଷ ୧୬ନଭେମ୍ବର ୨୦୨୨ରେ ଇଣ୍ଡୋନେସିଆର ବାଲିଠାରେ ଅନୁଷ୍ଠିତ ଶିଖର ବୈଠକରେ ଭାରତର ପ୍ରଧାନମନ୍ତ୍ରୀଙ୍କୁ ଜି ୨୦ର ଅଧ୍ୟକ୍ଷତା ପଦ ମିଳିଥିଲା, ଯାହା ୧ ଡିସେମ୍ବର ୨୦୨୨ରୁ ବିଧିବଦ୍ଧଭାବେ କାର୍ଯ୍ୟକାରୀ ହୋଇଥିଲା । ବାଲି ବୈଠକ ପୂର୍ବରୁ ୮ ନଭେମ୍ବର ୨୦୨୨ଦିନ ୨୦୨୩ ଶିଖର ବୈଠକର ବିଷୟ "ବସୁଧୈବ କୁଟୁମ୍ବକମ୍" (ଏକ ବିଶ୍ୱ, ଏକ ପରିବାର, ଏକ ଭବିଷ୍ୟତ)ସମେତ ଜି୨୦ ପ୍ରତୀକ ପ୍ରଧାନମନ୍ତ୍ରୀ ମୋଦି ଉନ୍ମୋଚନ କରିଥିଲେ ।

ଜି୨୦ ରାଷ୍ଟ୍ରଗୋଷ୍ଠୀରେ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବ୍ରାଜିଲ, କାନାଡା, ଚୀନ, ଫ୍ରାନ୍ସ, ଜର୍ମାନୀ, ଭାରତ, ଇଣ୍ଡୋନେସିଆ, ଇଟାଲୀ, ଜାପାନ, ଦକ୍ଷିଣ କୋରିଆ, ମେକ୍‌ସିକୋ, ରୁଷିଆ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା, ତୁର୍କୀୟେ, ବ୍ରିଟେନ,ଆମେରିକା ସମେତ ୟୁରୋପୀୟ ସଂଘ ସଦସ୍ୟ ରହିଛନ୍ତି । ବିଶ୍ୱର ୮୫ପ୍ରତିଶତ ଜିଡିପି ସଦସ୍ୟ ରାଷ୍ଟ୍ରମାନଙ୍କର ରହିଛି । ଏମାନେ ବିଶ୍ୱର ୭୫ ପ୍ରତିଶତ ବାଣିଜ୍ୟ ଏବଂ ବିଶ୍ୱର ଦୁଇ ତୃତୀୟାଂଶ ଜନସମୂହକୁ ପ୍ରତିନିଧିତ୍ୱ କରୁଛନ୍ତି । ୧୯୯୭-୯୮ରେ ସମଗ୍ର ବିଶ୍ୱରେ ଆର୍ଥିକ ମାନ୍ଦାବସ୍ଥା ଦେଖାଦେଇଥିଲା । ସେହି ସମୟରେ ବାଣିଜ୍ୟିକ ସହଯୋଗ, ଆର୍ଥିକ ସହଯୋଗ ଆଦି ଆବଶ୍ୟକ ହୋଇଥିଲା । ତେଣୁ ୧୯୯୯ରେ ୨୦ଟି ବିକଶିତ ଏବଂ ବିକାଶଶୀଳ ରାଷ୍ଟ୍ରକୁ ନେଇ ଜି ୨୦ ଗୋଷ୍ଠୀ ଗଠିତ ହୋଇଥିଲା । ପ୍ରଥମାବସ୍ଥାରେ କେବଳ ଅର୍ଥମନ୍ତ୍ରୀ ଏବଂ କେନ୍ଦ୍ରୀୟ ବ୍ୟାଙ୍କ ମୁଖ୍ୟଙ୍କର ଆଲୋଚନା ଅନୁଷ୍ଠିତ ହେଉଥିଲା । କିନ୍ତୁ ୨୦୦୮ପରଠାରୁ ରାଷ୍ଟ୍ରମୁଖ୍ୟମାନେ ଅଂଶଗ୍ରହଣ କରିବାଲାଗି ସ୍ଥିର ହେଲା । ପରେ ସଂଗଠନର ଆଲୋଚନାକୁ ଅଧିକ ବ୍ୟାପକ ଏବଂ ପ୍ରଭାବଶାଳୀ କରିବା ପାଇଁ ଯୁବଶକ୍ତି, ସ୍ତ୍ରୀଶକ୍ତି, ଷ୍ଟାର୍ଟଅପ୍ ଆଦି ଭିନ୍ନ ଭିନ୍ନ ବର୍ଗର ଲୋକଙ୍କୁ ଏଥିରେ ସାମିଲ କରାଗଲା । ଚଳିତବର୍ଷ ଭାରତର ୬୦ରୁ ଅଧିକ ସହରରେ ଏମିତି ପ୍ରାୟ ୨୨୦ରୁ ଅଧିକ ଆଲୋଚନା ପାଇଁ ଯୋଜନା କରାଯାଇଥିଲା । ଚଳିତବର୍ଷ ଜାନୁଆରୀ ୧୨-୧୩ ଦୁଇଦିନ ଧରି ଆଭାସୀ ଗ୍ଲୋବାଲ ସାଉଥ୍ ବୈଠକର ଆୟୋଜନ ପରେ ୧୬-୧୭ଜାନୁଆରୀ ୨୦୨୩ର ମହାରାଷ୍ଟ୍ରର ପୁନେଠାରେ ଭିତ୍ତିଭୂମି କାର୍ଯ୍ୟଗୋଷ୍ଠୀର ବୈଠକ, ୧୮-୨୦ ଜାନୁଆରୀରେ କେରଳର ଥିରୁଅନନ୍ତପୁରମ୍‌ଠାରେ ସ୍ୱାସ୍ଥ୍ୟ କାର୍ଯ୍ୟଗୋଷ୍ଠୀଙ୍କ ବୈଠକ, ୩୦-୩୧ ଜାନୁଆରୀରେ ଚଣ୍ଡିଗଡଠାରେ ଆର୍ଥିକ କାର୍ଯ୍ୟଗୋଷ୍ଠୀର ଏବଂ ୩୧ ଫେବୃଆରୀରୁ ୨ ମାର୍ଚ୍ଚ ପର୍ଯ୍ୟନ୍ତ ଚେନ୍ନାଇଠାରେ ଶିକ୍ଷାଗୋଷ୍ଠୀର ବୈଠକ ଅନୁଷ୍ଠିତ ହୋଇଥିଲା । ଅନ୍ୟମାସଗୁଡ଼ିକରେ କାଶ୍ମୀରଠାରୁ ଗୌହାଟୀ, ଭୁବନେଶ୍ୱରଠାରୁ ଇନ୍ଦୋର ସମେତ ଅନେକ ସହରରେ ଏହି କାର୍ଯ୍ୟଗୋଷ୍ଠୀର ବୈଠକ ଆୟୋଜିତ ହୋଇଥିଲା ।

ଚଳିତବର୍ଷ ଅନୁଷ୍ଠିତ ୧୮ଶ ଜି୨୦ ବୈଠକରେ ଭାରତ ଗୋଷ୍ଠୀରେ ଥିବା ସ୍ଥାୟୀ ସଦସ୍ୟମାନଙ୍କ ଛଡ଼ା କିଛି ବନ୍ଧୁରାଷ୍ଟ୍ରଙ୍କୁ ନିମନ୍ତ୍ରିତ କରିଥିଲା । ସେହିସବୁ ରାଷ୍ଟ୍ରହେଲେ ବଙ୍ଗଳାଦେଶ, ଇଜିପ୍ଟ, ମରିସସ୍, ନେଦରଲାଣ୍ଡ, ନାଇଜେରିଆ, ଓମାନ, ସ୍ପେନ, ସିଙ୍ଗାପୁର, ସଂଯୁକ୍ତ ଆରବ ଏମିରେଟ୍ । ଏହି ବୈଠକରେ ଆର୍ଜେଣ୍ଟିନା ରାଷ୍ଟ୍ରପତି ଆଲବର୍ଟୋ ଫର୍ଣ୍ଣାଡେଜ୍, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ, ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ ରାମଫୋସା, ବଙ୍ଗଳାଦେଶ ପ୍ରଧାନମନ୍ତ୍ରୀ ଶେଖ ହାସିନା, ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକ, ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିସିଡା, ସାଉଦି ଆରବ ଯୁବରାଜ ମହମ୍ମଦ ବିନ୍ ସଲମାନ, ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ୍ ସୁକ ୟୋଲ, ଇଜିପ୍ଟ ପ୍ରଧାନମନ୍ତ୍ରୀ ଅବ୍‌ଦେଲ ଫତାହ, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଅଲବାନେସ, ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଚୀନ ପ୍ରଧାନମନ୍ତ୍ରୀ ଲିକ୍ୱାଙ୍ଗ୍, ସଂଯୁକ୍ତ ଆରବ ଅମିରାତ ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ ଜାୟେଦ ଅଲ ନହ୍ୟାନ, ନେଦରଲ୍ୟାଣ୍ଡ ପ୍ରଧାନମନ୍ତ୍ରୀ ମାର୍କ ରୁଟ୍ଟେ, ବ୍ରାଜିଲ ରାଷ୍ଟ୍ରପତି ଲୁଲା ଡା ସିଲ୍‌ଭା, ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋ, ତୁର୍କୀୟେ ରାଷ୍ଟ୍ରପତି ରିସେପ୍ ତୟିପ୍ ଏର୍ଦୋଗାନ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ, ରୁଷିଆ ବିଦେଶମନ୍ତ୍ରୀ ସର୍ଗେଇ ଲାଭାରୋଭ, ବିଶ୍ୱ ମୁଦ୍ରାକୋଷର ମୁଖ୍ୟ କ୍ରିଷ୍ଟିନା ଜର୍ଜିଏଭା, ବିଶ୍ୱବ୍ୟାଙ୍କର ମୁଖ୍ୟ ଅଜୟ ବାଙ୍ଗୀ ୟୁରୋପୀୟ କମିଶନର ମୁଖ୍ୟ ଉର୍ସୁଲା ଭନ୍ ଡେର ଲେୟେନ ପ୍ରମୁଖ ଯୋଗ ଦେଇଥିଲେ ।

ନୂଆଦିଲ୍ଲୀଠାରେ ଜି୨୦ ଆୟୋଜନ ବ୍ୟବସ୍ଥା ପାଇଁ ସହର ସଜ୍ଜୀକରଣ ପାଇଁ ପ୍ରାୟ ୪୨୫୪.୭୫କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା । ଏଥିରେ ସବୁଠୁ ମୁଖ୍ୟ ଥିଲା ସୁରକ୍ଷା । ଏହାଛଡ଼ା ସଡକ, ଫୁଟ୍‌ପାଥର ସଡକସଜ୍ଜା, ଆଲୋକ ବ୍ୟବସ୍ଥା ଆଦି ରହିଥିଲା । ବୃକ୍ଷସଜ୍ଜା ଜି୨୦ ବ୍ରାଣ୍ଡ ପାଇଁ ୩୫୦୦କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଥିଲା । ଏସବୁ ଖର୍ଚ୍ଚ ପ୍ରତିରକ୍ଷା ବିଭାଗର ଅଧିନସ୍ଥ ବିଭାଗଛଡ଼ା ନୂଆଦିଲ୍ଲୀ ମ୍ୟୁନିସିପାଲ କର୍ପୋରେସନ, ଏମ୍‌ସିଡି ସମେତ ନଅଗୋଟି ସରକାରୀ ଏଜେନ୍ସୀ ଦ୍ୱାରା ହୋଇଥିଲା । ନୂଆଦିଲ୍ଲୀ ସହରକୁ ଏମିତି ଆଲୋକମାଳାରେ ସଜାଯାଇଥିଲା ଯାହାକି ଦିପାବଳୀର ଭ୍ରମ ସୃଷ୍ଟିକରିଥିଲା । ସ୍ଥାନୀୟ ଲୋକଙ୍କ କହିବାନୁସାରେ ପୂର୍ବରୁ ରାଜ୍ୟଗୋଷ୍ଠୀ କ୍ରୀଡା ନୂଆଦିଲ୍ଲୀରେ ଆୟୋଜନ ବେଳେ ସହର ବିକାଶ ପାଇଁ ଯେଉଁସବୁ କାର୍ଯ୍ୟ ହୋଇଥିଲା ତା'ତୁଳନାରେ ଜି୨୦ ପାଇଁ ପ୍ରଗତି ମଇଦାନରେ ନିର୍ମିତ ମଣ୍ଡପ ସମେତ ସହର ସାଜସଜ୍ଜା ଖୁବ୍ ଅଧିକ ସୁନ୍ଦର ଥିଲା । ଲୋକେ ରାତିରେ ପରିବାର ବର୍ଗଙ୍କୁ ଧରି ଆଲୋକସଜ୍ଜା ଦେଖିବାଲାଗି ଗାଡିରେ ଘୂରି ବୁଲୁଥିଲେ । ମାଟିରୁ ଆକାଶଯାଏଁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା । ଏନ୍‌ଏସ୍‌ଜି କମାଣ୍ଡୋମାନେ ବିଦେଶୀ ଅତିଥିଙ୍କ ସୁରକ୍ଷା ପାଇଁ ରହିଥିଲେ । ବିମାନ ବନ୍ଦରରେ କେନ୍ଦ୍ର ମନ୍ତ୍ରୀମାନେ ବିଦେଶୀ ଅତିଥିଙ୍କ ସ୍ୱାଗତ ପାଇଁ ରହିଥିଲେ । ଦେଶର ଭିନ୍ନ ଭିନ୍ନ ରାଜ୍ୟର ସାଂସ୍କୃତିକ କାର୍ଯ୍ୟକ୍ରମ ବିମାନ ବନ୍ଦରରେ ଅତିଥିଙ୍କ ସ୍ୱାଗତ ପାଇଁ ହୋଇଥିଲା । ନୂଆଦିଲ୍ଲୀର ସେରାଟନ୍, ମାରିଅଟ୍, ତାଜ୍ ପରି୨୩ଟି ବଡ ବଡ ହୋଟେଲ ଅତିଥିମାନଙ୍କ ପାଇଁ ବୁକିଂ ହୋଇଥିଲା ।

ନୂଆଦିଲ୍ଲୀ ଜି୨୦ ଘୋଷଣାନାମାକୁ ସର୍ବସମ୍ମତି କ୍ରମେ ଗୃହୀତ କରାଇବା ଥିଲା ସବୁଠାରୁ ବଡ ଆହ୍ୱାନ । କାରଣ ପୂର୍ବରୁ ବିଦେଶୀ ଗଣମାଧ୍ୟମରେ ନୂଆଦିଲ୍ଲୀର ଏହି ଶିଖର ବୈଠକକୁ ଗୌଣକରି ପ୍ରଦର୍ଶିତ କରିବାକୁ ସବୁପ୍ରକାର ଚେଷ୍ଟା ହୋଇଥିଲା । ସହର ସଜ୍ଜିକରଣରେ ବାଧାସୃଷ୍ଟିକାରୀ ଜବରଦଖଲକୁ ହଟାଯିବା ବେଳେ ବିଦେଶୀ ଗଣମାଧ୍ୟମ ପ୍ରଚଣ୍ଡ ସମାଲୋଚନା କରିବା ସହ ଏପରି ବୈଠର ଆୟୋଜନ କରିବା ଭାରତ ପାଇଁ ଲାଭଦାୟକ ହେବନାହିଁ ବୋଲି ପ୍ରଚାର ଚଳାଇଥିଲେ । ଏପ୍ରକାର ଆୟୋଜନ ଭାରତର କ୍ଷମତାର ବାହାରେ ବୋଲି କଟାକ୍ଷ କରିଥିଲେ । ରୁଷିଆ-ୟୁକ୍ରେନ ଯୁଦ୍ଧ କାଳରେ ଜି ୨୦ ଶିଖର ବୈଠକ ଆଲୋଚନା ମତ ଭେଦପୂର୍ଣ୍ଣ ରହିବ ବୋଲି ଭବିଷ୍ୟବାଣୀ କରିଥିଲେ । କିନ୍ତୁ ଭାରତର ନେତୃବୃନ୍ଦ, କୂଟନୀତିଜ୍ଞ ଏହାକୁ ଆହ୍ୱାନ ଭାବେ ଗ୍ରହଣ କରିଥିଲେ । ଗତବର୍ଷ ଇଣ୍ଡୋନେସିଆର ବାଲିଠାରେ ଅନୁଷ୍ଠିତ ବୈଠକ କାଳରେ ଯେପରି ରୁଷିଆ-ୟୁକ୍ରେନ ଯୁଦ୍ଧ ପ୍ରମୁଖ ବିଷୟ ରହି ଅନ୍ୟ ଆଲୋଚନାକୁ ଗୌଣ କରିଥିଲା ଭାରତ ସେପରି ବ୍ୟବସ୍ଥା ସୃଷ୍ଟି ହେବାକୁ ସୁଯୋଗ ଦେଲାନାହିଁ । ଘୋଷଣାନାମରେ ରୁଷିଆ ବିରୋଧୀ ବିଷୟକୁ ଆଦୌ ଗ୍ରହଣ କରାଯିବ ନାହିଁ ବୋଲି ପୂର୍ବରୁ ରୁଷିଆ ପକ୍ଷରୁ ଖୋଲାଖୋଲି କୁହାଯାଇଥିଲା । ଏଭଳି ପରିସ୍ଥିତିରେ ଦେଶପକ୍ଷରୁ ଆଲୋଚନା ପାଇଁ କାର୍ଯ୍ୟକରୁଥିବା ମୁଖ୍ୟ ବା ସେର୍ପା ଅମିତାଭ କାନ୍ତ ଭିନ୍ନ ଭିନ୍ନ ରାଷ୍ଟ୍ରର ସେର୍ପାମାନଙ୍କୁ ରାଜି କରାଇବା ଲାଗି ଦିନ ରାତି ଏକ୍ କରି କାର୍ଯ୍ୟ କରିଥିଲେ । ଏଥିପାଇଁ ୨୦୦ଘଣ୍ଟାର ଅବିରତ ଆଲୋଚନା କରିବାକୁ ହୋଇଥିଲା । ପ୍ରାୟ ୩୦୦ ଦ୍ୱିପାକ୍ଷିକ ବୈଠକ ଏବଂ ୧୫ଟି ପ୍ରସ୍ତାବପତ୍ର ପ୍ରସ୍ତୁତ କରିବାକୁ ହୋଇଥିଲା । ସ୍ଥାନୀୟ ଦ୍ୱିପାକ୍ଷିକ ଦ୍ୱନ୍ଦ୍ୱକୁ ଏଥିରେ ସ୍ଥାନ ନଦେଇ ସଂଗଠନର ମୂଳଲକ୍ଷ୍ୟ ଆର୍ଥିକ, ବାଣିଜ୍ୟିକ ସମସ୍ୟାର ସମାଧାନ, ଆନ୍ତର୍ଜାତିକ ଆଇନ, ରାଷ୍ଟ୍ରର ଅଖଣ୍ଡତା, ପରିସୀମାକୁ ସମ୍ମାନ, ବହୁପାକ୍ଷିକ ଶାନ୍ତି ଓ ସୁରକ୍ଷା ପ୍ରଦାନକାରୀ ବ୍ୟବସ୍ଥାକୁ ଗ୍ରହଣ କରାଯିବାକୁ ଅଧିକ ଜୋର ଦିଆଯାଇଥିଲା । ସର୍ବସମ୍ମତିକ୍ରମେ ମିଳିତ ପ୍ରସ୍ତାବକୁ ଗୃହୀତ କରାଇବା ଲାଗି ଅତିତାଭକାନ୍ତ , ଯୁଗ୍ମ ସଚିବ ଏନାମ ଗାମ୍ଭିର ଏବଂ ନାଗାରାଜୁ ନାଇଡୁ କାକନୁରଙ୍କ କାର୍ଯ୍ୟକୁ ଯେତେ ପ୍ରଶଂସା କଲେ ମଧ୍ୟ କମ୍ ହେବ ।

♥ ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

## ।। ସ୍ମୃତିକଥା ।।



# ପଦଚିହ୍ନର ମହକ

## ହରିଶଙ୍କର ବଡପଣ୍ଡା

୧୯୪୮ ମସିହା ଜୁନ୍ ଶେଷ ସପ୍ତାହରେ ବାପାଙ୍କ ସାଙ୍ଗରେ ଗଲି ଶିଆଳ ଖଣ୍ଡଇଣ ଗ୍ରାମ । ବାବୁପାଲିରୁ (ମୋର ନିଜ ଗାଁ ଜନ୍ମସ୍ଥାନ) ଏହାର ଦୂରତ୍ୱ ପ୍ରାୟ ୫/୬ କି.ମି । ଜିରା ନଈକୁ ପାରି ହେଲୁ । ସେତେବେଳେ ଶିଆଳ ଖଣ୍ଡଇଣ ମି.ଇ. ସ୍କୁଲ୍‌ର ଘର ନଥିଲା । ନାମ ଲେଖା ପରେ ଗାଁର ଶେଷ ମୁଣ୍ଡରେ ଥିବା ରାମକୁମାର ଅଗ୍ରୱାଲ୍‌ଙ୍କ ଗୋଦାମ ଓ ଗୁହାଳଘରେ ରହିଲୁଁ । ପଟା ଖଟଟିଏ ଥାଏ, ତଳେ ଟିଣ ବାକ୍ସରେ ବହିପତ୍ର, କିରୋସିନି ଦିଆ ଲଣ୍ଠନ । ଜାମା ଲୁଗା ଇତ୍ୟାଦି । ନିତ୍ୟକର୍ମ ପାଇଁ ପାଖ ଜିରା ନଈକୁ ଯାଉଁ । ପାଖରେ ରୋଷେଇଘର ଥାଏ । ଥାଳିରେ ଖାଇ ନିଜେ ଧୋଇଦେବାଟା ଅଭ୍ୟାସ ହୋଇଗଲା । ପାଖରେ ଗୋଟିଏ କୋଠରୀରେ ପାଠପଢା ଆରମ୍ଭ ହେଲା । ରହିବା ସ୍ଥାନଟା ହାତଗଢା ଛପରରେ ଛାଇ ହୋଇଥିବାରୁ ବର୍ଷାରେ ପାଣି ବି ଗଳେ । ସନ୍ଧ୍ୟା ହେଲେ ମଶା ଓ ମୂଷା ପ୍ରବଳ । କାହାକୁ କିଛି କହିବାର ନାହିଁ । ପାଠ ପଢା ଛଡା ଅନ୍ୟ ସୁବିଧା ଅସୁବିଧାକୁ ମନ ଦେବାର ସୁଯୋଗ ବି ନଥାଏ । ମାସିକିଆ ଖର୍ଚ୍ଚ ଚାଉଳ ୨୦କେଜି ଏବଂ ଟଙ୍କା ପାଞ୍ଚଟା ଦେବାକୁ ପଡେ । ବାପା ହାତଖର୍ଚ୍ଚ ପାଇଁ ଦିଅନ୍ତି ମାସକୁ ତିନିଟଙ୍କା । ସେଥିରେ ସକାଳ ସଂଧ୍ୟାରେ କିଛି ମୁଢି, ଉଖୁଡା କିଣି ଖାଉଁ- କାଗଜ, ବହି, ଖାତା, ପେନ୍‌ସିଲ୍, ରବର କିଣା ହୁଏ ।

ଚତୁର୍ଥ ଶ୍ରେଣୀ ଏପରି ପାଶ୍ କଲି । ଦଶରା ଛୁଟି ୧୦-୧୨ ଦିନ ଏବଂ ବାର୍ଷିକ ପରୀକ୍ଷା ଏପ୍ରିଲ୍ ମାସରେ ସରିଗଲେ ଖରା ଛୁଟି ପ୍ରାୟ ଦେଢମାସ ହେଉଥିଲା । ଛୁଟି ଆଗରୁ ବାପା ନିଜେ ଗାଁରୁ ଆସି ବିଛଣାପତ୍ର, ବାକ୍ସ, ବହିପତ୍ର ନେବାକୁ ହଳିଆ ସାଙ୍ଗରେ ଆସି ନେଇ ଯାଉଥିଲେ ।

ମୋର ସ୍ନେହମୟୀ ମା' ଗାଁରେ ମୋର ଯିବା ବାଟକୁ ଚାତକ ପରି ଚାହିଁ ରହିଥାଏ । ଗାଁକୁ ଗଲେ ବାପାଙ୍କ ଆକଟ ଥାଏ ପଢାପଢି କରିବା ପାଇଁ । ଖେଳକୁଦରେ ମାତିଲେ ବାପା ରାଗନ୍ତି । ତେଣୁ ମା' ବାପାଙ୍କୁ ବିଗିଡେ ଓ କହେ ପିଲାଲୋକ କ'ଣ ରାତି ଦିନ ପାଠ ପଢୁଥିବ ? ଛୁଟି ଯେତେବେଳେ ହୋଇଛି ଖେଳାଖେଳି କରୁ ସ୍କୁଲ୍‌କୁ ଗଲେ ପଢାପଢି କରିବ ନାହିଁ କି ? ଆମେ ପଞ୍ଚମ ଶ୍ରେଣୀରୁ ସପ୍ତମଶ୍ରେଣୀ ପର୍ଯ୍ୟନ୍ତ କଚ୍ଚାକାନୁରେ ତିଆରି ଓ ଛଣଛପର ହୋଇଥିବା ହଷ୍ଟେଲ୍‌ରେ ରହିଲୁଁ, ସ୍କୁଲ୍ ପାଇଁ ପକ୍କା ଘର ତିଆରି ହୋଇଥିଲା । ଘରୁ ଦଉଡିଆ ଖଟଟେ ନେଇ ସେମିତି ତିନିବର୍ଷ ରହିଲୁଁ । ପାଖରେ ଥାଏ ତିନୋଟି ବଂଧ । ସେଠାରେ ଗାଧୁଆ ପାଧୁଆ, ଲୁଗାପଟା ଧୂଆ ସହିତ ନିତ୍ୟକର୍ମ ସମାପନ କରୁଁ ।

ପଞ୍ଚମ ଶ୍ରେଣୀର ପାଠ ଆୟତ୍ତ କରିବାକୁ ମୋତେ କିଛିଟା ପରିଶ୍ରମ କରିବାକୁ ପଡିଲା । ଆମର ପ୍ରଧାନ ଶିକ୍ଷକ ଥାଆନ୍ତି ସମ୍ବଲପୁର ଜିଲ୍ଲା ତାଳବ ଗ୍ରାମର ଶ୍ରୀଯୁକ୍ତ ଉଦୟନାଥ ପଣ୍ଡା । ଅତି ପ୍ରବଣ ଓ ଛାତ୍ରବତ୍ସଳ ଶିକ୍ଷକ । ତାଙ୍କ ଶିକ୍ଷାଦାନ ଏପରି ଥିଲା ଯେ' କୌଣସି ପ୍ରକାର ସନ୍ଦେହମୋଚନ ପାଇଁ ସେ ସ୍ୱୟଂ ପ୍ରଜ୍ଞାସିଦ୍ଧ ଥିଲେ ଏବଂ ଘରକୁ ଗଲେ ଆମ ସନ୍ଦେହ ମୋଚନ କରିଦେଉଥିଲେ । ପଞ୍ଚମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଆମକୁ ଇଂରାଜୀ ଓ ଗଣିତ ପଢାଉଥିଲେ । ଭୂଗୋଳ ଓ ଇତିହାସ ପଢାଉଥାନ୍ତି ସେହି ଗ୍ରାମବାସୀ ଶ୍ରୀଯୁକ୍ତ ବୈଷ୍ଣବ ଚରଣ ସରାଫ୍ । ସାହିତ୍ୟ ଶିକ୍ଷକ ଥିଲେ ଶ୍ରୀଯୁକ୍ତ ପ୍ରଭାକର ପଣ୍ଡା । ଏ ସମସ୍ତଙ୍କର ଶିକ୍ଷାଦାନ ପଦ୍ଧତି ଅତି ଆଦର୍ଶସ୍ଥାନୀୟ ଥିଲା ।

ବୁର୍ଦ୍ଧା ଗ୍ରାମର ଶ୍ରୀଯୁକ୍ତ ପ୍ରଭାକର ପଣ୍ଡା ସାହିତ୍ୟ ପାଠ ବୁଝାଇବାରେ ଥିଲେ ଅତି ପ୍ରବଣ । କବି ଗଙ୍ଗାଧର ମେହେରଙ୍କ 'ବିଶ୍ୱଜୀବନ ହେ, ତୁମ୍ଭକୁ କରୁଣା ସିନ୍ଧୁ' ଏବଂ 'ମୁଁ ତ ଅମୃତ ସାଗର ବିନ୍ଦୁ' ବା 'ବିଶ୍ୱଦେଖ ମଧୁମୟରେ...' ପଢାଇବାର କୌଶଳ ଥିଲା ଅନନ୍ୟ । ତାଙ୍କର ବିଶ୍ଳେଷଣରେ ସେ ଆମକୁ ରୋମାଞ୍ଚିତ କରି ଦେଉଥିଲେ । ଶବ୍ଦ ଗୁମ୍ଫନର ଶୈଳୀ, ବ୍ୟାକରଣିକ ଅନୁଧ୍ୟାନ, ପଦ ଓ ପଦ୍ୟ ବିନ୍ୟାସର ଲାଳିତ୍ୟ ତଥା ସୁର, ତାଳ, ଲୟର ସମ୍ପର୍କକୁ ସେ ଆମକୁ ଅତି ସରଳ, ତରଳ ଭାଷାରେ ବୁଝାଇ ଦେଉଥିଲେ । ତାଙ୍କର ସାହିତ୍ୟ ଶିକ୍ଷାଧାରା ମୋ ପାଇଁ ମୋ ପାଇଁ ଚମତ୍କୃତ ପରିବେଶ ସୃଷ୍ଟି କରୁଥିଲା । ମଝିରେ ମଝିରେ ମୋ ଶରୀରରେ ରୋମାଞ୍ଚ, ଅନନ୍ୟ ଭାବପ୍ରବଣତା ଏପରି ଗଭୀର ରେଖା ଅଙ୍କିତ କରୁଥିଲା ଯେ ତା'ରି ବଶବର୍ତ୍ତୀ ହୋଇ ମୁଁ ସପ୍ତମ ଶ୍ରେଣୀରୁ ହିଁ ଗଦ୍ୟ/ ଗୀତ / ଗଳ୍ପ ଲେଖିବାକୁ ବିବଶ ହେଲି । ଏହାର ମୂଳରେ ଥିଲା ଗୁରୁଦେବ ଶ୍ରୀ ପଣ୍ଡାଙ୍କ ଅତୁଳନୀୟ ପ୍ରେରଣା । ସେ ଦିନରୁ ମୋର ଅହେତୁକ ପଠନ ମନୋଭାବ ବଢିଲା । ବିଭିନ୍ନ କାବ୍ୟଗ୍ରନ୍ଥ, ଉପନ୍ୟାସ, ନାଟକ, ଛୋଟବଡ ସାହିତ୍ୟ ପୁସ୍ତକ, କବି ଗଙ୍ଗାଧରଙ୍କ 'ଅର୍ଘ୍ୟଥାଳି' ପ୍ରଭୃତି ପୁସ୍ତକ ପଢିବାକୁ ପାଗଳ ପ୍ରାୟ ହେଉଥଲି । ମୋର ଗୁରୁଦେବଙ୍କ ଶିକ୍ଷାଦାନ ପଦ୍ଧତିକୁ ଆତ୍ମସ୍ଥ କରି ମୋ ଭିତରେ ଏକ ସାହିତ୍ୟ ସୃଜନୀୟ ଧାରା ଆପେ ଆପେ ପ୍ରବାହିତ ହେଲା ଏଥିରେ ଅତ୍ୟୁକ୍ତି ନାହିଁ । ସପ୍ତମଶ୍ରେଣୀରେ ମୁଁ ଥିଲି ଅଲ୍‌ରାଉଣ୍ଡର । ଗଣିତ ଓ ଇଂରାଜୀରେ ପ୍ରଧାନ ଶିକ୍ଷକ ପଣ୍ଡା ସାର୍ ମୋତେ ପାଠକୀୟ ସନ୍ଦେହରୁ ମୁକ୍ତ କରିଦେଉଥିଲେ ଯେପରି; ପଣ୍ଡା ସାର୍ ସାହିତ୍ୟରେ ସେପରି !! ବୃତ୍ତି ବି ପାଇଲି ସମଗ୍ର ବରଗଡ ସବ୍‌ଡିଭିଜନ୍‌ରେ ପ୍ରଥମ ସ୍ଥାନ ଅଧିକାର କରି । ପରେ ଗୋଟିଏ କଥା ଶୁଣିବାକୁ ମିଳିଲା । ସାହିତ୍ୟ ପ୍ରଶ୍ନର ଉତ୍ତର ପତ୍ରଟି ଯେମିତି ସବୁଦିନ ପାଇଁ ଆଦର୍ଶ ହୋଇଗଲା । ମୋର ବୃତ୍ତି ପରୀକ୍ଷାର ସାହିତ୍ୟ ଖାତା ସଂଶୋଧନ ପାଇଁ ବରପାଲି ଗଲା ପଣ୍ଡିତ ରାଘବ ମିଶ୍ରଙ୍କ ପାଖକୁ । ସେ ମୋର ଉତ୍ତର ଖାତାଟି ପାଇଁ କେତେ ମାର୍କ ଦେଲେ ଜାଣିନି କିନ୍ତୁ ସେ ଖାତାଟି ପ୍ରାୟ ୧୦/ ୧୫ ବର୍ଷ ଧରି ଆଦର୍ଶ ଉତ୍ତର ଖାତା ହିସାବରେ ସ୍କୁଲ୍‌ରେ ସଂରକ୍ଷିତ ରହିଲା । ଏ କଥା ମୁଁ ପରେ ଜାଣିବାକୁ ପାଇଲି ପଣ୍ଡିତ ଶ୍ରୀ ରାଘବ ମିଶ୍ରଙ୍କ ଠାରୁ । ପଣ୍ଡିତ ମିଶ୍ର ଥିଲେ ସ୍ୱଭାବ କବି ଗଙ୍ଗାଧରଙ୍କ ହିତୈଷୀ ଓ ପରମଭକ୍ତ ! ବରପାଲି ସ୍କୁଲ୍‌ର ଆଦର୍ଶ ଶିକ୍ଷକ । ୧୯୬୦ ସାଲ୍‌ରେ ମୁଁ ଯେତେବେଳେ ଗଙ୍ଗାଧର ମେହେର କଲେଜ୍, ସମ୍ବଲପୁର ଗଙ୍ଗାଧର ସାହିତ୍ୟ ସାଧନାପୀଠର ସମ୍ପାଦକ ଥିଲି ସେତେବେଳେ ଆମେ ତାଙ୍କୁ ଗଙ୍ଗାଧରଙ୍କ ଜୟନ୍ତୀ ଉତ୍ସବରେ ପ୍ରଧାନ ଅତିଥି କରି ଆମନ୍ତ୍ରିତ କରିଥାଉଁ । ଯେତେବେଳେ ସେ ମୋର ନାଆଁ ଜାଣିଲେ, ସେତେବେଳେ ସେ ମୋତେ ପଚାରି ବୁଝିଲେ ଯେ ମୁଁ ଶିଆଳ ଖଣ୍ଡଇଣ ମି.ଇ. ସ୍କୁଲ୍‌ର ଛାତ୍ର ଥିଲି କି ? ମୁଁ ହଁ କରିବାରୁ ସେ ଆନନ୍ଦ ହୋଇ ସେ ଗୁପ୍ତ ତଥ୍ୟଟି ମୋତେ କହିଲେ ।

ଏସବୁ ସତ୍ତ୍ୱେ ଖେଳ ପ୍ରତି ମୋର ମୋହ ପ୍ରାୟ ନଥିଲା । ଆଜି ବି ଏପରି ଅଛି । ଗୋଟିଏ ସାର୍ଟଫିକେଟ୍ ମୋ ପାଖରେ ଅଛି । ୧୯୪୯ ସାଲ୍‌ରେ ମୁଁ ପଞ୍ଚମ ଶ୍ରେଣୀରେ ପଢିବା ବେଳେ ସ୍କୁଲର ବିଭିନ୍ନ ଖେଳ ପ୍ରତିଯୋଗିତା ହୋଇଥିଲା, ସେହି ଅବସରରେ ଦଉଡିଯାଇ ଛୁଞ୍ଚିରେ ସୂତା ଲଗାଇ ଦୌଡ ଆରମ୍ଭ କରି ଫେରି ଆସିବା ଖେଳରେ ମୁଁ ପ୍ରଥମ ସ୍ଥାନ ଅଧିକାର କରିଥିଲି । କଥାରେ ଅଛି ଧୋବା ଲୁଗା କାଚେ, ବାରିକ ବାଳ କାଟେ, ଲୁହୁରା ଲୁହା ସଜାଡେ ଆଉ ଗୌଡ ଗାଈ ଦୁହେଁ । ମନ୍ତ୍ର ନଜାଣି ଗାଈର କ୍ଷୀର ଦୁହିଁବାର ଅପଚେଷ୍ଟା କଲେ ନାତର ମାଡ ଖାଇବା ନିଶ୍ଚିତ । ତେଣୁ ପଡିଆ ଖେଳ ପ୍ରତି ଧ୍ୟାନ ଦେବାର ମୋହ ଛାଡି କୋଠରୀର ଖେଳ ଅର୍ଥାତ୍ ଗଭୀର ଅଧ୍ୟୟନ, ମନନ, ଅନୁଚିନ୍ତନ, ଅନୁସରଣ ଏବଂ ଲେଖକ ତଥା ସେମିତି ଅନୁଧ୍ୟାନରେ ମନକୁ ସମର୍ପଣ କରିଦେଲି । ପାଇଲି ଅଯାଚିତ ସାରସ୍ୱତ ଶ୍ରଦ୍ଧା !! ଅନୁଭବ କଲି ଅସାମାନ୍ୟ ଚିତ୍ରକଳ୍ପନାର ଚୌହଦୀ । ଅନୁପମ ରାଗରଙ୍ଗର ଚିର ପ୍ରସବିନୀ ସୁରଧୂନି କାକାଗଂଗାର ତରଙ୍ଗର ଆଦେଶ !! ଏହାହିଁ ଆଜି ମୋତେ ସଂସ୍କାରିତ କରିଛି, ସଂସ୍କୃତିର ରେମାଞ୍ଚରେ ରୋମାଞ୍ଚିତ କରିଛି । ଫଳସ୍ୱରୂପ ମା ଶାରଦାଙ୍କ ଅଭୟ କରୁଣାରୁ ମୁଁ ଆଜି ଯେଉଁଠି ପହଞ୍ଚିଛି ସେଇଠି ପହଞ୍ଚାଇ ପାରିଛି !! ମୁଁ ଅବଡା ଖାବଡା ପଥରେ ସାରସ୍ୱତ କଟଡା ଖାଇ ଖାଇ ବି ତଥାପି ଆଗକୁ ମାଡି ଚାଲିଛି । ସେ ଚାଲିବାର ପଦଚିହ୍ନର ମହକ ମୋ ପାଇଁ ନିଆରା । ଅନନ୍ୟ ଏବଂ ସ୍ମୃତିରାଜ୍ୟର ପରମ ବୈଭବ !!

ବାଣୀଶ୍ରୀବିହାର, ଆନନ୍ଦନଗର,
ବଲାଙ୍ଗୀର-୭୬୭୦୦୨,
(ମୋ) ୯୪୩୮୬୪୫୫୧୫

# ଧାରାବାହିକ ଅନୁବାଦ ଉପନ୍ୟାସ-(୩୮)

# ମାଆ



ମୂଳ ମରାଠୀ :
ଉତ୍ତମ କାମ୍ବଲେ





ଅନୁସୃଜନ:
ନନ୍ଦିତା ମହାନ୍ତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

ତାଙ୍କର ଉତ୍ତର ବି ଥିଲା ଖୁବ୍ ମଜାଳିଆ... ସିଏ ମୋ କାନ୍ଧରେ ହାତ ରଖି କିମ୍ବା ପିଠିରେ ହାତ ବୁଲେଇ ଗୋଟିଏ ବାକ୍ୟ ହିଁ କହୁଥିଲେ, "ହଁ ସାର୍..... ଦରଜ ତ ହେବ ।" ମୁଁ ତାଙ୍କୁ ଔଷଧ ବିଷୟରେ ପରେ । "ସବୁ ରୋଗ ପାଇଁ ଔଷଧ ନ ଥାଏ । ଏକ୍ସରସାଇଜ୍ କର । ଖୁବ୍ ଚାଲ । ଚାଲିବା ଜାରି ରଖ ।"

ହେଲେ କେତେ ଚାଲିବି ? ପ୍ରତିଦିନ ପାଞ୍ଚ କିଲୋମିଟର, ମାସରେ ୧୫୦ କିଲୋମିଟର ଦେଢ଼ ବର୍ଷରେ ୨,୭୦୦ କିଲୋମିଟର.. ଆଗକୁ ଯଦି ଆଉ ଦଶ / କୋଡ଼ିଏ ବର୍ଷ ବଞ୍ଚିବି ତେବେ ତିରିଶ / ଲିଶ ହଜାର କିଲୋମିଟର ରାସ୍ତାକୁ ଶିଘ୍ର ପାରି କରିବା ପାଇଁ ମୁଁ ଜୋର ଜୋର୍‌ରେ ଚାଲୁଥିଲି । ସେତିକି ରାସ୍ତା ଚାଲିସାରିଲା ପରେ ଲାଗୁଥିଲା ଯେମିତି, ଓଃ ! ଯାହାହେଉ ଆଜି ପାଇଁ ସରିଲା । ସତକଥା କହିବାକୁ ଗଲେ ଚାଲିବାର ବ୍ୟାକରଣ ମୋର ଛୋଟ ବେଳୁ ଆରମ୍ଭ ହୋଇ ଯାଇଥିଲା । ଚତୁର୍ଥ ଶ୍ରେଣୀରୁ ଷଷ୍ଠ ଶ୍ରେଣୀ ଯାଏଁ ଦୁଇ ବର୍ଷ, ପ୍ରତିଦିନ ପାଞ୍ଚ କିଲୋମିଟର ବାଟ, ପାଦରେ ଚାଲି ଚାଲି ଆଜୋବା ଅର୍ଥାତ୍ ଅଜାଙ୍କ ପାଇଁ ଔଷଧ ଆଣୁଥିଲି । ତା' ଛଡ଼ା ଆଖପାଖ ଗାଁକୁ ବି ପାଦରେ ଚାଲି ଚାଲି ଯିବାକୁ ପଡୁଥିଲା । ଏମିତି ସାରା ଜୀବନ ଚାଲି ଚାଲି ମୁଁ ପୁରା ବିରକ୍ତ ହୋଇ ସାରିଥିଲି । କେବେ କେବେ ଏତେ ଅଳସୁଆ ଲାଗୁଥିଲା ଯେ, ପାଞ୍ଚ କିଲୋମିଟର ଚାଲିବାକୁ ୧୦ ଘଣ୍ଟା ଲାଗିଲା ପରି ଲାଗୁଥିଲା.... ଏବେ ବି ମୁଁ ବାଟ ଲୁଛି ।.... 'ସରେନାହିଁ ଏଇ ଟାଙ୍ଗରା ଭୂଇଁ" (ମୂଳ ମରାଠି: ଅଜୁନୀ ଲଟୋଚି ବାଟ, ମାଝରାନ କା ସଂପେନା) ରେଙ୍ଗବାଲକରଙ୍କର ଏଇ କାବ୍ୟ ପଂକ୍ତିରେ ଏକ ଛୋଟିଆ ପରିବର୍ତ୍ତନ "ସରୁନାହିଁ ଏଇ ମଧୁମେହ" କରି, ନିଜର ଏଇ ବାଜେ ବ୍ୟଙ୍ଗ ଉପରେ ମନକୁ ମନ ହସୁଥିଲି ମୁଁ ।

ଚାଲିବା ସମୟରେ ଯେତେବେଳେ କୌଣସି ବିଚାରଧାରା ମନ ଭିତରେ ଚାଲୁଥିଲା ସେତେବେଳେ ଲାଗୁଥିଲା ରାସ୍ତା ଶିଘ୍ର ଶିଘ୍ର ସରି ଯାଉଛି..... ଅଢ଼େଇ କିଲୋମିଟର ଚାଲି ସାରି ପଛକୁ ବୁଲି ଦେଖିଲି... ଅନୁଭବ କଲି ବର୍ଷା । କେତେବେଳେ ବି ଆରମ୍ଭ ହୋଇଯାଇପାରେ... ଏପଟେ ଘଡ଼ଘଡ଼ି ମାରୁଥିଲା ଆଉ ସେପଟେ ପକେଟ୍‌ରେ ରଖା ହୋଇଥିବା ମୋବାଇଲ୍‌ର ଘଣ୍ଟି ବାଜିବାକୁ ଲାଗିଲା । ଫୋନ୍‌ରେ ସାନ ପୁଅ ଆଶୟ କଥା ହେଉଥିଲା ।

ସିଏ କହିଲା "ଜେଜେମାଆ କହୁଛି, ବର୍ଷା ଆସୁଛି । ବିଜୁଳି ମାରୁଛି । ଜଲ୍‌ଦି ଘରକୁ ଆସ ।"

ମୁଁ କହିଲି 'ହେଉ' । ଫୋନ୍ ବନ୍ଦ କରି ଚାଲିବାକୁ ଲାଗିଲି । ପାଞ୍ଚ ମିନିଟ୍ ପରେ ପୁଅର ଫୋନ୍ ପୁଣି ଥରେ ଆସିଲା । "ଆରେ ଜଲଦି ଆସ... ଜେଜେମାଆ ତୁମ ପାଇଁ ବହୁତ ଚିନ୍ତା କରୁଛି ।"

"ହଁ "କହି ମୁଁ ପୁଣି ଚାଲିବାକୁ ଲାଗିଲି ।"

ସତ କହିବାକୁ ଗଲେ ଯଦିବା ବର୍ଷା ହୁଏ ତା' ପାଇଁ ଛତା ବି ଥିଲା ମୋ ପାଖରେ । ବର୍ଷା ଆରମ୍ଭ ହୋଇ ନ ଥିଲା । ବୁନ୍ଦା ବୁନ୍ଦା ବର୍ଷା ଯେମିତି କେଉଁଠି ଲୁଚିକି ବସି ଯାଇଥିଲେ । ଝୁମ୍ପୁଡ଼ି ବସ୍ତିରେ, ପାଣି ପାଇପ୍ ନିକଟରେ ପାଟିତୁଣ୍ଡ, ଝଗଡ଼ାଝାଟି କରୁଥିବା ସ୍ତ୍ରୀଲୋକମାନଙ୍କ ପରି ବିଜୁଳି ତ ଜୋର୍‌ରେ ଗର୍ଜୁଥିଲା । ଲାଗୁଥିଲା କେତେବେଳେ ସେମାନେ ନିଜ ନିଜ ଭିତରେ ତ କେତେବେଳେ ମେଘମାନଙ୍କ ସହିତ ଝଗଡ଼ା କରୁଥିଲେ । ଜୋର ଜୋର ପାଟି କରି ।

ଫୋନ୍ ପୁଣି ବାଜି ଉଠିଲା । ପୁଅ କହିବାକୁ ଲାଗିଲା, "ଜେଜେମାଆ ତୁମକୁ ଦୌଡ଼ି ଦୌଡ଼ି ଆସିବାକୁ କହିଲା ।

ମୁଁ ପୁଣି କହିଲି ... "ହଉ, ହଉ ଆସୁଛି", ଦୁଇ ମିନିଟ୍ ପରେ ପୁଣି ଫୋନ୍" ଶିଘ୍ର ଆସନା ବାପା, ଜେଜେମାଆ କେତେ ଚିନ୍ତା କରୁଛି ।"

ମୁଁ କହିଲି "ଜେଜେମାଆକୁ କହିବୁ, ଏସବୁ ବାଜେ କଥା କଣ ପାଇଁ? ବାର୍ ବାର୍ ଫୋନ୍ କାହିଁକି କରୁଛ ? ତୁମେମାନେ ସବୁ ବୁଝୁନ କାହିଁକି ?"

ପୁଅ ଚୁପ୍ ହୋଇଗଲା । ମୁଁ ଘରେ ପହଞ୍ଚିଲି । ମାଆ ଚିନ୍ତିତ ଥିଲା । ବଜ୍ରାଘାତରେ ମଣିଷମାନେ ମରିବାର ଖବର ସିଏ ସବୁଦିନ ଶୁଣୁଥିଲା । ଆଜି ବି ବିଜୁଳି ମାରୁଥିଲା । ଆଉ ମୁଁ ରାସ୍ତା ଉପରେ, ବାହାରେ ଥିଲି । ତାର ଚିନ୍ତା ଅପ୍ରତ୍ୟାଶିତ ଭାବରେ ବଢ଼ି ଯାଇଥିଲା ।

ସିଏ କହିଲା "ବର୍ଷା-ପାଣିରେ ତୁ କାହିଁକି ବାହାରକୁ ବୁଲିବାକୁ ଯାଉଛୁ ?

ମୁଁ ରାଗି ଯାଇ କହିଲି, "ବୁଲିବାର ବେମାରୀ ଲଗେଇ ନେବାକୁ ଡାକ୍ତର କହିଛନ୍ତି ମୋତେ, ସେଇଥିପାଇଁ । ହେଲେ ତୁ ବାର ବାର୍ କାହିଁକି ଫୋନ୍ କରିବାକୁ କହୁଥିଲୁ ?"

"ଆରେ ମୋର ଛାତି ଧଡ଼୍ ଧଡ଼୍ ହେଉଥିଲା ପରା ।"

"କାହିଁକି ଧଡ଼୍ ଧଡ଼୍ ହେଉଥିଲା ?"

"ଆରେ ତୁ ବାହାରେ ଥିଲୁ ନା ସେଇଥିପାଇଁ ।"

"ହେଲେ କଣ ହୋଇଗଲା ସେଇଠୁ.... ମୁଁ ତ ସବୁଦିନ ବାହାରକୁ ଯାଉଛି ।"

"ତୁ ଏକଥା ବୁଝିପାରିବୁନୁ ।"

"କାହିଁକି ବୁଝି ପାରିବିନି ?"

"ତୁ ମାଆ ନୁହେଁ । ତୋ ପାଖରେ ପୁରୁଷର ହୃଦୟ ଅଛି, ମାଆର ନୁହେଁ ।"

ମୋର ଘରକୁ ଫେରିଆସିବାର ନିଶ୍ଚିନ୍ତତା ମାଆର ଚେହେରାରେ ସଫା ଦିଶୁଥିଲା । ଯେମିତି ମୁଁ ମୋ ଗୋଡ଼ର ଯୋତା ଓହ୍ଲେଇବାକୁ ଲାଗିଲି, ସ୍ତ୍ରୀ କହିଲା "ଶୁଣ, ଚାର୍ବାକକୁ ଆଣିବାକୁ ଯିବନି କି ? ଦେଖ.. ଲାଗୁଛି ଯେ କୌଣସି ମୂହୂର୍ତ୍ତରେ ବର୍ଷା ଆରମ୍ଭ ହୋଇଯାଇପାରେ । ବିଜୁଳି ବି ମାରୁଛି । ବର୍ଷା ନିଶ୍ଚେ ହେବ ।"

ମୋର ପତ୍ନୀର କଥା ଶୁଣି ମାଆ କହିବାକୁ ଲାଗିଲା "ଲତା, ତୁ ପୁଣି ତାକୁ ଏବେ କେଉଁଠିକି ପଠାଉଛୁ ? ଏବେ ତ ସିଏ ଚାଲି ଚାଲି ଆସିଲା ।"

ହେଲେ ଦାଦ୍ୟା (ଚାର୍ବାକର ଡାକ ନାମ) ସେଠି ବର୍ଷାରେ ଅପେକ୍ଷା କରି ବସିରହିବ । ତାକୁ ବସ୍ ମିଳିବନି । ରିକ୍‌ସା ବି ମିଳିବନି । ତୁମେ ଆସିଲ...।"

"ହଁ... ମୁଁ ଯାଉଛି" କହି ଯେମିତି ମୁଁ ଉଠିବାର ଉପକ୍ରମ କଲି, ମାଆ ପୁଣି ଆକଟିଲା ପରି କହିଲା, "ଆରେ ଆସିଯିବ ସିଏ ବସ୍‌ରେ । ବସ୍ ପାସ୍ ତ ଅଛି ତା ପାଖରେ । ଦୁଇ ଜଣ ଯାକ କାହିଁକି ହଇରାଣ ହେବେ ? ଦେଖ... ବିଜୁଳି କେତେ ଜୋର୍‌ରେ ଗର୍ଜୁଛି ।"

"ଶୁଣ... ତୁମେ କାହିଁକି ଶିଘ୍ର ଯାଉନାହିଁ ! କାହିଁକି ଅଯଥାରେ ସମୟ ନଷ୍ଟ କରୁଛ ?" ସ୍ତ୍ରୀ ଯେମିତି ବିଜୁଳି ଠାରୁ ଅଧିକ ଜୋର୍‌ରେ ଗର୍ଜିବାକୁ ଲାଗିଲା, ମୁଁ ସେମିତି ନିଜର ପାଦ ବାହାରେ ରଖିଲି । ଚାର୍ବାକକୁ ଆଣିବାକୁ ବାହାରି ପଡ଼ିଲି । କେତେ ପରସ୍ପର ବିରୋଧୀ ଦୃଶ୍ୟ ସୃଷ୍ଟି ହୋଇଯାଇଥିଲା ଘରେ ? ... ଦୁଇ ଜଣ ମାଆଙ୍କର ଦୁଇ ଅଲଗା ଅଲଗା ଚେହେରା !... ଜଣେ ମାଆ ଚାହୁଁଛି ମୁଁ ଘରୁ ନ ବାହାରେ । ଆଉ ଜଣେ ମାଆ ଚାହୁଁଥିଲା ଯେ ତାର ପୁଅକୁ ଆଣିବାପାଇଁ ମୁଁ ତୁରନ୍ତ ବାହାରକୁ ଯାଏ । ଜଣେ ମାଆକୁ ତାର ନାତି ଠାରୁ ପୁଅ ପାଇଁ ଅଧିକ ଚିନ୍ତା ଥିଲା । ଆଉ ଜଣେ ମାଆ ନିଜର ସ୍ୱାମୀ ଠାରୁ ଅଧିକ ପୁଅ ପାଇଁ ଚିନ୍ତିତ ଥିଲା । ଘରେ ଦୁଇ ଦୁଇ ଜଣ ଅଲଗା ଅଲଗା ମାଆ ସାମନା-ସାମ୍ନି ଛିଡ଼ା ହୋଇ ଯୁଦ୍ଧଂ ଦେହି ଡାକରା ଦେଉଥିଲେ ଆଉ ନିଶ୍ଚିତ ରୂପରେ ଦୁଇ ଜଣ ହିଁ ଜିତୁଥିଲେ । ବାହାରେ ବିଜୁଳିମାନେ ମିଶାଇଲ୍ ପରି ଧକ୍କା ଖାଉଥିଲେ, ଯେମିତି କି ଗର୍ଜନ ଆହୁରି ତୀବ୍ରତର ହେବ ଆଉ ମୁଁ କଳା ବାଦଲର ପାହାଡ଼କୁ ମୁଣ୍ଡରେ ମୁଣ୍ଡେଇ ଛିଡା ହୋଇଗଲି । ଯଦିଓ ଏଇ ବାଦଲମାନଙ୍କୁ ଚିହ୍ନଟ କରିବା କଷ୍ଟକର.. ସେମାନଙ୍କର ପ୍ରକୃତିକୁ ବୁଝିବା କଷ୍ଟ... ସେମାନେ କେବଳ ପାଣିପାଗ ବିଭାଗବାଲାଙ୍କୁ ନୁହେଁ ସମସ୍ତଙ୍କୁ ଭୁଆଁ ବୁଲେଇବାକୁ ସମର୍ଥ । ଏବେ ମୁଁ ଜଣେ ନୁହେଁ,ଦୁଇଜଣ ମାଆଙ୍କୁ ବୁଝିବାକୁ ଚେଷ୍ଟା କରିବାର ଅଟଳ ନିଷ୍ପତ୍ତି ନେଉଛି... ଜଣେ ମୋତେ ଜନ୍ମ ଦେଇଥିବା ମାଆ ଆଉ ଜଣେ ମୋର ପତ୍ନୀ ଭିତରେ ଲୁଚି ରହିଥିବା ମାଆ । କିଏ କହିପାରିବ ମୋତେ ଏଥିରେ ସଫଳତା ମିଳିବ କି ନାହିଁ । ହେଲେ ମୁଁ ଚେଷ୍ଟା ଜାରି ରଖିଛି... ।

(୪୦)

ସତ କହିବାକୁ ଗଲେ ଏବେ ଆମେ ସନ୍ତୁଷ୍ଟ ଥିଲୁ । ମାଆ ଏବେ ଖୁବ୍ ଭଲ ଭାବରେ ନିଜର ଚିକିତ୍ସା କରିବାରେ ସହଯୋଗ କରୁଥିଲା । ତା'ର ଓଜନ ବି ବଢୁଥିଲା । ଆଖିର ଦୃଷ୍ଟି ଶକ୍ତି ବଢ଼ିଥିଲା, ଏବେ ସିଏ ନିୟମିତ ଭାବରେ ଚଷମା ପିନ୍ଧୁଥିଲା । ମାଆ ଯେ ଅଲଗା କୋଠରୀରେ ରହୁଛି ଏକଥା ସିଏ ଓ ଆମେମାନେ ଉଭୟେ ଭୁଲି ସାରିଥିଲୁ । ଉପର ମହଲାରୁ ତାକୁ ଅନେକ ଥର ତଳକୁ ଆସିବାକୁ ହେଉଥିଲା । ସିଡ଼ିରେ ଆଲୁଅ ରହିବା ଉଚିତ୍ । ସେଠାକାର ବତିକୁ ରାତି ସାରା ଜଳେଇ ରଖିବାକୁ ମୁଁ ମୋର ପତ୍ନୀ ଓ ପିଲାମାନଙ୍କୁ କହିଥିଲି । ମାଆ ସେଇ ବତିକୁ ଦଶଥର ବନ୍ଦ କରି ଦଉଥିଲା । ବାର୍ ବାସର ଆମେ ସ୍ୱିଚ୍ ଅନ୍ କରୁଥିଲୁ । ଦିନେ ସିଏ ରାଗିଗଲା । ତୁମେମାନେ କଣ ଟାଟା-ବିରଲା ଘରେ ଜନ୍ମ ହୋଇଛ ? କେତେ ବିଲ୍ ଆସିବ ସେ କଥା କେବେ ଚିନ୍ତା କରିବ ? ଆଉ ମୁଁ ମୋର ଏଇ ବୁଢ଼ା ବୟସରେ ତୁମର ବିଜୁଳିବିଲ୍‌କୁ ଜବରଦସ୍ତି ବଢ଼େଇଚିକି ? ତୁମେମାନେ ଲାଇଟ୍ ବନ୍ଦ ରଖ । ମୁଁ ମୋର ନିଜେ ସାବଧାନ ହୋଇ ଯିବି ଆଉ ଆସିବି ।"

ମାଆ ରାତିରେ ଯେତେବେଳେ ବି ଉଠୁଥିଲା, ସେତେବେଳେ ଲାଇଟ୍ ଅଫ୍ କରି ଦେଉଥିଲା । ଯେମିତି ସିଏ ଶୋଇବାକୁ ଯାଉଥିଲା, ଆମେମାନେ ଲାଇଟ୍ ଜଳେଇ ଦେଉଥିଲା ।

ମାଆ ଅପରେସନ୍ କରାଇବା ପାଇଁ ପ୍ରସ୍ତୁତ ନ ଥିଲା । ସିଏ ଅପରେସନ୍ ପାଇଁ ମନା କରିବାରୁ ମୁଁ ଡାକ୍ତରଙ୍କ ସାଙ୍ଗରେ କଥାବାର୍ତ୍ତା କରୁଥିଲି । ଆୟୁର୍ବେଦ ଔଷଧ ଦ୍ୱାରା କୌଣସି ଲାଭ ହୋଇ ନଥିଲା । ହାଇଡ୍ରୋଥେରାପୀ ବି ବିଫଳ ହୋଇଥିଲା । ଏପରି ପରିସ୍ଥିତିରେ ପୁଣି ଥରେ ଅପରେସନ୍‌ର କଥା ଚିନ୍ତା କରାଯାଇଥିଲା ।

(କ୍ରମଶଃ)

♥ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ) ୮୨୪୯୪୩୭୨୭୬

# ବିଶିଷ୍ଟ କବି ଓ ଚିତ୍ରଶିଳ୍ପୀ ଅଶୋକ ମହାନ୍ତିଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉତ୍ସବ

ଭଦ୍ରକ, ୧୬/୦୯ (ନି.ପ୍ର): ଓଡ଼ିଶାର ବିଶିଷ୍ଟ ଶିଶୁ ସାହିତ୍ୟିକ, କବି ଓ ଚିତ୍ରଶିଳ୍ପୀ ଅଶୋକ କୁମାର ମହାନ୍ତିଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉତ୍ସବ ତିହିଡ଼ି ବ୍ଲକର ପାଳିଆ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ଡକ୍ଟର ଦୁର୍ଯ୍ୟୋଧନ ଦାସ ସଭାପତିତ୍ୱ କରିଥିଲେ । ଓଡ଼ିଶାର ପୂର୍ବତନ ମନ୍ତ୍ରୀ ଯୁଗଳ କିଶୋର ପଟ୍ଟନାୟକ, ପୂର୍ବତନ ସାଂସଦ ମହାମେଘବାହନ ଐର ଖାରବେଳ ସ୍ୱାଇଁ, ସାହିତ୍ୟିକ ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି, ଅକ୍ଷାଂଶର ସଂପାଦକ ଡକ୍ଟର ହରିଶ୍ଚନ୍ଦ୍ର ବେହେରା, ଶିଶୁ ସାହିତ୍ୟିକ ଡକ୍ଟର ରବୀନ୍ଦ୍ର ମହାନ୍ତି, ଚନ୍ଦ୍ରଭାଗାର ସଂପାଦକ କବି ଶ୍ରୀଦେବ, ସମାଜସେବୀ ବସନ୍ତ ନାୟକ, ସାହିତ୍ୟିକ ଡକ୍ଟର ଶଶଧର ଦାସ, ଗାଳ୍ପିକପବିତ୍ର ପାଣିଗ୍ରାହୀ ମୁଖ୍ୟ




ଅତିଥି ଓ ବକ୍ତା ଭାବେ ଯୋଗ ଦେଇ ଯଶସ୍ୱୀ ସାହିତ୍ୟିକ ଓ ଚିତ୍ରଶିଳ୍ପୀ ଅଶୋକ ମହାନ୍ତିଙ୍କ ସାହିତ୍ୟ ଜୀବନ ଓ ଚିତ୍ରକଳାର ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ । ଏହି ଅବସରରେ ସ୍ମରଣିକା 'ଅଶୋକାୟନ' ଲୋକାର୍ପିତ ହୋଇଥିଲା । ଏଥି ସହିତ ଚିତ୍ରଶିଳ୍ପୀ ଅଶୋକ ମହାନ୍ତିଙ୍କ ପୂର୍ଣ୍ଣୋନୟନ ପ୍ରତିମୂର୍ତ୍ତି ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ଉତ୍ସବରେ ସାହିତ୍ୟିକ ଡକ୍ଟର ଶିରୀଶ ଚନ୍ଦ୍ର ଜେନା, ନିବାରଣ ଜେନା, ସୁବର୍ଣ୍ଣଶ୍ରୀର ସଂପାଦକ କାଳୀପଦ ପଣ୍ଡା, କବି ବିପିନ ବିହାରୀ ବିଶ୍ୱାଳ, କବି ବସନ୍ତ ମୁଦୁଲି ସ୍ମୃତି ସଂସଦର ପ୍ରତିଷ୍ଠାତା ଅରୁଣ ଖିଲାର, କବି କିଶୋର ପାଣିଗ୍ରାହୀ, ଶ୍ରୀହର୍ଷ ସ୍ୱାଇଁ, କବି ସଂଜିତ ବଳ, କବି ବିଭୂତି ଭୂଷଣ ପ୍ରହାଚାର୍ଯ୍ୟ, ଡକ୍ଟର ରାଧାରାଣୀ ମହାପାତ୍ର, ନାଟ୍ୟଶ୍ରୀ ନିର୍ମଳ ରାଉତ, କବି ଅଭୟ ଦାସ, ବାଇଚଢ଼େଇର ସଂପାଦକ କବି ବିକାଶ ଶତପଥୀ, ରଙ୍ଗରାଗର ସଂପାଦକ କବି ପ୍ରଦୀପ୍ତ ମହାନ୍ତି, ଚିତ୍ରଶିଳ୍ପୀ କେଶୁ ଦାସ, ତାପସ ପଣ୍ଡା, ମରୁତ ରାଉତ, କବି ଆଶୁତୋଷ କରଣ, କବି ରବି କୁମାର ମହାନ୍ତି, କବି ଭରତ ଚନ୍ଦ୍ର ଦାସ, କବି ସଦାନନ୍ଦ ପାଣିଗ୍ରାହୀ, ପ୍ରଫେସର ଅଟଳ ବିହାରୀ ନାୟକ, ମଧୁସ୍ମିତା ନାୟକ, ଅରୂପାନନ୍ଦ ନାୟକ ପ୍ରମୁଖ ଯୋଗ ଦେଇ ସ୍ମୃତି ଚାରଣ କରିଥିଲେ । ଏହି ଉତ୍ସବରେ ଅତିଥି ପରିଚୟ ପ୍ରଦାନ କରିଥିଲେ ଅଧ୍ୟାପିକା ଅଂଜଳି ମହାନ୍ତି ଓ ଧନ୍ୟବାଦ ଅର୍ପଣ କରିଥିଲେ କିଶାରାମ ମହାପାତ୍ର । ଏହି ଉତ୍ସବକୁ ପରିଚାଳନା କରିବାରେର ସହଯୋଗ କରିଥିଲେ ସାହିତ୍ୟିକ ଅଶ୍ୱିନୀ ମହାନ୍ତି, ଅରୁଣ ମହାନ୍ତି, ଅଜୟ ମହାନ୍ତି, ଦୀପକ ମହାନ୍ତି, ଲକ୍ଷ୍ମୀନାରାୟଣ ମହାନ୍ତି, ଆର୍ଯ୍ୟ ଆଲୋକ, ଅଭିଷେକ ମହାପାତ୍ର । ବହୁ ସଂଖ୍ୟାରେ କବି, ସାହିତ୍ୟିକ, ଚିତ୍ରଶିଳ୍ପୀ, କଳାକାର, ଶିକ୍ଷାବିତ ଏହି ସଭାରେ ଯୋଗ ଦେଇଥିଲେ ।

# ବାଲେଶ୍ୱର ଇଞ୍ଜିନିୟର ଫୋରମ୍‌ର ୨୧ତମ ବାର୍ଷିକ ଉତ୍ସବ ଓ ୫୬ ତମ ଇଞ୍ଜିନିୟରସ୍ ଦିବସ ପାଳିତ




ବାଲେଶ୍ୱର, ୧୬/୦୯ (ନି.ପ୍ର): ବାଲେଶ୍ୱର ଇଞ୍ଜିନିୟର ଫୋରମ୍ ର ୨୧ତମ ବାର୍ଷିକ ଉତ୍ସବ ଓ ୫୬ ତମ ଇଞ୍ଜିନିୟରସ୍ ଦିବସ ପାଳନ ହୋଇଯାଇଛି । ଏଥିରେ ଆଧୁନିକ ଭାରତ ରତ୍ନ ଡ.ଏମ ବିଶ୍ୱସ୍ୱର୍ରାୟଙ୍କ ପବିତ୍ର ଜନ୍ମ ଜୟନ୍ତୀ ୧୫।୯। ୨୦୨୩ ରିଖ କୁ ଇଞ୍ଜିନିୟର ସ ଦିବସ ରୂପେ ପାଳନ କରାଯାଇଛି । ବାଲେଶ୍ୱର ଇଞ୍ଜିନିୟର ସ ଫୋରମ୍ ଆନୁକୂଲ୍ୟରେ ମହା ସମାରହ ରେ ବାଲେଶ୍ୱର ସ୍ଥିତ ଭେନ୍ୟ ପରା ଡ଼ାଏ ସି କଲ୍ୟାଣ ମଣ୍ଡପ ରେ ପାଳିତ ହୋଇ ଯାଇଛି ।ଏଥିରେ ଦିବସ ବ୍ୟାପି କାର୍ଯ କ୍ରମ ଜାରୀ ରହି ଥିଲା। ପ୍ରଥମେ ସକାଳ ୮ ଘଟିକରେ ପର୍ତ୍ତୁ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ରଥରଙ୍ଗଧର ରାଉତ ବୃକ୍ଷ ରୋପଣ କାର୍ଯକ୍ରମ କୁ ଉଦ୍ଘାଟନ କରିଥିଲେ। ପରେ ସକାଳ ୯ଘଟିକା ରେ ରକ୍ତ ଦାନ ଶିବର ଅନୁଷ୍ଠିତ ହେଇଥିଲା ।ଏଥିରେ ଅବସର ପ୍ରାପ୍ତ ଯନ୍ତ୍ରୀ ଇଂ ଭଗବାନ ବିଶ୍ୱାଳ ଫିତା କାଟି ରକ୍ତ ଦାନ ଶିବିର କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏଥିରେ ୧୫୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ।। ପରେ ୧୨,୩୦ ମିନିଟ୍ ସମୟରେ ସହର ମଧ୍ୟରେ ଥିବା ଦୃଷ୍ଟିହୀନ ବିଦ୍ୟାଳୟ ରେ ଛାତ୍ର ଛାତ୍ରୀ ମାନଙ୍କୁ ମଧ୍ୟାହ୍ନ ଭୋଜନ ଓ ବୃଦ୍ଧା ଶ୍ରମ ରେ ଦିଆଯାଇଥିଲା ।ଅପରାହ୍ନ୩ ଘଟିକା ସମୟରେ ବିଭିନ୍ନ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବୈଶୟକ ଆଲୋଚନା ଅନୁଷ୍ଠିତ ହୋଇ ଥିଲା। ସନ୍ଧ୍ୟା ୫ ଘଟିକା ସମୟରେ ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନକ ଦ୍ୱାରା ଦ୍ୱାରା ସଙ୍ଗୀତ ପରି ବେସନ ହେଇଥିଲା ।ସନ୍ଧ୍ୟା ୭ ଘଟିକା ସମୟରେ ଏକ ସାଧାରଣ ସଭା ଅନୁଷ୍ଠିତ ହେଇଥିଲା ।ଏଥିରେ ନିମନ୍ତ୍ରଣ ଅତିଥି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ ଙ୍କ ଦ୍ୱାରା ପ୍ରକାଶିତ ୧୭ତମ ସ୍ମରଣିକା ଉନ୍ମଚନ ହୋଇଥିଲା । ଏଥିରେ ସଭାପତି ଇଞ୍ଜିନିୟର ସୁରେନ୍ଦ୍ର ନାଥ ଦାସ,ଉପସଭାପତି ଗୌରାଙ୍ଗ ଚନ୍ଦ୍ର ସାହୁ ସମ୍ପାଦକ ସୁଗତା ବୋଷେ ଯୁଗ୍ମ ସମ୍ପାଦକ ଇଞ୍ଜିନିୟର ହୃଷୀକେଶ ସାହୁ ଓ ସମସ୍ତ ଇଞ୍ଜିନିୟର ବନ୍ଧୁ ମାନେ ଉପସ୍ଥିତ ଥିଲେ ଓ ଅତିଥି ମାନେ ତାଙ୍କ ବକ୍ତବ୍ୟ ରେ କହିଥିଲେ ଉନ୍ନତ ମାନ ର ବିଶ୍ୱ ନିର୍ମାଣ ପାଇଁ ଇଞ୍ଜିନିୟର ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ।

# 'ପ୍ରଜ୍ଞାପୀଠ'ରେ ଅମାବାସ୍ୟା ଆସର

ଭଦ୍ରକ , ୧୬/୦୯ (ନି.ପ୍ର): ସାହିତ୍ୟ ସଂସ୍କୃତି ସଂଗଠନ 'ଆମେ'ର 'ସପ୍ତପୁରୀ' ଅମାବାସ୍ୟା ଆସର ପ୍ରଜ୍ଞାପୀଠ ଠାରେ ପାଳିତ ହୋଇଯାଇଛି। ପ୍ର. ଅଟଳ ବିହାରୀ ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଆସରରେ ଶ୍ରୀଯୁକ୍ତ ଲଲାଟେନ୍ଦୁ ମହାନ୍ତି ପୌରହିତ୍ୟ କରିଥିଲେ। ପ୍ର. ଡ. ରାମଚନ୍ଦ୍ର ପଣ୍ଡା ନାଟ୍ୟ ସୂର୍ଯ୍ୟ ବିଜୟ ଦାସ ଓ ଲାୟନ୍ସ କ୍ଲବ ସଭାପତି ଅଶୋକ କୁମାର ମହାନ୍ତି ବରେଣ୍ୟ ଅତିଥିଭାବେ ମଞ୍ଚାସିନ ଥିଲେ। ଆଲୋଚ୍ୟ ବିଷୟ ବସ୍ତୁ ଥିଲା ଆଧାତ୍ମିକତା ଓ ବିଜ୍ଞାନ। ପ୍ର. ଡ. ସୁଦର୍ଶନ ବାରିକ, କୃପାସିନ୍ଧୁ ନାୟକ, ରୋ: ଗୟାଧର ପଣ୍ଡା, ଅଧିବକ୍ତା ଗିରିଧାରୀ ନାଥ, ଅଗଣି ଚରଣ ଜେନା, ପ୍ର. ଭାନୁମତୀ ମାଟିଆ, ଡ. ଅନିଲ ଦାଶ, ଡ. ଅବନି ପ୍ରଧାନ, ଶିକ୍ଷାବିତ୍ ସନାତନ ବେହେରା, ଅଧ୍ୟାପକ ଅମିତ୍ ନାୟକ, ମମତାରାଣି ଦାସ, ଯୁବ କବି ଆଦିତି ପ୍ରଭା ଦାଶ, ଅଂଶୁମାନ, ଅରୁପାନନ୍ଦ, ରଜତ ସାହୁ, କବି ବିପ୍ଳବ ହୋତା, କୈଳାଶ ଜେନା, ନିର୍ମଳ ରାଉତ, ରମେଶ ଦାସ ଏବଂ ଦିଗମ୍ବର ଗୋସ୍ୱାମୀ ପ୍ରମୁଖ ଆଧାତ୍ମିକତା ବିଜ୍ଞାନର ମୂଳ ଉତ୍ସ ବୋଲି ଆଲୋଚନାରେ ମତ ପ୍ରକାଶ କରିଥିଲେ। କିନ୍ତୁ ଆଜିର ଜନମାନସରୁ ଆଧାତ୍ମିକତା ଧିରେ ଧିରେ ଲୋପ ପାଇଯାଉଥିବାରୁ ସାଧାରଣତ ବିଜ୍ଞାନ ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଉଛି। ଜଗନ୍ନାଥ ମହାପ୍ରଭୁଙ୍କ ପାଖରେ ଲାଗିହୋଇଥିବା ସପ୍ତପୂରୀ ପିଠା ଏବଂ ପ୍ରସାଦ ସେବନରେ ଅତିଥି ମାନଙ୍କୁ ଆପ୍ୟାୟିତ କରିଥିଲେ ପ୍ରଜ୍ଞାପୀଠ ପରିବାରର ସଦସ୍ୟ ବୃନ୍ଦ। ସର୍ବଶେଷରେ ଶିକ୍ଷାବିତ୍ ଲକ୍ଷ୍ମୀକାନ୍ତ ବାରିକ୍ ଧନ୍ୟବାଦ ଅର୍ପଣ କରିଥିଲେ।




## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

### ୪ ଓଏଏସଙ୍କ...

ଶ୍ରୀମତୀ ଧନଓ୍ୱର ଏବେ ଓଡ଼ିଶା କୃଷି ଶିଳ୍ପ ନିଗମର ଜେନେରାଲ ମ୍ୟାନେଜର ଅଛନ୍ତି ଓ ତାଙ୍କର ବଦଳି ରାଜ୍ୟ ଯୋଗାଣ ନିଗମ ଜେନେରାଲ ମ୍ୟାନେଜର ଭାବେ ହୋଇଥିଲା । ତାଙ୍କର ପୂର୍ବ ବଦଳି ନିର୍ଦ୍ଦେଶକୁ ବାତିଲ କରାଯାଇଛି । ଦେବଗଡ଼ ଜିଲ୍ଲା ରିଆମାଳ ତହସିଲଦାର ବିମଳା ବିରୁଳିଙ୍କୁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲର ରେଜିଷ୍ଟ୍ରାର (ପ୍ରଶାସନ) ଭାବେ ବଦଳି କରାଯାଇଛି । ପୂର୍ବରୁ ଏହି ପଦବୀକୁ ବଦଳି ହୋଇଥିବା ଭଦ୍ରକ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁଙ୍କ ବଦଳି ବାତିଲ ହୋଇଛି । ସେହିପରି ଖୋର୍ଦ୍ଧା ଉପଜିଲ୍ଲାପାଳ ସୁଚେତା ମହାପାତ୍ରଙ୍କୁ ଓଡ଼ିଶା କୃଷି ଶିଳ୍ପ ନିଗମର ଜେନେରାଲ ମ୍ୟାନେଜର ଭାବେ ବଦଳି ହୋଇଛି । ପୂର୍ବରୁ ଏହି ପଦବୀକୁ ବଦଳି ହୋଇଥିବା ସୁଧାକର ଶବରଙ୍କ ବଦଳିକୁ ବାତିଲ କରାଯାଇଛି । ବରିଷ୍ଠ ଓଏଏସ୍ ସୁଧାକର ଶବର ଏବେ ରାଜ୍ୟ ଯୋଗାଣ ନିଗମର ଜେନେରାଲ ମ୍ୟାନେଜର ଅଛନ୍ତି । ସେହିପରି ଓଏଏସ୍ କସ୍ତୁରୀବାଳା ଜେନାଙ୍କୁ ଖୋର୍ଦ୍ଧା ଜିଲ୍ଲା ପରିଷଦରେ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି ହୋଇଛି ।

### ୨୩ରେ ବସିବ 'ଓ୍ୱାନ୍ ...

୧୯୬୮-୬୯ରୁ ଏହି ଧାରାରେ ପରିବର୍ତ୍ତନ ହେଲା। କାରଣ ସେହି ବର୍ଷ କିଛି ବିଧାନସଭାକୁ ଅବଧି ଶେଷ ହେବା ପୂର୍ବରୁ ଭାଙ୍ଗି ଦିଆଯାଇଥିଲା। ସେହିପରି ୧୯୭୧ରେ ପ୍ରଥମ ଥର ପାଇଁ ୫ ବର୍ଷ ଅବଧି ଶେଷ ହେବା ପୂର୍ବରୁ ଲୋକସଭାକୁ ଭାଙ୍ଗି ଦିଆଯାଇଥିଲା। ଆହୁରି ଏକ ବର୍ଷ କାର୍ଯ୍ୟକାଳ ଥିବା ବେଳେ ଲୋକସଭାକୁ ଭାଙ୍ଗି ନିର୍ବାଚନ କରାଯାଇଥିଲା।

### ଆନ୍ଦୋଳନ କରୁଛନ୍ତି ....

ପାଠ ପଢ଼ା ଏକ ପ୍ରକାର ଠପ୍ ହୋଇଛି। ପିଲାମାନେ କେବଳ ମଧ୍ୟାହ୍ନ ଭୋଜନ ଖାଇ କ୍ଲାସ୍‌ରେ ବସୁଛନ୍ତି। ପାଠ ପଢ଼ି ପାରୁନାହାନ୍ତି। ଜଣେ ଶିକ୍ଷକ ଏତେ ପିଲାଙ୍କୁ ପଢ଼ାଇବା ସମ୍ଭବପର ହେଉନାହିଁ। ଶିକ୍ଷକ ନଥିବାରୁ ପାଠ ପଢ଼ାରେ ବ୍ୟାଘାତ ହେଉଥିବା ନେଇ ପ୍ରଧାନଶିକ୍ଷକ ସ୍କୁଲ ପରିଚାଳନା କମିଟି ସଦସ୍ୟଙ୍କୁ ଅବଗତ କରିଥିଲେ। ଏହା ପରେ ସ୍କୁଲରେ ଏକ ବୈଠକ ବସିଥିଲା। ନିଷ୍ପତ୍ତି ଅନୁସାରେ ଗାଁର ଶିକ୍ଷିତ ଯୁବକ, ଯୁବତୀ ବା ବୋହୂମାନେ ପାଳିକରି ସ୍କୁଲରେ ପିଲାମାନଙ୍କୁ ପାଠ ପଢ଼ାଇବେ। ଏହା ପରେ ଅଭିଭାବକମାନେ ପାଳି କରି ପିଲାମାନଙ୍କୁ ପାଠ ପଢ଼ାଉଛନ୍ତି। ଶିକ୍ଷକଙ୍କ ଆନ୍ଦୋଳନ ଯେତେଦିନ ପର୍ଯ୍ୟନ୍ତ ଚାଲିଥିବ, ସେତେଦିନ ଯାଏଁ ଅଭିଭାବକମାନେ ପଢ଼ାଇବେ ବୋଲି ଜଣାପଡ଼ିଛି। ଅଭିଭାବକ ସୋମବାରୀ ବେହେରା କହିଛନ୍ତି, ଦାବି ପୂରଣ ପାଇଁ ଶିକ୍ଷକମାନେ ଆନ୍ଦୋଳନ କରୁଛନ୍ତି। ଯେଉଁଥିପାଇଁ ସ୍କୁଲରେ ପାଠ ପଢ଼ାରେ ବ୍ୟାଘାତ ହେଉଛି। ଜଣେ ସର୍ ସବୁ ପିଲାଙ୍କୁ ପଢ଼ାଇ ପାରୁନାହାନ୍ତି। ସେଥିପାଇଁ ଆମେ ପାଳି କରି ପିଲାମାନଙ୍କୁ ପାଠ ପଢ଼ାଇବାକୁ ଆସୁଛି। ଯଥାଶୀଘ୍ର ସାରଙ୍କ ଦାବି ସରକାର ପୂରଣ କରନ୍ତୁ ବୋଲି ସୋମବାରୀ ବେହେରା କହିଛନ୍ତି। ସୂଚନାରୁ ପ୍ରକାଶ, ବିଭିନ୍ନ ଦାବି ପୂରଣ ନେଇ ଶିକ୍ଷକମାନେ ଦୀର୍ଘ ୭ ଦିନ ହେଲା ଆନ୍ଦୋଳନ କରୁଛନ୍ତି। ହେଲେ ସେମାନଙ୍କ ଦାବି ପ୍ରତି ସରକାର କର୍ଣ୍ଣପାତ କରୁନାହାନ୍ତି। ଯାହାକୁ ନେଇ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦାବି ପୂରଣ ନହେଲା ଯାଏଁ ଶିକ୍ଷକମାନେ ସ୍କୁଲ ଫେରିବେ ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇ ଦେଇଛନ୍ତି।

### 'ସନାତନ ଧର୍ମ ରାଷ୍ଟ୍ର ଓ ପରିବାର....

ଏହି ପ୍ରସଙ୍ଗ ନେଇ ତାମିଲନାଡୁ ତୁରୁବରୁର ଜିଲ୍ଲାର ଏକ ସରକାରୀ କଲେଜରେ 'ସନାତନର ବିରୋଧ' ନାଁରେ ସର୍କୁଲାର ଜାରି କରାଯାଇଥିଲା । ଏହା ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା ଯାହା ଉପରେ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି ମାଡ୍ରାସ୍ ହାଇକୋର୍ଟ । ସମାଜ ଯେତେ ଆଧୁନିକ ମୁଖର ହେଲେ ବି ସାନତନ ଧର୍ମ ହେଉଛି ଆମ ପରିବାରଠାରୁ ଆରମ୍ଭ କରି ଆମ ସାମାଜର ଶୃଙ୍ଖଳା ପାଇଁ ଏକ ଅନୁଶାସନ । ସନାତନ ଧର୍ମ ସାମୁହିକ କର୍ତ୍ତବ୍ୟର ଏକ ଗୁଚ୍ଛ । ଏହା ରାଷ୍ଟ୍ର, ରାଜାଙ୍କର ପ୍ରଜା ପ୍ରତି କର୍ତ୍ତବ୍ୟ, ଗରୀବଙ୍କ ପ୍ରତି ଦୟା ଓ ନିଜ ମା', ବାପା ଓ ଗୁରୁଜନଙ୍କ ପ୍ରତି ଏକ କର୍ତ୍ତବ୍ୟବୋଧର ମାର୍ଗଦର୍ଶୀକା । ତେଣୁ ଏହାକୁ ନଷ୍ଟ କରନାହିଁ । ଏହାକୁ ନଷ୍ଟ କରିବାକୁ ଚେଷ୍ଟା କଲେ ସମାଜରେ ବିଶୃଙ୍ଖଳାକୁ ନିମନ୍ତ୍ରଣ କରିବ' ବୋଲି କହିଛନ୍ତି ମାଡ୍ରାସ ହାଇକୋର୍ଟ

### ୧୮ରୁ ପୁଣି ....

ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଏଥିସହ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଯାଜପୁର, ଅନୁଗୋଳ, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ବୌଦ୍ଧ, କନ୍ଧମାଳ, ରାୟଗଡ଼ା, ଗଜପତି, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ବର୍ଷା ଘଡ଼ଘଡ଼ି ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ସେଥିପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ୧୯ ତାରିଖରେ ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ନୟାଗଡ଼, କନ୍ଧମାଳ, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାରେ ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଏହାଛଡ଼ା ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, ଯାଜପୁର,ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ନୟାଗଡ଼, କନ୍ଧମାଳ, କୋରାପୁଟ, ମାଲକାନଗିରି, ରାୟଗଡ଼ା ଓ ନବରଙ୍ଗପୁର ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ବର୍ଷା ଘଡ଼ଘଡ଼ି ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ସେଥିପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ୨୦ ତାରିଖରେ ମୟୂରଭଞ୍ଜ,କେନ୍ଦୁଝର, ଢେଙ୍କାନା, ଯାଜପୁର, କଟକ, ଖୋର୍ଦ୍ଧା, ନୟାଗଡ଼, ଅନୁଗୋଳ, ବୌଦ୍ଧ, କନ୍ଧମାଳ, ଗଞ୍ଜାମ, ଗଜପତି, ରାୟଗଡ଼ା, କଳାହାଣ୍ଡି, ବଲାଙ୍ଗିର, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ସେପଟ୍ଟେମ୍ବର ୧ ତାରିଖରୁ ଆଜିସୁଦ୍ଧା ୨୨୨.୬ ମିମି ବର୍ଷା ରେକର୍ଡ କରାଯାଇଛି। ଯାହା ସ୍ୱାଭାବିକ ବର୍ଷା ତୁଳନାରେ ୫୪% ଅଧିକ ରହିଛି। ଏପର୍ଯ୍ୟନ୍ତ ସେପଟ୍ଟେମ୍ବର ମାସର ସ୍ୱାଭାବିକ ବର୍ଷା ୨୩୫.୭ ମିମିର ୯୪% ଅନୁଭୂତ ହୋଇସାରିଛି। ସେପଟେ ଆଜି ସନ୍ଧ୍ୟା ବେଳେ କଟକ ଓ ଭୁବନେଶ୍ୱରରେ ପ୍ରବଳ ବର୍ଷା ହୋଇଛି। ରାଜଧାନୀ ଭୁବନେଶ୍ୱରରେ ଅନେକ ସ୍ଥାନ ଜଳମଗ୍ନ ହୋଇଛି। ଯାହାଫଳରେ ଜୀବନ ଯାତ୍ରା ପ୍ରଭାବିତ ହୋଇଛି। ଲୋକେ ଯିବାଆସିବାରେ ନାକେଦମ୍? ହୋଇଛନ୍ତି।

# ରୋଗାକ୍ରାନ୍ତ ସ୍ତ୍ରୀଙ୍କୁ ଛାଡି ପଳାଇଲେ ସ୍ୱାମୀ: କିଡନୀ ଜନିତ ରୋଗରେ ଛଟପଟ ହେଉଛନ୍ତି ଅସହାୟ ମହିଳା

ନୀଳଗିରି , ୧୬/୦୯ (ନି.ପ୍ର): ନୀଳଗିରି ଏନଏସି ଅଧିନ ୮ ନମ୍ବର ଓ୍ୱାର୍ଡ଼ ଆରଆଇ ଅଫିସ୍ ନିକଟରେ ଜ୍ୟୋତି ଧାମୁଡିଆ ନାମ୍ନୀ ଅସହାୟ ଏବଂ ଗରିବ ନିରାଶ୍ରୟୀ ମହିଳା ଅତି ଦୟନୀୟ ଅବସ୍ଥାରେ ଜରି ପାଲ ଟାଙ୍ଗି ରହୁଥିବା ସହ କିଡନୀ ଜନୀତ ରୋଗୀର ଛଟ ପଟ ହେଉଥିବା ଦେଖିବାକୁ ମିଳିଛି। ସ୍ୱାମୀ ଶଙ୍କର ଧାମୁଡିଆ ନିଜ ସ୍ତ୍ରୀ ର ଏପରି ଦୁରାବସ୍ଥା ଦେଖି ତିନି ପିଲାଙ୍କୁ ନେଇ ଅନ୍ୟତ୍ର ରହିଅଛି। ସ୍ତ୍ରୀ ଜ୍ୟୋତି ଧାମୁଡିଆ ରୋଗଗ୍ରସ୍ତ ଶରୀରକୁ ନେଇ ଉକ୍ତ ଓ୍ୱାର୍ଡର ନାଳ ନର୍ଦ୍ଦମା କଡରେ ରହିଆସୁଛି। କାଦ ଚପ ଚପ ଝାଟି ମାଟି ଘରେ ଜୀବନ କାଟୁଥିବା ବେଳେ ରୋଗର ଚିକିତ୍ସା ପାଇଁ ନାଁ ପାଖରେ ଅଛି ଔଷଧ, ନାଁ ପେଟକୁ ମୁଠାଏ ଅଛି ଦାନା। ବଜାରରେ ବିରାଟ କାୟ ପେଟକୁ ନେଇ ଦୋକାନ ଦୋକାନ ବୁଲି ଖାଉଥିବାର ଦେଖିବାକୁ ମିଳିଛି। ଆଜିକୁ ସାତଦିନ ହେବ ରୋଗର ଯନ୍ତ୍ରଣା ବଢିବାରୁ ନୀଳଗିରି ଆରଆଇ ଅଫିସ୍ ପାଖରେ ଭୋକ ଉପାସରେ ପଡିରହିଥିବାର ସୋସିଆଲ୍ ମିଡିଆରେ ଦେଖିବାକୁ ମିଳିଛି। ପରେ ସତ୍ୟସାଇ ସେବା ସମିତିର ସଦସ୍ୟ ସୁଶାନ୍ତ ମହାପାତ୍ର ନିରାଶ୍ରୟ ମହିଳା ନିକଟରେ ପହଞ୍ଚି ସହଯୋର ହାତ ବଢାଇଥିଲେ। ସୋସିଆଲ୍ ମିଡିଆରେ ଏହି ଖବର ପ୍ରଚାରିତ ହେବାପରେ ଶନିବାର ରାତି ୮ଘଟିକା ସମୟରେ ସହଯୋଗର ହାତ ବଢାଇଛନ୍ତି ନୀଳଗିରି ଗୋପୀନାଥପୁର ଅଞ୍ଚଳର ମହାବୀର ଫାଉଣ୍ଡେସନ । ଫାଉଣ୍ଡେସନର ମୁଖ୍ୟ ବିଦ୍ୟାଧର ବାରିକ ତାଙ୍କ ସହଯୋଗୀଙ୍କୁ ନେଇ ଶାଢି, ମଶାରୀ, ବେଡଶିଟ, ବିସ୍କୁଟ, ମୁଢ଼ି ଓ ଅନ୍ୟାନ୍ୟ ଖାଦ୍ୟ ପାନୀୟ ସାମଗ୍ରୀ ପ୍ରଦାନ କରିଥିଲେ।



ତେବେ ନୀଳଗିରି ସହରର ଉପଜିଲ୍ଲାପାଳ, ନୀଳଗିରି ବିଡିଓ, ନୀଳଗିରି ତହସିଲଦାର, ନୀଳଗିରି ଏନ୍ଏସି ଅଫିସ ଠାରୁ ମାତ୍ର ୧୦୦ ମିଟର ଦୂରରେ ଏହି ମହିଳାଙ୍କ ଦୃଶ୍ୟ ଦେଖିବାକୁ ମିଳିଥିଲା ବେଳେ ପ୍ରଶାସନିକ ଅଧିକାରୀ ମାନେ ନିରାଶ୍ରୟ ରୋଗଗ୍ରସ୍ତ ମହିଳାଙ୍କ ପ୍ରତି ଆଗାମୀ ଦିନରେ କି ପଦକ୍ଷେପ ନେବେ ଦେଖିବାକୁ ବାକିରହିଲା।

# ଦୁଗ୍ଧ ଚାଷୀଙ୍କୁ ଗୁହାଳ ନିର୍ମାଣ କାର୍ଯ୍ୟାଦେଶ ବଂଟନ କଲେ ନରସିଂହ

ବଲାଙ୍ଗୀର, ୧୬/୦୯ (ନି.ପ୍ର): ଦେଶର ଆର୍ଥିକ ଅନଗ୍ରସର ଲୋକଙ୍କୁ ରୋଜଗାର ପ୍ରଦାନ ପାଇଁ କଂଗ୍ରେସ ସରକାର ଅମଳରେ ମହାତ୍ମାଗାନ୍ଧୀ କର୍ମ ନିଯୁକ୍ତି ଯୋଜନା ଆରମ୍ଭ ହୋଇଥିଲା । ଲକ୍ଷ୍ୟ ଥିଲା ଗରିବ ଲୋକଙ୍କ ରୋଜଗାର ନିଶ୍ଚିତ କରିବା । ପରବର୍ତି ସମୟରେ ଅନ୍ୟ ସରକାରମାନେ ମଧ ଏହି ଯୋଜନା କୁ ଜାରି ରଖିଲେ ଏହି ଲୋକାଭିମୁଖୀ କୃଷକ ଶ୍ରମିକ ଙ୍କ ଉଦ୍ଦେଶ୍ୟ ରେ ହୋଇଥିବା ଯୋଜନା ଯେପରି କେବଳ କାଗଜ କଲମରେ ସୀମିତ ନ ରହି ହିତାଧିକାରୀ ଠିକ୍ ଏହାର ଲାଭ ପାଇ ପାରିବେ ସେ ଦିଗରେ ଅଧିକାରୀ ଓ ପଂଚାୟତ ସ୍ତରୀୟ ଲୋକ ପ୍ରତିନିଧିମାନେ ସମ୍ବେଦନଶୀଳ ହୋଇ କାମ କରନ୍ତୁ ବୋଲି ଆଜି ଏହି ଯୋଜନା ମାଧମରେ ଓମ୍ଫେଡ୍ ସହି ମିଶି ଆମ ଅଂଚଳର ଦୁଗ୍ଧଚାଷିମାନଙ୍କୁ ତାଙ୍କ ଗାଈମାନଙ୍କ ପାଇଁ ଗୁହାଳ ନିର୍ମାଣ ନିମିତ କାର୍ଯ୍ୟାଦେଶ ବଂଟନ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମାନ୍ୟବର ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ନିଜ ବକ୍ତବ୍ୟରେ କହିଛନ୍ତି । ସ୍ଥାନୀୟ ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଶିବିରରେ ବିଧାୟକ ଶ୍ରୀ ମିଶ୍ର ଆହୁରି ମଧ କହିଛନ୍ତି ଯେ ଅନେକ ସମୟରେ ହିତାଧିକାରୀମାନେ ନିର୍ମାଣ କାମ ସାରିବା ପରେ ମଧ ଟଙ୍କା ପାଉ ନ ଥିବାର ଅଭିଯୋଗ କରୁଛନ୍ତି, ଯେତେବେଳେ କି ନିୟମ କହୁଛି ଶ୍ରମିକ କାମ କରିସାରିବା ପରେ ତୁରନ୍ତ ତାଙ୍କ ଟଙ୍କା ପାଇବା କଥା, ଏହାକୁ ସୁନିଶ୍ଚିତ କରିବା ବିଭାଗୀୟ ଅଧିକାରୀମାନଙ୍କର ଦାୟିତ୍ୱ ଅଟେ । ଆମ ଅଂଚଳରେ ଓମ୍ଫେଡ୍ ଦୁଗ୍ଧ ଚାଷୀଙ୍କ ପାଇଁ କରୁଥିବା କାମ ପ୍ରଶଂସନୀୟ ଅଟେ, ସେମାନେ ଚାଷୀଙ୍କ ହିତ ପାଇଁ କରୁଥିବା ଯୋଜନା ଜାରି ରଖିବା ଦରକାର । କିନ୍ତୁ ଦଃଖର ବିଷୟ ଏଠାରେ କିଛି ଲୋକ ଏପରି ଶ୍ରମିକ ହିତାଧିକାରୀ କାର୍ଯ୍ୟକ୍ରମ ଯେପରି ସଫଳ ନ ହେବ ସେଥି ପାଇଁ ଅଯଥା ରାଜନୀତି ପୁରାଉଛନ୍ତି, ଗାଁ ଗାଁ ଯାଇ ସେମାନେ ଏହି ଯୋଜନା ଓ କାର୍ଯ୍ୟକ୍ରମ ବିରୁଦ୍ଧରେ ଅପପ୍ରଚାର କରୁଛନ୍ତି, ମୋର ଅନୁରୋଧ ସେମାନେ ଏଥିରୁ କ୍ଷାନ୍ତ ରହି ଲୋକେ ଯେପରି ଏହି ଯୋଜନା ରୁ ଲାଭ ପାଇ ପାରିବେ ସେ ଦିଗରେ ଅଧିକାରୀ ଓ ହିତାଧିକାରୀମାନଙ୍କୁ ସହଯୋଗ କରିବା ଦରକାର । ଏଠାରେ ସୂଚନାଯୋଗ୍ୟ ଯେ ବ୍ଲକ ସ୍ତରୀୟ ଏହି କାର୍ଯ୍ୟକ୍ରମ ରେ ବିଧାୟକ ଶ୍ରୀ ମିଶ୍ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡାକ୍ତର ଇପ୍ସିତା ପାତ୍ର ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମଦତ ଭୋଇ, ସହକାରୀ ଯନ୍ତ୍ରୀ ନେନସି ରାଣୀ ପୁର୍ତି, ଓମ୍ଫେଡ୍ ଅଧିକାରୀ ଶ୍ରୀ ପଣ୍ଡା, ଏ.ପି.ଓ. ରେଶମା ବାନୋ ପ୍ରମୁଖ ଉପସ୍ଥିତ ଥିଲେ ହେଁ ବ୍ଲକ ଅଧକ୍ଷାଙ୍କ ଅନୁପସ୍ଥିତି ଦୁଗ୍ଧ ଚାଷୀମାନଙ୍କ ମଧ୍ୟରେ ଆଲୋଚନା ର ବିଷୟ ଥିଲା । ଆଜି ଶିବିରରେ ଶିକାଛିଡା, ଭୁଡିଆର ବାହାଲ, ବାରପୁଡୁଗିଆ ଓ ଶିବତଲା ପଂଚାୟତ ର ଷାଠିଏ ଜଣ ହିତାଧିକାରୀଙ୍କ ଗୁହାଳ ମଞ୍ଜୁରୀ ହୋଇଥିବା ସ୍ଥଳେ ଶିବତଲା ଓ ଭୁଡିଆରବାହାଲ ର ଦୁଗ୍ଧ ଉତ୍ପାଦନକାରି ସମବାୟ ସଂସ୍ଥା ର ସମସ୍ତ ହିତାଧିକାରୀ ଙ୍କୁ କାର୍ଯ୍ୟାଦେଶ ମାନ୍ୟବର ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଙ୍କ ଦ୍ୱାରା ବଂଟନ କରାଯାଇଥିଲା ।

# ମମତା ମହାପାତ୍ରଙ୍କ ସଂପାଦକୀୟର ସଂକଳନ 'ସମୟର ସତ୍ୟପାଠ' ଲୋକାର୍ପିତ

ବାଲେଶ୍ୱର, ୧୬/୦୯ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଓ ଯୁଗଶ୍ରୀ ଯୁଗନାରୀ ମିଳିତ ଆନୁକୂଲ୍ୟରେ ମମତା ମହାପାତ୍ରଙ୍କ ସଂପାଦନାରେ ପ୍ରକାଶ ପାଉଥିବା ସାହିତ୍ୟ ପତ୍ରିକା 'ଯୁଗଶ୍ରୀ ଯୁଗନାରୀ'ରେ ବିଭିନ୍ନ ସମୟରେ ରଚନା କରିଥିବା ସଂପାଦକୀୟଗୁଡ଼ିକର ଏକ ମନୋଜ୍ଞ ସଂକଳନ 'ସମୟର ସତ୍ୟପାଠ' କବିତୀର୍ଥ ଶାନ୍ତିକାନନରେ ଲୋକାର୍ପିତ ହୋଇଯାଇଛି। ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ




ଅନୁଷ୍ଠିତ ଏହି ଉତ୍ସବରେ ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ପୁସ୍ତକଟିକୁ ଉନ୍ମୋଚନ କରି କହିଲେ ଯେ ସାହିତ୍ୟ କ୍ଷେତ୍ରରେ ବାଲେଶ୍ୱର ମାଟି ସମଗ୍ର ଓଡ଼ିଶାରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛି। ସାହିତ୍ୟ ହିଁ ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ। ଶ୍ରୀମତୀ ମହାପାତ୍ରଙ୍କର ଏହି ସଂକଳନଟିରେ ସ୍ଥାନିତ ସଂପାଦକୀୟଗୁଡ଼ିକ ସଂପ୍ରତି ସମାଜର ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ଦିଗରେ ସମାଜକୁ ସଚେତନ କରିବାରେ ସକ୍ଷମ ହୋଇଛି। ଆଲୋଚକ ଭାବେ ବିଶିଷ୍ଟ ଗବେଷକ ଡ. ଶିରୀଶ ଚନ୍ଦ୍ର ଜେନା ଓ ଡ. ମନ୍ମଥ କୁମାର ପ୍ରଧାନ ପୁସ୍ତକଟିର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ସମାଜସେବୀ ଶୁଭଙ୍କର ମହାପାତ୍ର ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଲେଖିକା ମମତା ମହାପାତ୍ର ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିବାବେଳେ ସଂପାଦକ ଦୀପକ ବୋଷ ପ୍ରାକ୍‌ବକ୍ତବ୍ୟ ରଖିଥିଲେ। ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚଆହ୍ୱାନ ଓ ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ। ଉତ୍ସବରେ ବାଲେଶ୍ୱର ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

ରବିବାର, ସେପ୍ଟେମ୍ବର ୧୭, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ନୀଳଗିରି ବ୍ଲକରେ ଚାଷୀ ତାଲିମ୍ ଓ ସଚେତନତା କର୍ମଶାଳା ଅନୁଷ୍ଠିତ

ନୀଳଗିରି , ୧୬/୦୯ (ନି.ପ୍ର): ନୀଳଗିରି ବ୍ଲକର ୨୫ଗୋଟି ପଞ୍ଚାୟତର ଅଗ୍ରଣୀ ଶହେ ଜଣ ଚାଷୀ ମାନଙ୍କୁ ନେଇ ଏକ ଚାଷୀ ତାଲିମ ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ବାଲେଶ୍ୱର ଉଦ୍ୟାନ କୃଷି ବିଭାଗ ଉପ ନିର୍ଦ୍ଦେଶକ ତପନ କୁମାର ମହାନ୍ତି ସଭାପତିତ୍ୱ କରିଥିବା ବେଳେ ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ କୃଷି ବିଭାଗ, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ, ଜଳବିଭାଜିକା ଏବଂ ମୃର୍ତ୍ତିକା ସଂରକ୍ଷଣ ବିଭାଗ ମିଳିତ ଆନୁକୁଲ୍ୟରେ ନୀଳଗିରି କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ କର୍ମଶାଳାରେ ଚାଷୀମାନଙ୍କୁ ତାଲିମ ପ୍ରଦାନ ସହିତ ସଚେତନ କରାଯାଇଥିଲା । ଆୟୋଜିତ କର୍ମଶାଳାରେ ଚାଷୀମାନେ ସମ୍ମନ୍ୱିତ ଉପାୟରେ ଚାଷ କଲେ ଅଧିକ ପରିମାଣରେ ଲାଭବାନ ହୋଇପାରିବେ ବୋଲି ଜିଲ୍ଲା ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ତପନ କୁମାର ମହାନ୍ତି ଚାଷୀ ମାନଙ୍କୁ ପରାମର୍ଶ ଦେଇଥିଲେ । ସରକାର ସମନ୍ୱିତ ପ୍ରଣାଳୀରେ ଚାଷ କରୁଥିବା ଚାଷୀ ମାନଙ୍କୁ ଋଣର ୭୦ ରୁ ୮୦ ଶତକଡା ହାରରେ ସବ୍ସିଡି ଦେଉଥିବାରୁ ଏହାର ଫାଇଦା ନେବାକୁ କହିଥିଲେ । ପ୍ରତ୍ୟେକ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଚାଷୀମାନଙ୍କୁ ଆତ୍ମନିର୍ଭରଶୀଳ ହୋଇ ଉନ୍ନତ ମାନର ଚାଷ କରିବାର ତାଲିମ ଦେଇଥିବା ବେଳେ ବିଭାଗ ପକ୍ଷରୁ ଦିଆଯାଉଥିବା ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ । ବିଶେଷ କରି ଚଳିତ ବର୍ଷ ମୃର୍ତ୍ତିକା ସଂରକ୍ଷଣ ବିଭାଗକୁ ବଜ୍ରପାତରୁ ଧନ ଜୀବନ ରକ୍ଷା କରିବା ପାଇଁ ଚାଷୀ ମାନଙ୍କୁ ତାଳଗଛ ଲଗାଇବା ପାଇଁ ପ୍ରୋତ୍ସାହିତ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଥିବା ଅଧିକାରୀ ମାନେ ସୂଚନା ଦେଇଥିଲେ । ଏହି କର୍ମଶାଳା ଶିବିରରେ ବ୍ଲକ ଅଧକ୍ଷା ଶ୍ରୀମତୀ ଶୁଭ ଲକ୍ଷ୍ମୀ ମାଝୀ ଉପସ୍ଥିତ ଥିବା ବେଳେ ବ୍ଲକ କୃଷି ଅଧିକାରିଣୀ ମିତାଲୀ ନାୟକ, ମତ୍ସ୍ୟବିଭାଗ ଅଧିକାରିଣୀ ପ୍ରିୟଙ୍କା ପୃଷ୍ଟି, ପଶୁସମ୍ପଦ ଅଧିକାରୀ ମୁକ୍ତିକାନ୍ତ ସେଠୀ, ନୀଳଗିରି ଉଦ୍ୟାନ କୃଷି ବିଭାଗ ଅଧିକାରୀ ଗୋପୀନାଥ କର, ଉଦ୍ୟାନ କୃଷି ସହ ଅଧିକାରିଣୀ ଇପ୍ସିତା ପାଣିଗ୍ରାହୀ, ସହାୟକ କୃଷି ଅଧିକାରୀ ପ୍ରଜ୍ଞାଶ୍ରୀ ଚାନ୍ଦ, ବିଓ ଶୁଭାଶିଷ ମହାପାତ୍ର ପରିଚାଳନାରେ ସହଯୋଗ କରିଥିବା ବେଳେ ପଚିଶ ଗୋଟି ପଞ୍ଚାୟତର ଅଗ୍ରଣୀ ଚାଷୀ, ସରପଞ୍ଚ, ସମିତି ସଭ୍ୟ, ଏମବିକେ ଯୋଗ ଦେଇଥିଲେ ।




## କଂଗ୍ରେସ ସେବାଦଳ ପକ୍ଷରୁ ଗାନ୍ଧୀ ଗୌରବ ସମ୍ମାନ ପ୍ରଦାନ

ଭୁବନେଶ୍ୱର, ୧୬/୦୯ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳ ପକ୍ଷରୁ, ଗାନ୍ଧୀ ମଣିଷ ଦୋଳ ଗୋବିନ୍ଦ ପ୍ରଧାନଙ୍କ ୫ମ ପୂଣ୍ୟତିଥି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ କଂଗ୍ରେସ ଭବନଠାରେ ପ୍ରଦେଶ କଂଗ୍ରେସ ସେବାଦଳର ଅଧକ୍ଷ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କଂଗ୍ରେସ ସେବାଦଳର ଅଖିଳ ଭାରତୀୟ ସଂଗଠକ, ଗାନ୍ଧୀବାଦୀ ବଳରାମ ସିଂହ ଭାଦୁରିଆ ଓ ବିପ୍ଲବୀ ଛାତ୍ର ନେତା ଅମୀୟ କୁମାର ମହାନ୍ତିଙ୍କୁ ଗାନ୍ଧୀ ଗୌରବ ସମ୍ମାନ-୨୦୨୩ରେ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଦୀପ ପ୍ରଜ୍ୱଳନ ପୂର୍ବକ, କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ବରିଷ୍ଠ କଂଗ୍ରେସ ନେତା ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ତଥା କେନ୍ଦ୍ର ମନ୍ତ୍ରୀ କାହ୍ନୁ ଚରଣ ଲେଙ୍କା କହିଲେ ଯେ ସ୍ୱର୍ଗତ ଦୋଳ ଗୋବିନ୍ଦ ପ୍ରଧାନ, ଅଷ୍ଟମ ଶ୍ରେଣୀରେ ପାଠ ପଢ଼ିବା ସମୟରେ ବାନର ସେନାରେ ଯୋଗଦେଇ ବ୍ରିଟିସ ସରକାରଙ୍କ ଦ୍ୱାରା ଦଣ୍ଡିତ ହୋଇ ୪ବର୍ଷ ବ୍ରହ୍ମପୁର ଜେଲରେ ଥିଲେ । ଜେଲ ଜୀବନରେ ଯାହା ଶିକ୍ଷା ଲାଭ କରିଥିଲେ, ଭାରତ ସ୍ୱାଧୀନ ହେବାପରେ ସେ ତାକୁ ତାଙ୍କ ନିଜ ଜନ୍ମମାଟିରେ ପ୍ରୟୋଗ କରିଥିଲେ ଓ ସଫଳ ରାଜନେତା ଭାବେ ସରପଂଚରୁ ମନ୍ତ୍ରୀ ହୋଇପାରିଥିଲେ । କଂଗ୍ରେସ ପ୍ରଚାର କମିଟି ଅଧକ୍ଷ ବିଜୟ କୁମାର ପଟ୍ଟନାୟକ ସ୍ମୃତିଚାରଣ କରି କହିଲେ ଯେ, କଂଗ୍ରେସ ସେବାଦଳ ସଂଗଠନ କଂଗ୍ରେସ ଦଳର ଆତ୍ମା, ଏଣୁ ପ୍ରତ୍ୟେକ ସେବାଦଳ ସୈନିକ, ଆଗାମୀ ନିର୍ବାଚନରେ ସେନାପତି ଭାବେ କାର୍ଯ୍ୟକରିବାକୁ ସେ ଆହ୍ୱାନ ଦେଇଥିଲେ ।

## ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟଙ୍କ ପ୍ରଶିକ୍ଷଣ

### କିଶୋର ନ୍ୟାୟ ଆଇନ୍ ଓ ଅଧିନିୟମ - ୨୦୨୧ ଶୀର୍ଷକ କର୍ମଶାଳା



ଭଦ୍ରକ, ୧୬/୦୯ (ନି.ପ୍ର): ଜିଲ୍ଲା ପୋଲିସ୍ କାର୍ଯ୍ୟାଳୟ , ଭଦ୍ରକ ପରିସରରେ ଏକଦିବସୀୟ ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ୍ ନିମନ୍ତେ କିଶୋର ନ୍ୟାୟ ଆଇନ ଓ ଅଧିନିୟମ-୨୦୨୧ ଶୀର୍ଷକ କର୍ମଶାଳା ଶିଶୁ ସୁରକ୍ଷା ୟୁନିଟର ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସଙ୍କ ସଞ୍ଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ମୁଖ୍ୟ ଅତିଥି ରୂପେ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଅନ୍ୟତମ ପ୍ରମୁଖ ଅତିଥିମାନଙ୍କ ମଧ୍ୟରେ ଶିଶୁ ମଙ୍ଗଳ କମିଟିର ଅଧକ୍ଷ ଡ଼ା. ଦେବରାଜ ପାଣିଗ୍ରାହୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟର ଅଧକ୍ଷା ପୁଷ୍ପଲତା ବାରିକ ସମେତ ବିଷୟ ବିଷାରଦରୂପେ କଟକ ଶିଶୁ ମଙ୍ଗଳ କମିଟିର ଅଧକ୍ଷ ତଥା ପୂର୍ବତନ ସହଯୋଗୀ ପ୍ରାଧାପକ ଜାତୀୟ ଆଇନ ମହାବିଦ୍ୟାଳୟ, କଟକର ପ୍ରମୋଦ କିଶୋର ଆଚାର୍ଯ୍ୟ ଯୋଗଦାନ କରି ଜିଲ୍ଲା ସ୍ତରରେ ଥିବା ଶିଶୁ ମଙ୍ଗଳ ପୋଲିସ୍ ୟୁନିଟର ଭୂମିକା, ଦାୟିତ୍ୱ ଓ ବିଭିନ୍ନ ଅଂଶୀଦାରମାନଙ୍କ ସହ ସହଭାଗିତାରେ ଶିଶୁ ଅନୁପଯୋଗୀ ପରିବେଶ ସୃଷ୍ଟିକରି ଶିଶୁମିତ୍ର ରୂପେ ଶିଶୁର ସାର୍ବଭୌମତ୍ୱ ସୁରକ୍ଷା, ଅଧିକାର ପାଇଁ କାର୍ଯ୍ୟ କରିବା ନିମନ୍ତେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ନିଜ ଅଭିଭାଷଣରେ ଶିଶୁର ସର୍ବାଙ୍ଗୀଣ ଉନ୍ନତି ଓ ଥଇଥାନ ଦିଗ ସହ ଶିଶୁ ମାନଙ୍କ ପାଇଁ ବିହୀତ ଆଇନର ସଦୁପଯୋଗ କରିବା ପାଇଁ କର୍ମଶାଳାରେ ଉଦ୍‌ବୋଧନ ଦେଇଥିଲେ । ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମହାନ୍ତି ପ୍ରାରମ୍ଭିକ ସୂଚନାରେ ବିଭିନ୍ନ ଅନୁଷ୍ଠାନରେ ଥିବା କର୍ମକର୍ତ୍ତାଙ୍କ ସହଯୋଗ କାମନା କରିଥିଲେ । କୌଣସି ପରିସ୍ଥିତିରେ ଶିଶୁ ନିର୍ଯ୍ୟାତନାର ଶିକାର ହେଲେ ସମସ୍ତେ ଦାୟିତ୍ୱବାନ୍ ହୋଇ ଅପରାଧରୁ ଶିଶୁଙ୍କୁ ସାମାଜିକ ସ୍ରୋତରେ ସାମିଲ କରିବା ପାଇଁ ପ୍ରେରଣା ଦେଇଥିଲେ । ଏତଦ୍‌ବ୍ୟତୀତ କିଶୋର ନ୍ୟାୟ ପରିଷଦର ସଦସ୍ୟ ବନମାଳି ଜେନା , ଲଳିତା ସାହୁ , ଶିଶୁ ମଙ୍ଗଳ କମିଟିର ସଦସ୍ୟ ନବୀନ ଚନ୍ଦ୍ର ସାହୁ , ଭାରତୀ ଦାଶ , ଅମର ବାରିକ, ସମେତ ଶିଶୁ ଅନୁଷ୍ଠାନର ଅଧିକ୍ଷକ, ପରାମର୍ଶଦାତା , ଆଇନଜୀବୀ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଶାଖାର ଅଣଆନୁଷ୍ଠାନିକ ଅଧିକାରିଣୀ ସ୍ୱାଗତିକା ବାରିକ, ମହେଶ ଚନ୍ଦ୍ର ଦାଶ , ଦମୟନ୍ତୀ ଦାଶ, ଚିନ୍ମୟ ପଣ୍ଡା , ସୁଦର୍ଶନ ବାଦ୍ରା , ଧିରଜ ବାରିକ ସମେତ , ଅରବିନ୍ଦ ସେଠୀ, ତଥାଗତ ଜେନା, ଲିପିକା ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ପରିଶେଷରେ ଆନୁଷ୍ଠାନିକ ଅଧିକାରୀ ବିଶ୍ୱନାରାୟଣ ପଣ୍ଡା ଧନ୍ୟବାଦ ଦେଇଥିଲେ ।

## ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୬ ତମ ଶୁଭ ଆର୍ବିଭାବ ଦିବସ ପାଳିତ



ଜଳେଶ୍ୱର ୧୬/୯(ନିପ୍ର): ଆଜି ସମଗ୍ର ଦେଶ ଓ ଆନ୍ତର୍ଜାତୀୟ ସ୍ତରରେ ଆଧ୍ୟାତ୍ମିକ ଚିନ୍ତା ଚେତନର ଅନ୍ୟଜଣେ ପରମପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୬ ତମ ଶଭ ଆର୍ବିଭାବ ଦିବସ ପାଳନ ହେଉଥିବା ବେଳେ ଜଳେଶ୍ୱରସ୍ଥିତ ସତ୍‌ସଂଗ ବିହାର ପରିସରରେ ମହାଆଡମ୍ବରରେ ପାଳିତ ହୋଇଛି । ସହପ୍ରତିରିତିକ ମୂରଲୀଧର ଦାସ, ଯାଜକ ଶ୍ରୀମନ୍ତ ଘୋଷ, ଜଳନ୍ଧର ସାହୁ ଓ ହରିପଦ କରଙ୍କ ଆହ୍ୱାନରେ ମନ୍ଦିର ପରିସରରେ ବର୍ଣ୍ଣଢ୍ୟ ଉତ୍ସବ ଅନୁଷ୍ଠିତ ହୋଇଛି । ସାଧାରଣ ସଭାରେ ଶ୍ରୀଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ କର୍ମମୟ ଜୀବନ, ଆଧ୍ୟାତ୍ମିକ ଚିନ୍ତା ଚେତନ ଏବଂ ତାଙ୍କ ପରିବାରର ପ୍ରତ୍ୟେକ ବ୍ୟକ୍ତିଙ୍କର କର୍ତ୍ତବ୍ୟ, ସମାଜ ପରିବର୍ତ୍ତନ ଓ ପ୍ରତ୍ୟେକେ ଭଗବାନଙ୍କ ସାନିଦ୍ଧ କରିବାଲାଗି ଉପଦେଶ ଦେଇଥିବା କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା ହୋଇଥିଲା । ସହରିତିପ୍ରତିକ କେଦାର ନାଥ ମହାନ୍ତିଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ ଅଧ୍ୟକ୍ଷ ପରିମଳ ରଂଜନ ଭୂୟାଁ, ଗଣେଶ ଚନ୍ଦ୍ର ଜେନା, ରାସବିହାରୀ ଚକ୍ରବର୍ତ୍ତୀ, କାହ୍ନୁଚରଣ ମହାନ୍ତି, ସନ୍ତୋଷ କୁମାର ଜେନା, ଭୂବନାନନ୍ଦ ରାଉଳ, ସାନ୍ତନୁ ସେନାପତି ଓ ଗୋପାଳ ସେନାପତି ପ୍ରମୁଖ ଶ୍ରୀଶ୍ରୀ ଠାକୁରଙ୍କ ଅଲୌକିକ ଦିବ୍ୟଚେତନା ସଂପର୍କରେ କହିଥିଲେ । ଭୋର ୫ଟା୩୧ରେ ପ୍ରାତଃ ବିନତୀ, ଅମର ସତ୍‌ସଙ୍ଗ, ଗ୍ରନ୍ଥ ପାଠ, ସମବେତ ପ୍ରାର୍ଥନା, ମାତୃ ସମ୍ମିଳନୀ ଓ ସଂଗିତାଞ୍ଜଳୀ ଅନୁଷ୍ଠିତ ହୋଇଥିଲା । ଓଡିଶା ଓ ପଶ୍ଚିମବଂଗର ବିଭିନ୍ନ ସ୍ଥାନରୁ ଗୁରୁ ଭାଇ, ଶ୍ରଦ୍ଧାଳୁ ଓ ଅନୁକୂଳ ପ୍ରେମୀମାନେ ଉପସ୍ଥିତ ହୋଇଥିଲେ ।

## ୨୨ମାସ ବିତିଲା: ହେଲେ ମିଳିଲାନି ବିପର୍ଯ୍ୟୟ ସହାୟତା ରାଶି

ଖଇରା, ୧୬/୦୯ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ କୁରୁଣ୍ଟା ପଞ୍ଚାୟତ ଅଧୀନ ମିରିପୁର ଖଇରା ଗ୍ରାମର ଦାଶରଥି ଶିଅଳଙ୍କ ୨ବର୍ଷ ଶିଶୁକନ୍ୟା ବର୍ଷାରାଣୀ ପାଣିରେ ପଡି ମରିବା ୨୨ମାସ ହୋଇ ଗଲାଣି । ହେଲେ ସରକାରଙ୍କ ତରଫରୁ ମିଳିବାକୁ ଥିବା ବିପର୍ଯ୍ୟୟ ସହାୟତା(ଏକ୍ସ ଗ୍ରାସିଆ) କୁ ଚାହିଁ ଚାହିଁ ମାବାପାଙ୍କ ଆଖିରୁ ଲୁହ ଶୁଖିଗଲାଣି ।ସମସ୍ତ ପ୍ରମାଣପତ୍ର ଦାଶରଥି ଜମା କରି ସାରିଥିଲେ ହେଁ ଭୁବନେଶ୍ୱର ଫରେନ୍ସିକ ଲ୍ୟାବରୁ ଭିସରା ରିପୋର୍ଟ ଆସିବାରେ ବିଳମ୍ବ ଏହି ପ୍ରାକୃତିକ ବିପର୍ଯ୍ୟୟ ସହାୟତା ମିଳିବାରେ ବାଧକ ସାଜିଛି । ସହାୟତା ରାଶି ମିଳୁନଥିବା ଯୋଗୁଁ ସରକାରୀ ବିଧିବ୍ୟବସ୍ଥାକୁ ନେଇ ମିରିପୁର ଖଇରା ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି । ୨୦୨୧ମସିହା ନଭେମ୍ବର ୧୧ତାରିଖରେ ଅପରାହ୍ନରେ ବର୍ଷା ଖେଳୁଥିବା ବେଳେ ବାଡି ପୋଖରୀରେ ବୁଡିଯାଇ ପ୍ରାଣ ହରାଇଥିଲେ । ସିମୁଳିଆ ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା(୩୧/୨୧)ସରକାରୀ ନିୟମ ଅନୁଯାୟୀ ଏଭଳି ମୃତ୍ୟୁ ପ୍ରାକୃତିକ ବିପର୍ଯ୍ୟୟ ମୃତ୍ୟୁ ତାଲିକାରେ ଆସୁଥିବାରୁ ଆର୍ଥୀକ ସହୟତାର ପ୍ରଦାନର ନିୟମ ରହିଛି । ହେଲେ ୨୨ମାସ ଅତିକ୍ରାନ୍ତ ହୋଇ ଯାଇଥିଲେ ହେଁ ଦାସରଥି ଦୌଡି ଦୌଡି ନୟାନ୍ତ ହୋଇ ସାରିଲେଣି । ଖଇରା ତହସିଲଦାର ପ୍ରଶାନ୍ତ ମହାରଣାଙ୍କୁ ଯୋଗାଯୋଗ କରିବାରେ ସମସ୍ତ କାର୍ଯ୍ୟ ସରିଛି । ଫରେନ୍ସିକ ଲ୍ୟାବରୁ ଅର୍ଥ ଆସିବା ମାତ୍ରେ ତାଙ୍କୁ ସହାୟତା ରାଶି ମିଳିଯିବ ବୋଲି କହିଛନ୍ତି ।

## ଦୃଷ୍ଟାନ୍ତ ପାଲଟିଛି ବ୍ରଜରାଜ ନଗରର ମା’ ରାମଚଣ୍ଡି ପୀଠ

### ଗୁମ୍ଫା ମଧ୍ୟରେ ନାହିଁ ପାନୀୟ ଜଳ ବ୍ୟବସ୍ଥା, କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ହେଉଛି ଦାବି

ଉଦଳା , ୧୬/୦୯ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାର ବ୍ରଜରାଜନଗର ପୌରାଚଂଳ ଅନ୍ତର୍ଗତ ମା’ ରାମଚଣ୍ଡି ପୀଠ ଏକ ଦର୍ଶନୀୟ ସ୍ଥାନ ଅଟେ । ସୁନ୍ଦର ପ୍ରାକୃତିକ ପରିବେଶ ସାଙ୍ଗକୁ ମା’ ରାମଚଣ୍ଡିଙ୍କ ଦର୍ଶନ ପାଇଁ ପ୍ରତିଦିନ ଏଠାକୁ ଶହ ଶହ ସଂଖ୍ୟାରେ ଭକ୍ତ ମାନେ ଆସିଥାନ୍ତି । ‘ଇବ’ ଓ ‘ଭେଡ଼େନ’ ନଦୀର ସଂଗମ ସ୍ଥଳରେ ନୌକା ବିହାରର ମଜା ନେବା ସହିତ ଗୁା ମଧ୍ୟରେ ପୂଜା ପାଉଥିବା ମା’ ରାଚଣ୍ଡିଙ୍କ ବିଗ୍ରହ ଦର୍ଶନରେ ଏଠାରେ ରହିଛି ଏକ ନିଆରା ଆନନ୍ଦ । ସବୁଠାରୁ ବଡ଼କଥା ହେଲା ଏହାକୁ ପର୍ଯ୍ୟଟନକ୍ଷେତ୍ର ନୁହେଁ, ଏକ ଆଧାତ୍ମିକ ପୀଠ ଭାବରେ ପରିବେଶଟିକୁ ସଜଡ଼ା ଯାଇଥିବାରୁ ଭିନ୍ନ ସ୍ୱାଦର ଆନନ୍ଦ ଏଠାରେ ଉପଲବ୍ଧ ହୋଇଥାଏ । ଏଥିପାଇଁ ସବୁଯାକ ଶ୍ରେୟ ଏଠାରେ ସେବାୟତ ଭାବରେ କାର୍ଯ୍ୟରତ ଥିବା ବ୍ୟକ୍ତି ବିଶେଷଙ୍କୁ ଦିଆଯାଇଥାଏ । ଅନେକ ସ୍ଥାନରେ ଥିବା ଦେବାଦେବୀ ପୀଠ ମାନଙ୍କର କେବଳ ନିର୍ଦ୍ଧିଷ୍ଟ ଗୋଟିଏ ଜାତିର ଲୋକଙ୍କୁ ସେବାୟତ ଭାବରେ ଦେଖିବାକୁ ମିଳୁଥିବା ବେଳେ ଏଠାରେ ବ୍ରାହ୍ମଣ, କ୍ଷତ୍ରୀୟ, ବନବାସୀ ଇତ୍ୟାଦି ସବୁ ବର୍ଗର ଲୋକଙ୍କୁ ସେବାୟତ ଭାବରେ ଦେଖିବାକୁ ମିଳିଥାଏ । କାର୍ଯ୍ୟରତ ସେବାୟତ ମାନଙ୍କର କହିବାନୁସାରେ ମା’ ରାମଚଣ୍ଡିଙ୍କ ନଜରରେ ଜାତି, ଧର୍ମ ନିର୍ବିଶେଷରେ ସବୁ ମଣିଷ ସମାନ । ସମସ୍ତେ ତାଙ୍କର ସନ୍ତାନ ଅଟନ୍ତି । ତେଣୁ ସେବାୟତ ନିଯୁକ୍ତି କ୍ଷେତ୍ରରେ ପାତର ଅନ୍ତର ସେ କରିବେ କାହିଁକି ? ବହୁ ଜନ୍ମର ତପସ୍ୟା କରିଥିଲେ ମା’ ରାମଚଣ୍ଡିଙ୍କ ସେବକ ହେବାର ସୌଭାଗ୍ୟ ମିଳିଥାଏ, ଏପରି ଏକ ଭାବନା ସ୍ଥାନୀୟ ଲୋକଙ୍କ ମଧ୍ୟରେ ରହିଛି । ସେବାୟତ ମାନେ ଏଠାକାର ପରିବେଶକୁ ଏତେ ମାତ୍ରାରେ ପ୍ରଭାବିତ କରୁଥିବା ବେଳେ, ସେମାନଙ୍କୁ କୌଣସି ପାରିଶ୍ରମିକ ମିଳେ ନାହିଁ । ଏଠାକୁ ଆସୁଥିବା ଭକ୍ତ ମାନେ ଯେଉଁ ଦାନ ଦକ୍ଷିଣା ଦିଅନ୍ତି ସେତିକିରେ ସେମାନେ ତାଙ୍କର ଗୁଜୁରାଣ ମେଂଟାଇଥାନ୍ତି । ଖାଲି ସେତିକି ନୁହେଁ , ଗୁା ମଧ୍ୟରେ ଯେଉଁଠି ମା’ ରାମଚଣ୍ଡି ପୂଜା ପାଉଛନ୍ତି ସେଠାରେ କୌଣସି ପାନୀୟ ଜଳର ବ୍ୟବସ୍ଥା ନାହିଁ । ଏଠାରେ ଭକ୍ତ ଓ ସେବାୟତ ସମସ୍ତେ ବାଧ ହୋଇ ନଦୀ ଜଳକୁ ପାନୀୟ ରୂପେ ବ୍ୟବହାର କରିଥାନ୍ତି । ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ବହୁ ସାମାଜିକ କର୍ମୀ ଦାବୀ ଜଣାଇଛନ୍ତି ।



## ବାଲେଶ୍ୱର ଜିଲ୍ଲା କୋର୍ଟ ନିର୍ମାଣ ଘେନି ମନ୍ତ୍ରୀଙ୍କ ସହ ଆଲୋଚନା

ବସ୍ତା, ୧୬/୦୯ (ନି.ପ୍ର): ବାଲେଶ୍ୱର ଜିଲା ଜଜ କୋର୍ଟ ନିର୍ମାଣ ପ୍ରସଙ୍ଗରେ ଆଜି ବସ୍ତା ସ୍ଥିତ ବାହାର୍ଦା ଡାକ ବଂଗଲା ଠାରେ ଅବକାରୀ, ପର୍ଯ୍ୟଟନ, ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କୁ ଆଇନଜୀବିମାନେ ସ ସାକ୍ଷାତ କରି ଆଲୋଚନା କରିଥିଲେ । ଜିଲ୍ଲାର ନୂତନ ଜିଲ୍ଲା ଜଜ୍ ଙ୍କ କ୍ୟାମ୍ପସ୍ ନିର୍ମାଣ ହେବା ନେଇ ବିଭିନ୍ନ ପ୍ରସ୍ତାବ ରଖିଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟଳୟ ପାଖାପାଖି ସମସ୍ତ ଜନସାଧାରଣଙ୍କ ସୁବିଧା ପାଇଁ ଏକ ଉପଯୁକ୍ତ ସ୍ଥାନ ଚିହ୍ନଟ କରି ତାହା କରିବା ପାଇଁ ମନ୍ତ୍ରୀଙ୍କୁ ନିବେଦନ କରାଯାଇଥିଲା । ଖୁବ୍ ଶୀଘ୍ର ବାଲେଶ୍ୱର ଓକିଲ ସଂଘର ନିର୍ବାଚିତ ପ୍ରତିନିଧି ମାନେ ମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି ଆଇନଜିବୀ ମାନେ ମନ୍ତ୍ରୀଙ୍କୁ ସୁଚନା ଦେଇ ଥିଲେ ।ଏହି ଆଲୋଚନାରେ ବସ୍ତା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟର ସରକାରୀ ଓକିଲ ଜିତେନ୍ଦ୍ର ଉପାଧ୍ୟାୟ,ବରୀଷ୍ଠ ଓକିଲ ହୃଦାନନ୍ଦ ବାରିକ,ସରକାରୀ ଓକିଲ ସୁଦର୍ଶନ ଦାସ, ଓକିଲ ଦୀପେଶ୍ ପାଲ୍, ସତ୍ୟ ସୁନ୍ଦର ନାୟକ,ମୋହରିର୍ ଗଜେନ୍ଦ୍ର ଜେନା, ଶ୍ରୀପତି ରାଉଳ ପ୍ରମୁଖ ଉପସ୍ଥିତ ରହି ଅଲୋଚନା କରିଥିଲେ ।

## ଡିଭାଇନରେ ଇଞ୍ଜିନିୟର୍ସ ଦିବସ ପାଳିତ

ବାରିପଦା , ୧୬/୦୯ (ନି.ପ୍ର): ବାରିପଦାରେ ଅବସ୍ଥିତ ଉତ୍ତର ଓଡିଶାର ଅଗ୍ରଣୀ ବୈଷୟକ ଶିକ୍ଷା ଅନୁଷ୍ଠାନ ଡିଭାଇନ୍ ଇନଷ୍ଟିଚ୍ୟୁଟ୍ ଅଫ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି ରେ ଇଞ୍ଜିନିୟର୍ସ ଦିବସ ପାଳିତ ହୋଇଯାଇଛି । ପ୍ରାରମ୍ଭ ରେ ଭାରତ ରତ୍ନ ସାର ମୋକ୍ଷ୍ୟଗୁଣ୍ଡମ ବିଶ୍ୱେସରାୟାଙ୍କ ଫୋଟ ଚିତ୍ରରେ ମାଲ୍ୟାର୍ପଣ କରିବା ସହ ସ୍ମୃତି ଚାରଣ କରଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାରିପଦା ସର୍କଲ ଟାଟା ପାୱାରର ମୁଖ୍ୟ ଅଧକ୍ଷ ଇଞ୍ଜିନିୟର ଇଂ ହରିଶ ଚନ୍ଦ୍ର ପଣ୍ଡା ଯୋଗଦେଇ ପିଲାଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ଇଂ ବିପ୍ଲବ ଭଞ୍ଜନ ବୁଗୁଡାଇ ଛାତ୍ର-ଛାତ୍ରୀ ମାନଙ୍କୁ ନିଷ୍ଠା, ଧର୍ଯ୍ୟ ଓ ସାଧନା ବଳରେ ସ୍ୱପ୍ନକୁ ସାକାର କରିବାକୁ ଆହ୍ୱାନ ଦେଇଥିଲେ । ଅଧକ୍ଷ ଇଂ ଅଭିନ୍ନ କୁମାର ଦାସ, ଉପାଧକ୍ଷ ତଥା ମେକାନିକାଲ ବିଭାଗୀୟ ମୁଖ୍ୟ ଇଂ ପ୍ରକାଶ ଚନ୍ଦ୍ର ଶା, ଇଲେକ୍ଟ୍ରିକାଲ ବିଭାଗୀୟ ମୁଖ୍ୟ ଇଂ ସିପ୍ରା ପାତ୍ର, ସିଭିଲ ବିଭାଗୀୟ ମୁଖ୍ୟ ଇଂ ସୌରଭ ରଞ୍ଜନ ଗିରି, ଇଲେକ୍ଟ୍ରିକାଲ ଓ ମେକନିକାଲ ବିଭାଗୀୟ ମୁଖ୍ୟ ଇଂ ଆଶୀର୍ବାଦ ସ୍ୱାଇଁ ଓ ବିଜ୍ଞାନ ଓ ମାନବିକ ବିଭାଗୀୟ ମୁଖ୍ୟ ବିଶ୍ୱ ରଞ୍ଜନ ମହାନ୍ତ ଏବଂ ମିସ ଅଲିଭା ସତାବ୍ଦୀ ପ୍ରମୁଖ ଛାତ୍ର- ଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ଚନ୍ଦ୍ରୟାନ-୩ ପାଇଁ ଆୟାଜିତ ହୋଇଥିବା ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରଯାଇଥିଲା ।




## ଧାରଣାରେ ବସିଥିବା ଶିକ୍ଷକଙ୍କୁ ଭେଟିଲେ ଭାଜପା ମୁଖପାତ୍ର

ଖଇରା, ୧୬/୦୯ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବ୍ଲକ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ସରକାରୀ ଶିକ୍ଷକ ମାନେ ୩ଦଫା ଦାବୀ ପୁରଣ ପାଇଁ ୭ଦିନ ଧରି ଧାରଣାରେ ବସିଛନ୍ତି । ଧାରଣାକାରୀଙ୍କ ସମର୍ଥନରେ ଆଗେଇ ଆସିଛନ୍ତି ରାଜ୍ୟ ଭାଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସ ।ଶନିବାର ପୁର୍ବାହ୍ନରେ ସେ ଧାରଣାସ୍ଥଳକୁ ଯାଇ ଶିକ୍ଷକ ନେତା ମାନଙ୍କ ସହ ଆଲୋଚନା କରିବା ପରେ ସମସ୍ତ ଦାବୀକୁ ସମର୍ଥନ ଜଣାଇ ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ତୁରନ୍ତ ଏହାକୁ ପୁରଣ କରିବାକୁ ଗଣମାଧ୍ୟମ ଜରିଆରେ ସରକାରଙ୍କୁ ଜଣାଇଛନ୍ତି । ସୁପ୍ରିମକୋର୍ଟ ସମାନକାମକୁ ସମାନ ଦରମା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ସରକାରଙ୍କ ଏହାକୁ ଗୁରୁତ୍ୱ ନେବା,ଠିକାପ୍ରଥା ଉଠିଗଲା ବୋଲି ବୋଲି କହି ପୁଣି ଠିକାରେ ନିଯୁକ୍ତିକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ । ଏଭଳି କି ନିଜେ ଅବିଭାବକ ମାନଙ୍କୁ ନେଇ ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି ।

## ଜେସି କଲୋନୀରେ ବନ୍ଦର ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ପାରାଦୀପ , ୧୬/୦୯ (ନି.ପ୍ର): ପାରାଦୀପ ବନ୍ଦର ଜଗନ୍ନାଥ କଲୋନୀ(ଜେସି) ପକ୍ଷରୁ ଏକ ବନ୍ଧୁ ମିଳନ ଓ ବନ୍ଦରର ଅବସରପ୍ରାପ୍ତ ବର୍ଥୀଙ୍ଗ ମାଷ୍ଟର ଗୋଲକ ଚନ୍ଦ୍ର ପ୍ରଧାନଙ୍କୁ ବିଦାୟକଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କଲୋନୀର ସଭାପତି ଡା. ଦୁର୍ଗା ପ୍ରସାଦ ସେଠୀଙ୍କ ତତ୍ୱାବଧାନ ଓ ସଦସ୍ୟ ଏ.କେ. ବେହେରା, ଜର୍ଜ ପଲ ରବିନସନ, ସ୍ୱଦେଶ ସୁବ୍ରତ ଦାସ, ଏସ.କେ.ରମଜାନ, ଗୁଣନିଧି ଚୌଧୁରୀ, କ୍ୟାପଟେନ୍ ପି.କେ.ଦଳାଇ, ରମାକାନ୍ତ ନାୟକ, ଧୁନ ତରାଇ, ବିବେକାନନ୍ଦ ସ୍ୱାଇଁ, ନିରସ୍ତ୍ରଥ ପ୍ରମୁଖଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଅଧିକାରୀ ଶ୍ରୀ ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯିବା ସହ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଉପସ୍ଥିତ ସମସ୍ତ କଲୋନୀ ବାସିନ୍ଦା ମାନେ ଶ୍ରୀ ପ୍ରଧାନଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ ଏବଂ ସେଠାରେ ଏକ ଭାବବହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା । ଶେଷରେ ସମସ୍ତଙ୍କ ପାଇଁ ନୈଶ୍ୟ ଭୋଜିର ଆୟୋଜନ କରାଯାଇଥିଲା ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo